

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-108 ◆SUNDAY ◆11 OCTOBER 2026 ◆PAGE-12+4 ◆₹ 7.00 | BHUBANESWAR | ◆ବର୍ଷ-୪୪ ◆ସଂଖ୍ୟା-୧୦୮ ◆ରବିବାର ◆୧୧ ଅକ୍ଟୋବର ୨୦୨୬ ◆ପୃଷ୍ଠା-୧୨+୪(ସିନ୍ଦୂରା) ◆ଟ.୭.୦୦









ସକାଳ THE SAKALA
www.sakalaepaper.com

## ବିଶେଷ ଟିପ୍ପଣୀ



ଦେଶରେ ଗଣତନ୍ତ୍ରର ସୁରକ୍ଷା ନିମିତ୍ତ ଶାସକ ଦଳ ଦ୍ୱାରା ଭୋଟଚୋରି ବିରୋଧରେ ପ୍ରତ୍ୟେକ ଭାରତୀୟଙ୍କୁ ସୋମବାର ଦିଲ୍ଲୀ ପ୍ରତିବାଦରେ ଯୋଗଦେବାକୁ ନିବେଦନ କରୁଛୁ। ଭାରତର ସାଂସଦ, ନେତା, କର୍ମୀ ଏବଂ ସଚେତନ ନାଗରିକ ମାନ୍ୟବର ମୁଖ୍ୟ ବିଚାରପତିଙ୍କୁ ହସ୍ତକ୍ଷେପ ନିମନ୍ତେ ସ୍ମାରକପତ୍ର ପ୍ରଦାନ କରିବେ। ଜ୍ଞାନେଶଙ୍କୁ ଯିବାକୁ ହିଁ ପଡିବ, ଏହାର ଅନ୍ୟ ବିକଳ୍ପ ନାହିଁ।

*-କେସି ଭେନୁଗୋପାଳ (କଂଗ୍ରେସ ସାଂସଦ)*



ଭାରତର ବାସ୍ତବତା: ଚୀନ୍‌ର କେବଳ ୨ଟି ବିଶ୍ୱବିଦ୍ୟାଳୟର ବାର୍ଷିକ ଖର୍ଚ୍ଚ ଭାରତ ସରକାରଙ୍କ ସମଗ୍ର ଉଚ୍ଚଶିକ୍ଷା ମନ୍ତ୍ରଣାଳୟ ବଜେଟ୍ ଠାରୁ ଅଧିକ।

*-ରାଜଦୀପ ସରଦେଶାଇ (ବରିଷ୍ଠ ସାମ୍ବାଦିକ)*

## ଜେନ୍ Z

ଜର୍ମାନୀରେ ହିଟଲର ଯାହା କରିଥିଲେ, ବର୍ତ୍ତମାନର ସରକାର ଏବେ ଭାରତରେ ତାହା କରିଛନ୍ତି। ଲୋକଙ୍କ ଭିତରେ ଏତେ ବିଷ ସଞ୍ଚରି ଗଲାଣି ଯେ କିଛି ଲୋକ ଅନ୍ୟମାନଙ୍କୁ ଜୀବନ୍ତ ଗିଳି ଦେବାକୁ ଉଦ୍ୟତ। ସରକାର ଯୁବପିଢ଼ିକୁ ଏକ ଟାଇମ୍ ବମ୍‌ରେ ପରିଣତ କରିଛନ୍ତି।

-ରାଜଶେଖର ବର୍ମା @shekhar_br02

## ସମାଲୋଚନା କଲେ ଥରୁର୍

ନୂଆଦିଲ୍ଲୀ, ୧୦।୧୦(ଏଜେନ୍ସି): ଦିଲ୍ଲୀର ଯନ୍ତରମନ୍ତରଠାରେ କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ପ୍ରତିବାଦ ପୂର୍ବରୁ ରାଜଧାନୀରେ ଲାଗୁ ହୋଇଥିବା କଟକଣାକୁ ନେଇ କଂଗ୍ରେସ ସାଂସଦ ଶଶି ଥରୁର ତୀବ୍ର ସମାଲୋଚନା କରିଛନ୍ତି। ନିର୍ବାଚନର



ସ୍ୱଚ୍ଛତା ନେଇ ପ୍ରଶ୍ନ ଉଠାଉଥିବା ନାଗରିକଙ୍କୁ ସରକାର ଉତ୍ତର ଦେବା ପରିବେର୍ତ୍ତ କଟକଣା ଲଗାଇବା ଉଚିତ ନୁହେଁ ବୋଲି ସେ କହିଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଥରୁର ଲେଖିଛନ୍ତି, ନିର୍ବାଚନର ନିରପେକ୍ଷତା ଉପରେ ଆତ୍ମବିଶ୍ୱାସ ଥିବା ସରକାର ଲୋକଙ୍କ ପ୍ରଶ୍ନକୁ ସ୍ୱାଗତ କରିବା ଉଚିତ। ପ୍ରଶ୍ନକୁ ଏଡ଼ାଇବା ପାଇଁ ରାଜଧାନୀକୁ ଦୁର୍ଗରେ ପରିଣତ କରିବା ଦ୍ୱାରା ସନ୍ଦେହ ଆହୁରି ବଢ଼ିବ। ସରକାର ଲାଠି ବଦଳରେ ଉତ୍ତର ଏବଂ ଦମନ ବଦଳରେ ଅଭିବ୍ୟକ୍ତିର ସୁଯୋଗ ଦେବା ଦରକାର ବୋଲି ସେ ମତ ଦେଇଛନ୍ତି। ରାଜଧାନୀରେ ଅସାଧାରଣ କଟକଣା ଲାଗୁ ହୋଇଥିବା ଉଲ୍ଲେଖ କରି ଥରୁର କହିଛନ୍ତି, ରାସ୍ତାରେ ବାରମ୍ବାର ଯାଞ୍ଚ, କଂକ୍ରିଟ୍ ବ୍ୟାରିକେଡ୍ ଓ ଲୁହା କଣ୍ଟାଯୁକ୍ତ ପ୍ରତିବନ୍ଧକ ଲଗାଯାଇଛି। ପ୍ରାୟ ୨୨ ହଜାର ପୁଲିସ ଓ ଅର୍ଦ୍ଧସାମରିକ ବଳ ମୁତୟନ ସହ ୨୫୦ଟି ଟ୍ରେନ୍ ବାତିଲ ଏବଂ ୪୫ଟି ମେଟ୍ରୋ ଷ୍ଟେସନ ବନ୍ଦ ଥିବା ସେ ଦାବି କରିଛନ୍ତି। ଇଣ୍ଟରନେଟ୍ ସେବା ବନ୍ଦ ଓ ଯନ୍ତରମନ୍ତରକୁ ଯିବା ରାସ୍ତାରେ କଟକଣାକୁ ସେ 'ପ୍ରତିକ୍ରିୟାଶୀଳ' ବୋଲି କହିଛନ୍ତି। ମହିଳାଙ୍କ ସୁରକ୍ଷା ପାଇଁ ଏଭଳି ତତ୍ପରତା କାହିଁକି ଦେଖାଯାଉନାହିଁ ବୋଲି ମଧ୍ୟ ସେ ପ୍ରଶ୍ନ ଉଠାଇଛନ୍ତି।

## ସମର୍ଥନ କଲେ ମଞ୍ଜରେକର

ନୂଆଦିଲ୍ଲୀ,୧୦।୧୦(ଏଜେନ୍ସି): ଦିଲ୍ଲୀରେ କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ପ୍ରସ୍ତାବିତ ପ୍ରତିବାଦ ପୂର୍ବରୁ ପୁଲିସର କାର୍ଯ୍ୟାନୁଷ୍ଠାନକୁ ନେଇ ମତ ରଖିଛନ୍ତି ପୂର୍ବତନ ଭାରତୀୟ କ୍ରିକେଟର ସଞ୍ଜୟ ମଞ୍ଜରେକର। ଶାନ୍ତିପୂର୍ଣ୍ଣ ପ୍ରତିବାଦ ଗଣତାନ୍ତ୍ରିକ ବ୍ୟବସ୍ଥାର ଏକ ଅଂଶ ବୋଲି ସେ କହିଛନ୍ତି। ଶନିବାର 'ଏକ୍ସ'ରେ ସେ ଲେଖିଛନ୍ତି, 'ଶାନ୍ତିପୂର୍ଣ୍ଣ ପ୍ରତିବାଦ ଏକ ଗଣତାନ୍ତ୍ରିକ କାର୍ଯ୍ୟକଳାପ। ମୋର ଶେଷ ଧାରଣା ଅନୁସାରେ, ଭାରତ ଏକ ଗଣତାନ୍ତ୍ରିକ ଦେଶ।' ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ସିଜେପି ପକ୍ଷରୁ 'ଯନ୍ତରମନ୍ତର ୨.୦' ନାମରେ ଏହି ପ୍ରତିବାଦ ଡାକରା ଦିଆଯାଇଥିଲା। ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍)ରେ ଅନିୟମିତତା ହୋଇଥିବା ଦଳ ଅଭିଯୋଗ କରିଛି। ତେବେ ସୁରକ୍ଷା, ଯାତାୟାତ ପରିଚାଳନା ଓ ଆଇନଶୃଙ୍ଖଳା ସମସ୍ୟା ଆଶଙ୍କା ଦର୍ଶାଇ ଦିଲ୍ଲୀ ପୁଲିସ ଏହି ପ୍ରତିବାଦକୁ ଅନୁମତି ଦେଇନଥିଲା। ପ୍ରତିବାଦ ସମୟରେ ଆକାଶବାଣୀ ଭବନ ନିକଟରେ ପଥରମାଡ଼ ହୋଇଥିବା ଖବର ମିଳିଛି। ଏଥିରେ ଦୁଇଜଣ ପୁଲିସ କର୍ମଚାରୀ ଆହତ ହୋଇଥିବାବେଳେ ପରିସ୍ଥିତି ନିୟନ୍ତ୍ରଣ ପାଇଁ ପୁଲିସ ଅନେକ ପ୍ରତିବାଦକାରୀଙ୍କୁ ଅଟକ ରଖିଥିଲା।

## ଏମର୍ଜେନ୍ସି କହିଲେ କେଜ୍ରିୱାଲ

ନୂଆଦିଲ୍ଲୀ,୧୦।୧୦(ଏଜେନ୍ସି): ଦିଲ୍ଲୀର ଯନ୍ତରମନ୍ତରଠାରେ କକ୍ରୋଚ୍ ପାର୍ଟି (ସିଜେପି)ର ପ୍ରତିବାଦକୁ ରୋକିବା ପାଇଁ ରାଜଧାନୀରେ କରାଯାଇଥିବା କଡ଼ା ସୁରକ୍ଷା ବ୍ୟବସ୍ଥା ଓ ଦଳର ନେତାମାନଙ୍କୁ ଅଟକ ରଖାଯିବା ଘଟଣାକୁ ନେଇ ଆମ୍ ଆଦମୀ ପାର୍ଟି (ଆପ୍) ଆବାହକ ଅରବିନ୍ଦ କେଜ୍ରିୱାଲ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ଦିଲ୍ଲୀର ସ୍ଥିତିକୁ ଜରୁରୀକାଳୀନ ପରିସ୍ଥିତିଠାରୁ ମଧ୍ୟ ଖରାପ ବୋଲି କହି ସେ ଏହାକୁ ଏକଛତ୍ରବାଦର ଉଦାହରଣ ଭାବେ ବର୍ଣ୍ଣନା କରିଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ କେଜ୍ରିୱାଲ ଲେଖିଛନ୍ତି, 'ଏହା ଜରୁରୀକାଳୀନ ପରିସ୍ଥିତିଠାରୁ ବି ଖରାପ। ଆମେ ମୋଦୀଙ୍କ ଏକଛତ୍ରବାଦ ଶାସନରେ ରହୁଛୁ। ବିମାନ ଭିତରୁ ହିଁ 'କକ୍ରୋଚ୍'ମାନଙ୍କୁ ଅଟକ ରଖିବା ଅଭୂତପୂର୍ବ ଭୟର ପରିଚୟ ଦେଉଛି।' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିର୍ବାଚନରେ ଭୋଟ୍ ଚୋରି କରି କ୍ଷମତାକୁ ଆସିଥିବା ଏବଂ ଏବେ ଗଣତନ୍ତ୍ରକୁ ଦମନ କରି ଏହାକୁ ଘୋଡ଼ାଇବାକୁ ଉଦ୍ୟମ କରୁଥିବା କେଜ୍ରିୱାଲ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ, ସିଜେପିର ପ୍ରତିବାଦ ପୂର୍ବରୁ ଦିଲ୍ଲୀ ପୁଲିସ କେଜ୍ରିୱାଲଙ୍କ ବାସଭବନକୁ ଦୁର୍ଗ ଭଳି ଘେରି ରଖିଥିବା ଆପ୍ ଅଭିଯୋଗ କରିଛି।






ନୂଆଦିଲ୍ଲୀ



ମୁମ୍ବଇ



# ଦିଲ୍ଲୀ ଅଣନିଃଶ୍ୱାସୀ

ନୂଆଦିଲ୍ଲୀ,୧୦।୧୦(ଏଜେନ୍ସି): ରାଜଧାନୀ ଦିଲ୍ଲୀରେ କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ବିକ୍ଷୋଭ ଘୋଷଣା ପରେ ଶନିବାର ସୁରକ୍ଷା କଟକଣା କଠୋର ହୋଇଛି। ଏହା ଫଳରେ ଦିଲ୍ଲୀରେ ରେଳ ଯାତାୟାତ ସମ୍ପୂର୍ଣ୍ଣ ବ୍ୟାହତ ହୋଇଛି। ଭୋଟର ତାଲିକା ସଂଶୋଧନ (ଏସ୍ଆଇଆର୍) ପ୍ରକ୍ରିୟାକୁ ନେଇ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରି ସିଜେପି ଏହି ଆନ୍ଦୋଳନର ଆହ୍ୱାନ ଦେଇଥିଲା। ଏହାପରେ ନୂଆଦିଲ୍ଲୀ ଓ ହଜରତ ନିଜାମୁଦ୍ଦିନ ଷ୍ଟେସନରେ ଅପରାହ୍ଣ ୨ଟା ମଧ୍ୟରେ ୨୫୦ରୁ ଅଧିକ ଟ୍ରେନ୍ ବାତିଲ କରାଯାଇଛି। ୪୫ ମେଟ୍ରୋ ଷ୍ଟେସନ୍‌କୁ ରାତି ୧୦ଟା ଯାଏ ବନ୍ଦ କରାଯାଇଛି। ଟ୍ରାଫିକ୍ ଜାମ୍ ଏବଂ ଷ୍ଟେସନରେ ଜନଗହଳି ଏଡ଼ାଇବାକୁ ରେଳ ମନ୍ତ୍ରଣାଳୟ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। କଟକଣା ଯୋଗୁଁ ହଜାର ହଜାର ଯାତ୍ରୀ ଷ୍ଟେସନରେ ଫସି ରହି ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି। ସୁରକ୍ଷା ଦୃଷ୍ଟିରୁ ସେଣ୍ଟ୍ରାଲ ଦିଲ୍ଲୀରେ ଧାରା ୧୬୩ ଲାଗୁ କରାଯାଇଛି। ଷ୍ଟେସନ ଅଞ୍ଚଳରେ ଇଣ୍ଟରନେଟ୍ ସେବା ବନ୍ଦ ରଖାଯାଇଛି। ତେଣୁ ଯାତ୍ରୀମାନେ ୟୁପିଆଇ ପେମେଣ୍ଟ କରି ନପାରି ବହୁ କଲବଲ ହୋଇଥିଲେ। ଅନେକ ଯାତ୍ରୀ ଟ୍ରେନ୍ ବାତିଲ ସମ୍ପର୍କରେ ପୂର୍ବରୁ ସୂଚନା ପାଇପାରିନଥିଲେ। ଫଳରେ ସେମାନଙ୍କୁ ଘଣ୍ଟା ଘଣ୍ଟା ଧରି ଷ୍ଟେସନରେ ଅପେକ୍ଷା କରିବାକୁ ପଡ଼ିଥିଲା। ସହରର ସମସ୍ତ ପ୍ରମୁଖ ଛକ ଏବଂ ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ ବ୍ୟାପକ ପୁଲିସ ମୁତୟନ ସହ ବ୍ୟାରିକେଡ୍ ଲଗାଯାଇଛି। ଅନେକ ସ୍ଥାନରେ ଯାତାୟାତ ପାଇଁ ରାସ୍ତା ବଦଳାଯାଇଛି। ପ୍ରମୁଖ ସ୍ଥାନଗୁଡ଼ିକରେ ସାଧାରଣ ଲୋକଙ୍କ ଅପେକ୍ଷା ଅଧିକ ସୁରକ୍ଷାକର୍ମୀ ରହିଛନ୍ତି। ରେଳ ଷ୍ଟେସନକୁ ଯାଉଥିବା ଯାତ୍ରୀମାନଙ୍କର ଯାଞ୍ଚ କଡ଼ାକଡ଼ି ହୋଇଛି। ଆନ୍ଦୋଳନ ସହ ସମ୍ପର୍କ ନଥିବା ସାଧାରଣ ଯାତ୍ରୀମାନେ ମଧ୍ୟ ଗମ୍ଭୀର ସମସ୍ୟାର ସମ୍ମୁଖୀନ ହୋଇଛନ୍ତି।

- ୨୫୦ ଟ୍ରେନ୍ ବାତିଲ୍, ୪୫ ମେଟ୍ରୋ ଷ୍ଟେସନ୍ ବନ୍ଦ
- ଇଣ୍ଟରନେଟ୍ ସେବା ବନ୍ଦ, ୟୁପିଆଇ ଅଚଳ

## ସିଜେପିର 'ପ୍ଲାନ୍-ବି': ପ୍ରତିବାଦର ନେତୃତ୍ୱ ନେବେ ସିନ୍ଦେ

ନୂଆଦିଲ୍ଲୀ, ୧୦।୧୦(ଏଜେନ୍ସି): ଦିଲ୍ଲୀର ଯନ୍ତରମନ୍ତରରେ ପ୍ରସ୍ତାବିତ ପ୍ରତିବାଦ ପାଇଁ କକ୍ରୋଚ୍ ଜନତା ପାର୍ଟି (ସିଜେପି) ନିଜର ବିକଳ୍ପ ରଣନୀତି 'ପ୍ଲାନ୍-ବି' ଘୋଷଣା କରିଛି। ଦଳର ପ୍ରତିଷ୍ଠାତା ଅଭିଜିତ ଦୀପକେଙ୍କ ଏକ ପୂର୍ବରୁ ରେକର୍ଡ କରାଯାଇଥିବା ଭିଡିଓ ଜାରି କରି ତାଙ୍କ



ସମେତ ଅନ୍ୟ ଦୁଇ ନେତା ଅଟକ ହେଲେ ଅଜିଙ୍କ୍ୟ ସିନ୍ଦେ ଆନ୍ଦୋଳନର ନେତୃତ୍ୱ ନେବେ ବୋଲି ଦଳ ସୂଚନା ଦେଇଛି। ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ସିଜେପି ଏହି ପ୍ରତିବାଦ ଡାକରା ଦେଇଥିଲା। ତେବେ ଦିଲ୍ଲୀରେ ପହଞ୍ଚିବା ପରେ ଦୀପକେ, ସୌରଭ ଦାସ ଓ ଆଶୁତୋଷ ରଙ୍କାଙ୍କୁ ବିମାନ ଭିତରୁ ଦିଲ୍ଲୀ ପୁଲିସ ଅଟକ ରଖିଥିଲା। ଭିଡିଓରେ ଦୀପକେ କହିଛନ୍ତି, ଯଦି ଏହି ଭିଡିଓ ଦେଖିବା ବେଳକୁ ସେ, ସୌରଭ ଓ ଆଶୁତୋଷ ଅଟକ ହୋଇଥାଆନ୍ତି, ତେବେ ସମର୍ଥକମାନେ ଅଜିଙ୍କ୍ୟ ସିନ୍ଦେଙ୍କ ନେତୃତ୍ୱରେ ଆନ୍ଦୋଳନ ଜାରି ରଖନ୍ତୁ। ସେମାନଙ୍କ ଅନୁପସ୍ଥିତିରେ ସିନ୍ଦେ ଆନ୍ଦୋଳନକୁ ଆଗକୁ ନେବେ ବୋଲି ସେ ଆହ୍ୱାନ ଦେଇଛନ୍ତି। ଅନ୍ୟପକ୍ଷରେ, ତିନି ନେତାଙ୍କ ଅଟକକୁ ନେଇ ସିନ୍ଦେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିବା ସହ ସମର୍ଥକଙ୍କୁ ପ୍ରତିବାଦ ଜାରି ରଖିବାକୁ ଅନୁରୋଧ କରିଛନ୍ତି।

ପୁଲିସ ଯେଉଁଠି ଅଟକାଇବ, ସେହି ସ୍ଥାନକୁ ପ୍ରତିବାଦର ସ୍ଥଳ ଭାବେ ବିବେଚନା କରିବାକୁ ସେ ଆହ୍ୱାନ ଦେଇଛନ୍ତି। ସିଜେପିର ଅଭିଯୋଗ ଅନୁସାରେ, ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ଓ ଫର୍ମ-୬ ସମ୍ପର୍କିତ ପରିବର୍ତ୍ତନ ଯୋଗୁଁ ଭୋଟଦାନ ଅଧିକାରରୁ ବଞ୍ଚିତ ହୋଇଥିବା ଲୋକଙ୍କ ପ୍ରସଙ୍ଗ ଉଠାଇ ଦଳ ଏହି ଆନ୍ଦୋଳନ କରୁଛି। ଯନ୍ତରମନ୍ତରରେ ପ୍ରତିବାଦ ପାଇଁ ଅନୁମତି ମିଳିନଥିବା ବେଳେ ଦଳ ନେତାଙ୍କ ଅଟକକୁ ପୂର୍ବ ଯୋଜନାବଦ୍ଧ ପଦକ୍ଷେପ ବୋଲି ଅଭିହିତ କରିଛି। ତେବେ ଏହି ଅଭିଯୋଗଗୁଡ଼ିକ ଦଳର ନିଜସ୍ୱ ଦାବି।



## କକ୍ରୋଚ୍ ନେତାଙ୍କ ଲାଗି ବିମାନରେ ମହିଳା ପୁଲିସ

ନୂଆଦିଲ୍ଲୀ, ୧୦।୧୦(ଏଜେନ୍ସି): ଯନ୍ତରମନ୍ତରରେ ପ୍ରସ୍ତାବିତ ପ୍ରତିବାଦ ପୂର୍ବରୁ କକ୍ରୋଚ୍ ଜନତା ପାର୍ଟି (ସିଜେପି) ନେତା ଅଭିଜିତ ଦୀପକେ, ସୌରଭ ଦାସ ଓ ଆଶୁତୋଷ ରଙ୍କାଙ୍କୁ ଦିଲ୍ଲୀ ବିମାନବନ୍ଦରରେ ଅଟକ ରଖାଯାଇଛି। ଏହି ସମୟରେ ଦିଲ୍ଲୀ ପୁଲିସ ମହିଳା ଅଧିକାରୀଙ୍କୁ ମୁତୟନ କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ବିମାନଟି ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ ପୁଲିସ କର୍ମଚାରୀ ବିମାନ ଭିତରକୁ ଯାଇ ତିନି ନେତାଙ୍କୁ ଅଟକ ରଖିଥିଲେ। ତେବେ ମହିଳା ପୁଲିସଙ୍କୁ ମୁତୟନ କରିବା ପଛରେ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ଥିଲା କି ନାହିଁ, ତାହା ସ୍ପଷ୍ଟ ହୋଇନାହିଁ। ବିମାନ ଭିତରେ ସଂକୀର୍ଣ୍ଣ ରାସ୍ତା ଯୋଗୁଁ ଧସ୍ତାଧସ୍ତି ହେଲେ ପରିସ୍ଥିତି ହେବାର ଆଶଙ୍କା ଥିଲା। ତେଣୁ ସମ୍ଭାବ୍ୟ ଉତ୍ତେଜନା ଏଡ଼ାଇବା ଏବଂ ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବା ଲାଗି ମହିଳା ପୁଲିସଙ୍କୁ ନିୟୋଜିତ କରାଯାଇଥାଇପାରେ ବୋଲି କୁହାଯାଉଛି।

## ଆଜି ପୃଥିବୀକୁ ମାଡ଼ ହୋଇପାରେ ଶକ୍ତିଶାଳୀ ସୌରଝଡ଼

ନୂଆଦିଲ୍ଲୀ, ୧୦।୧୦ (ଏଜେନ୍ସି): ସୂର୍ଯ୍ୟରୁ ନିର୍ଗତ ଦୁଇଟି ବିଶାଳ ଶକ୍ତିଶାଳୀ କଣିକାର ମେଘ ଅକ୍ଟୋବର ୧୧ରେ ପୃଥିବୀରେ ପହଞ୍ଚିବା ଆଶଙ୍କା ରହିଛି। ଏହା ଯୋଗୁଁ ପୃଥିବୀର ଚୁମ୍ବକୀୟ କ୍ଷେତ୍ର ପ୍ରଭାବିତ ହେବା ସହ ମଧ୍ୟମ ଧରଣର ସୌର ଝଡ଼ ସୃଷ୍ଟି ହୋଇପାରେ। ଆମେରିକାର ଜାତୀୟ ସାମୁଦ୍ରିକ ଓ ବାୟୁମଣ୍ଡଳୀୟ ପ୍ରଶାସନ (ନୋଆ) ଜି-୨ ଶ୍ରେଣୀର ଭୂଚୁମ୍ବକୀୟ ଝଡ଼ ନେଇ ସତର୍କତା ଜାରି କରିଛି। ସୌର ଝଡ଼ ହେଉଛି ସୂର୍ଯ୍ୟରୁ ଶକ୍ତି ଓ ବିଦ୍ୟୁତ୍ ଆବେଶିତ କଣିକା ମହାକାଶକୁ ନିର୍ଗତ ହେବା ଯୋଗୁଁ ସୃଷ୍ଟି ହେଉଥିବା ଘଟଣା। ଏହା ପୃଥିବୀର ଚୁମ୍ବକୀୟ କ୍ଷେତ୍ରକୁ ପ୍ରଭାବିତ କରିପାରେ। ନୋଆ ଅନୁଯାୟୀ, ଏହାର ପ୍ରଭାବରେ କେତେକ ଉପଗ୍ରହ, ରେଡିଓ ଯୋଗାଯୋଗ ଓ ନାଭିଗେସନ୍ ବ୍ୟବସ୍ଥା ପ୍ରଭାବିତ ହୋଇପାରେ। ଉଚ୍ଚ ଅକ୍ଷାଂଶ ଅଞ୍ଚଳରେ ବିଦ୍ୟୁତ୍ ବ୍ୟବସ୍ଥାରେ ଭୋଲ୍‌ଟେଜ୍ ପରିବର୍ତ୍ତନ ମଧ୍ୟ ହୋଇପାରେ। ଏହା ସହ ମେରୁ ଅଞ୍ଚଳରେ ଦେଖାଯାଉଥିବା ରଙ୍ଗିନ ଆଲୋକ 'ଅରୋରା' ସାଧାରଣଠାରୁ ଅଧିକ ଅଞ୍ଚଳରେ ଦୃଶ୍ୟମାନ ହୋଇପାରେ। ତେବେ ଭାରତରେ ବ୍ୟାପକ ବିଦ୍ୟୁତ୍ ବିଭ୍ରାଟ କିମ୍ବା ଯୋଗାଯୋଗ ବ୍ୟବସ୍ଥା ଠପ୍ ହୋଇଯିବାର ଆଶଙ୍କା ନାହିଁ। ସୌର ଝଡ଼ର ପ୍ରକୃତ ତୀବ୍ରତା ପୃଥିବୀରେ ପହଞ୍ଚିବା ପରେ ସ୍ପଷ୍ଟ ହେବ।

**ପ୍ରଭାବିତ ହୋଇପାରେ ଉପଗ୍ରହ, ରେଡିଓ ଯୋଗାଯୋଗ, ନାଭିଗେସନ୍**



## ନିଜେ ରୁଷରୁ କିଣିବ ତେଲ, ଭାରତ କିଣିଲେ କଟକଣା

ନୂଆଦିଲ୍ଲୀ,୧୦।୧୦(ଏଜେନ୍ସି): ରୁଷଠାରୁ ତେଲ କିଣୁଥିବା ଭାରତ ଉପରେ ଅଧିକ ଶୁଳ୍କ ଲଗାଇବା ସହ ୧୦୦ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଧମକ ଦେଇଥିବା ଆମେରିକା ଏବେ ନିଜେ ରୁଷଠାରୁ ଡିଜେଲ କିଣିବାକୁ ଯାଉଛି। ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏହି ଚୁକ୍ତିକୁ ନେଇ ତାଙ୍କ ନୀତିରେ ଦ୍ୱିମୁଖୀ ଆଭିମୁଖ୍ୟ ଥିବା ଅଭିଯୋଗ ଉଠିଛି। ରୁଷ-ୟୁକ୍ରେନ ଯୁଦ୍ଧ ବନ୍ଦ କରିବା ପାଇଁ ମସ୍କୋ ଉପରେ ଆର୍ଥିକ ଚାପ ପକାଇବାକୁ ଚାହୁଁଥିବା ଟ୍ରମ୍ପ ଏବେ ନିଜ ଦେଶର ଇନ୍ଧନ ମୂଲ୍ୟ ନିୟନ୍ତ୍ରଣ ପାଇଁ ସେହି ରୁଷରୁ ଡିଜେଲ ଆମଦାନି କରିବାକୁ ରାଜି ହୋଇଛନ୍ତି। ନଭେମ୍ବରରେ ଆମେରିକାରେ ମଧ୍ୟବର୍ତ୍ତୀ ନିର୍ବାଚନ ଥିବାରୁ ଇନ୍ଧନ ମୂଲ୍ୟ କମାଇବା ଏହି ପଦକ୍ଷେପର ଏକ ପ୍ରମୁଖ ଉଦ୍ଦେଶ୍ୟ ବୋଲି ରିପୋର୍ଟରେ ଆକଳନ କରାଯାଇଛି। ଟ୍ରମ୍ପ ତାଙ୍କ ସାମାଜିକ ଗଣମାଧ୍ୟମ 'ଟ୍ରୁଥ୍ ସୋସିଆଲ୍'ରେ ରୁଷ ତୁରନ୍ତ ଆମେରିକା ଓ ବିଶ୍ୱ ବଜାରକୁ ୩ ଲକ୍ଷ ଟନ୍ ଡିଜେଲ ଯୋଗାଇବ ବୋଲି ଘୋଷଣା କରିଛନ୍ତି। ଏହାପରେ ନଭେମ୍ବରରେ ଆଉ ୫ ଲକ୍ଷ ଟନ୍ ଏବଂ ପରବର୍ତ୍ତୀ ସମୟରେ ଆଉ ୧୦ ଲକ୍ଷ ଟନ୍ ଡିଜେଲ ଯୋଗାଣ ହେବ ବୋଲି ସେ କହିଛନ୍ତି। ଏହି ଚୁକ୍ତିର ଅଂଶ ଭାବେ ରୁଷର ଡିଜେଲ ରପ୍ତାନି ଉପରେ ଥିବା କଟକଣାକୁ ଏପ୍ରିଲ ୨୦୨୭ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇପାରେ ବୋଲି ବିବିସି ରିପୋର୍ଟ କରିଛି।

### ଆମେରିକାର ଦୋମୁହାଁ ନୀତିକୁ ନେଇ ପ୍ରଶ୍ନ

ଗତବର୍ଷ ରୁଷଠାରୁ ତେଲ କିଣିବାକୁ ନେଇ ଟ୍ରମ୍ପ ପ୍ରଶାସନ ଭାରତ ଉପରେ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଲଗାଇଥିଲା। ଏହାଦ୍ୱାରା ଭାରତୀୟ ସାମଗ୍ରୀ ଉପରେ ମୋଟ ଶୁଳ୍କ ୫୦ ପ୍ରତିଶତରେ ପହଞ୍ଚିଥିଲା। ରୁଷରୁ ତେଲ କିଣି ଭାରତ ୟୁକ୍ରେନ ଯୁଦ୍ଧ ପାଇଁ ମସ୍କୋକୁ ଆର୍ଥିକ ସହାୟତା ଯୋଗାଉଛି ବୋଲି ଆମେରିକା ଅଭିଯୋଗ କରିଥିଲା। ଟ୍ରମ୍ପଙ୍କ ସହଯୋଗୀ ପିଟର ନାଭାରୋ ମଧ୍ୟ ରୁଷର ତେଲ କିଣିବାକୁ ନେଇ ଭାରତକୁ ସମାଲୋଚନା କରିଥିଲେ। ତେବେ ନିଜର ପ୍ରାୟ ୯୦ ପ୍ରତିଶତ ଶକ୍ତି ଆବଶ୍ୟକତା ପାଇଁ ଆମଦାନି ଉପରେ ନିର୍ଭରଶୀଳ ଭାରତ କହିଆସିଛି ଯେ ଦେଶର ଜାତୀୟ ସ୍ୱାର୍ଥ ଓ ଲୋକଙ୍କୁ ସୁଲଭ ମୂଲ୍ୟରେ ଇନ୍ଧନ ଯୋଗାଣ ଆଧାରରେ ଏହାର ନିଷ୍ପତ୍ତି ନିଆଯାଏ। ଏବେ ଆମେରିକା ନିଜେ ରୁଷଠାରୁ ଡିଜେଲ କିଣିବାକୁ ରାଜି ହେବା ପରେ ଭାରତର ଏହି ଯୁକ୍ତିକୁ ନେଇ ନୂଆ ଚର୍ଚ୍ଚା ଆରମ୍ଭ ହୋଇଛି। ଆମେରିକାର କାଟୋ ଇନ୍‌ଷ୍ଟିଚ୍ୟୁଟ୍‌ର ଉପସଭାପତି ସ୍କଟ୍ ଲିଙ୍କମ୍ ଏହି ପରିସ୍ଥିତିକୁ ନେଇ ପ୍ରଶ୍ନ ଉଠାଇଛନ୍ତି—ରୁଷରୁ ତେଲ କିଣୁଥିବା ଦେଶ ଉପରେ ଶୁଳ୍କ ଲଗାଇବାକୁ ଆଇନ ଥିବାବେଳେ ଆମେରିକା ନିଜ ଉପରେ ଶୁଳ୍କ ଲଗାଇବ କି ? ଭୂରାଜନୈତିକ ବିଶେଷଜ୍ଞ ଇଭାନ୍ ଏ. ଫିଗେନବାମ୍ ମଧ୍ୟ କହିଛନ୍ତି ଯେ ରୁଷଠାରୁ ତେଲ କିଣିବା ପ୍ରସଙ୍ଗରେ ଭାରତକୁ ଦୀର୍ଘ ୧୪ ମାସ ଧରି ଧମକ ଦେବା ପରେ ଆମେରିକାର ଏହି ପଦକ୍ଷେପ ଭାରତ-ଆମେରିକା ସମ୍ପର୍କକୁ ଆହୁରି ପ୍ରଭାବିତ କରିପାରେ। ଏପଟେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଦିମିର ଜେଲେନସ୍କି ଏହି ଚୁକ୍ତିକୁ ପୁଟିନଙ୍କ ପାଇଁ ଟ୍ରମ୍ପଙ୍କ 'ଉପହାର' ବୋଲି କହିବା ସହ ଏହା ଯୁଦ୍ଧକୁ ଦୀର୍ଘ କରିବାରେ ସହାୟକ ହୋଇପାରେ ବୋଲି ଚିନ୍ତା ପ୍ରକାଶ କରିଛନ୍ତି।

## ବଢ଼ିଲା କନ୍ୟା ସନ୍ତାନ ପସନ୍ଦ

ନୂଆଦିଲ୍ଲୀ,୧୦।୧୦(ଏଜେନ୍ସି): ଦେଶରେ ଝିଅ ଜନ୍ମ ହାରରେ ଧୀରେ ଧୀରେ ଉନ୍ନତି ହେଉଛି। ପୂର୍ବରୁ ପୁଅ ସନ୍ତାନକୁ ଅଧିକ ପ୍ରାଧାନ୍ୟ ଦିଆଯାଉଥିବା ଅଞ୍ଚଳରେ ମଧ୍ୟ ଏବେ ଝିଅ ଜନ୍ମ ସଂଖ୍ୟା ବଢୁଛି। 'ବେଟି ବଚାଓ, ବେଟି ପଢ଼ାଓ' ଅଭିଯାନର ପ୍ରଭାବ ନେଇ ହୋଇଥିବା ଏକ ଗବେଷଣାରେ ଏହି ତଥ୍ୟ ସାମ୍ନାକୁ ଆସିଛି। ତେବେ ଉଚ୍ଚ ମାଧ୍ୟମିକ ସ୍ତରରେ ଶିକ୍ଷା ସମାପ୍ତ କରିବା କ୍ଷେତ୍ରରେ ଗ୍ରାମାଞ୍ଚଳର ଝିଅମାନେ ଏବେ ବି ପଛରେ ରହିଛନ୍ତି। 'ପଲିସି ଇଣ୍ଟରଭେନ୍‌ସନ୍ସ ଆଣ୍ଡ ଦ ସେକ୍ସ ରେସିଓ ଆଟ୍ ବର୍ଥ: ଏଭିଡେନ୍ସ ଫ୍ରମ୍ ଇଣ୍ଡିଆ' ଶୀର୍ଷକ ଗବେଷଣା ଅନୁଯାୟୀ, ଏହି ଅଭିଯାନ ଯୋଗୁଁ ପ୍ରତି ହଜାର



**ପ୍ରତି ହଜାର ନବଜାତରେ ବଢ଼ିଛନ୍ତି ୧୫ ଝିଅ**

ଜନ୍ମରେ ପ୍ରାୟ ୧୫ ଅଧିକ ଝିଅ ଜନ୍ମ ହେବାର ଆକଳନ କରାଯାଇଛି। ବିଶେଷକରି ପ୍ରଥମ ସନ୍ତାନ ଝିଅ ଥିବା ପରିବାରରେ ଏହାର ପ୍ରଭାବ ଅଧିକ ଦେଖାଯାଇଛି। ସେହି ପରିବାରଗୁଡ଼ିକରେ ଦ୍ୱିତୀୟ ସନ୍ତାନ ମଧ୍ୟ ଝିଅ ହେବାର ସମ୍ଭାବନା ୩.୭ରୁ ୫.୩ ପ୍ରତିଶତ ପର୍ଯ୍ୟନ୍ତ ବଢ଼ିଛି। ୨୦୧୫-୧୬ରେ ଦେଶରେ ପ୍ରତି ହଜାର ପୁଅ ଜନ୍ମରେ ଝିଅଙ୍କ ସଂଖ୍ୟା ୯୧୯ ଥିବାବେଳେ ଏବେ ଏହା ୯୩୦ରେ ପହଞ୍ଚିଛି। ଗୋଆ, ତ୍ରିପୁରା, ଅରୁଣାଚଳ ପ୍ରଦେଶ, ଛତିଶଗଡ଼ ଓ କେରଳ ଏ କ୍ଷେତ୍ରରେ ଭଲ ସ୍ଥିତିରେ ରହିଛନ୍ତି। ଅନ୍ୟପକ୍ଷରେ, ୟୁନେସ୍କୋର ଏକ ରିପୋର୍ଟ ଅନୁଯାୟୀ, ଗ୍ରାମାଞ୍ଚଳରେ ପ୍ରତି ୧୦୦ ପୁଅଙ୍କ ତୁଳନାରେ ମାତ୍ର ୫୯ ଝିଅ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ଶିକ୍ଷା ସମାପ୍ତ କରିପାରୁଛନ୍ତି। ଦେଶରେ ଉଚ୍ଚ ମାଧ୍ୟମିକ ଶିକ୍ଷା ସମାପ୍ତି ହାରରେ ପ୍ରତି ୧୦୦ ପୁଅଙ୍କ ତୁଳନାରେ ଝିଅଙ୍କ ସଂଖ୍ୟା ୮୯। ତେଣୁ ଝିଅଙ୍କ ଜନ୍ମ ହାରରେ ଉନ୍ନତି ସହ ଶିକ୍ଷା କ୍ଷେତ୍ରରେ ସମାନ ସୁଯୋଗ ସୁନିଶ୍ଚିତ କରିବା ମଧ୍ୟ ଏକ ବଡ଼ ଆହ୍ୱାନ ହୋଇ ରହିଛି।



ଆଜିଠୁ ରଣଜୀ ଟ୍ରଫି
▸କ୍ରୀଡ଼ା ପୃଷ୍ଠାରେ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-108 ◆SUNDAY ◆11 OCTOBER 2026 ◆PAGE-12+4 ◆₹ 7.00

◆ବର୍ଷ-୪୪ ◆ସଂଖ୍ୟା-୧୦୮ ◆ରବିବାର ◆୧୧ ଅକ୍ଟୋବର ୨୦୨୬ ◆ପୃଷ୍ଠା-୧୨+୪(ସିନ୍ଦୂରା) ◆ଟ.୭.୦୦


## ଶାରଦୀୟ ଉପଚାର



ପବିତ୍ର ମହାଳୟା ଅମାବାସ୍ୟା ତିଥିରେ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ଧବଳମୁଖୀ ବେଶ ।

# ଅଦମନୀୟ କକ୍ରୋଚ୍

## ଦିଲ୍ଲୀରେ ଦମନଲୀଳା

- କକ୍ରୋଚ୍ ନେତାଙ୍କୁ ବିମାନରୁ ଉଠାଇନେଲା ପୁଲିସ
- ରାତି ଅଧରେ ଧ୍ରୁବ ରାଠୀଙ୍କୁ ଘରୁ ଟେକିନିଆଗଲା
- ମମତା, କେଜ୍ରିୱାଲ, ବିଜୟନ, ପ୍ରଶାନ୍ତ ଭୂଷଣ ଅଟକ
- ପୁଣି ଆମରଣ ଅନଶନର ଧମକ ଦେଲେ ୱାଙ୍ଗଚୁକ୍
- ୧୨ରେ ବଡ଼ ଆନ୍ଦୋଳନ କରିବ ଇଣ୍ଡିଆ ମେଣ୍ଟ

## କଟକଣା ସତ୍ତ୍ୱେ ମାଡ଼ିଆସିଲେ ଆନ୍ଦୋଳନକାରୀ, ୭ ହଜାର ଅଟକ



### ଜାତିସଂଘର ଉଦ୍‌ବେଗ

■ ନ୍ୟୁୟର୍କ, ୧୦।୧୦ (ଏଜେନ୍ସି): ଭାରତରେ କକ୍ରୋଚ୍ ପାର୍ଟି ଆନ୍ଦୋଳନ ବେଳେ ହଜାର ହଜାର ଆନ୍ଦୋଳନକାରୀଙ୍କୁ ଅଟକ ରଖାଯାଇଥିବା ଜାତିସଂଘ ଉଦବେଗ ପ୍ରକାଶ କରିଛି । ଜାତିସଂଘ ମାନବିଧକାର ସଂସ୍ଥାର ମୁଖପାତ୍ର ଥମିନ ଖିତାନ କହିଛନ୍ତି ଯେ ସାମାଜିକ କର୍ମୀ, ଆଇନଜୀବୀ ଓ ସାମ୍ବାଦିକମାନଙ୍କୁ ଅଟକ ରଖାଯିବା ଘଟଣା ଚିନ୍ତାର ବିଷୟ । ସେମାନଙ୍କୁ ବିନା ସର୍ତ୍ତରେ ଏବଂ ତୁରନ୍ତ ମୁକ୍ତ କରିବାକୁ ସେ ଦାବି କରି କହିଛନ୍ତି ଯେ ଶାନ୍ତିପୂର୍ଣ୍ଣ ସମାବେଶ ପାଇଁ ଅଧିକାରକୁ ପ୍ରଶାସନ ସମ୍ମାନ ଦେଉ ।

■ ନୂଆଦିଲ୍ଲୀ, ୧୦।୧୦ (ଏଜେନ୍ସି): ଏସ୍‌ଆଇଆର ବିବାଦରେ ଫସିଥିବା ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ହଟାଇବା ଦାବିରେ କକ୍ରୋଚ୍ ଜନତା ପାର୍ଟି (ସିଜେପି) ଆନ୍ଦୋଳନକୁ ଦମନ କରିବାକୁ ଯାଇ ରାଜଧାନୀ ନୂଆଦିଲ୍ଲୀକୁ କବ୍‌ଜା କରିନେଇଛି ଦିଲ୍ଲୀ ପୁଲିସ । ବିମାନ ଭିତରକୁ କକ୍ରୋଚ୍ ନେତା ଅଭିଜିତ ଦୀପ୍‌କେ, ସୌରଭ ଦାସ ଓ ଆଶୁତୋଷ ରାଙ୍କାଙ୍କୁ ଉଠାଇନେଇଛି ପୁଲିସ । ଲୋକପ୍ରିୟ ୟୁଟ୍ୟୁବର ଧ୍ରୁବ ରାଠୀଙ୍କୁ ମଧ୍ୟ ତାଙ୍କର ଗୁରୁଗ୍ରାମ ବାସଭବନରୁ ରାତି ଅଧରେ ଉଠାଇନେଇଛି । ସେମାନଙ୍କୁ ସମର୍ଥନ ଜଣାଇ ଆନ୍ଦୋଳନକୁ ଓହ୍ଲାଇଥିବା ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ, କେରଳର ପୂର୍ବ ମୁଖ୍ୟମନ୍ତ୍ରୀ ବିଜୟନ, ତ୍ରିପୁରାର ପୂର୍ବ ମୁଖ୍ୟମନ୍ତ୍ରୀ ମଣିକ ସରକାର, ଛାତ୍ରୀ ନେତ୍ରୀ ନେହା ବୋରା, ସାମାଜିକ କର୍ମୀ ଯୋଗେନ୍ଦ୍ର ଯାଦବ ଏବଂ ଆଇନଜୀବୀ ପ୍ରଶାନ୍ତ ଭୂଷଣ ମଧ୍ୟ ପୁଲିସ କାର୍ଯ୍ୟାନୁଷ୍ଠାନରୁ ବାଦ୍ ପଡ଼ିନାହାନ୍ତି । ଦିଲ୍ଲୀ ପୁଲିସର କଠୋର କଟକଣା ସତ୍ତ୍ୱେ ଶହ ଶହ ସଂଖ୍ୟାରେ ଆନ୍ଦୋଳନକାରୀ ଯନ୍ତରମନ୍ତର ଆଡ଼କୁ ମାଡ଼ି ଆସୁଥିବା ବେଳେ ସନ୍ଧ୍ୟା ସୁଦ୍ଧା ୭ ହଜାର ଲୋକଙ୍କୁ ଅଟକ ରଖିଛି । ଅନେକ ସ୍ଥାନରେ ପୁଲିସ ସହ ଆନ୍ଦୋଳନକାରୀ ମୁହାଁମୁହିଁ ହୋଇଥିବାର ▸ପୃଷ୍ଠା-୭

### ଆମ ନେତାଙ୍କୁ ଅପହରଣ କରିଛି ପୁଲିସ: ସିଜେପି

■ ନୂଆଦିଲ୍ଲୀ, ୧୦।୧୦(ଏଜେନ୍ସି): ଆମ ନେତାମାନଙ୍କୁ ଅପହରଣ କରାଯାଇଛି । ସେମାନଙ୍କୁ ଅପହରଣ କରିଛି ଦିଲ୍ଲୀ ପୁଲିସ । ନେତାମାନଙ୍କୁ କେଉଁଠି ରଖିଛି ଜଣାଉ ନାହିଁ । ୧୦ ଘଣ୍ଟାରୁ ଅଧିକ ସମୟ ହେଲାଣି, ସେମାନଙ୍କ ସହିତ କୌଣସି ଯୋଗାଯୋଗ ହୋଇପାରୁ ନାହିଁ । କକ୍ରୋଚ୍ ଜନତା ପାର୍ଟି (ସିଜେପି) ପକ୍ଷରୁ ଏହି ଅଭିଯୋଗ କରାଯାଇଛି । ଆଜି ସନ୍ଧ୍ୟାରେ ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ପାର୍ଟିର ଅନ୍ୟତମ ନେତା ଆଜିଙ୍କ୍ୟ ସିନ୍ଦେ କହିଛନ୍ତି ଯେ ପୁଲିସର ଏଭଳି ▸ପୃଷ୍ଠା-୭

**ଆଜି ପୁଣି ଯନ୍ତରମନ୍ତର ଅଭିଯାନ**

## ଛାତ୍ର ସଂସଦ ନିର୍ବାଚନ

## ସରକାରୀ କଳର ହସ୍ତକ୍ଷେପକୁ ସୁଜାତାଙ୍କ ନିନ୍ଦା

### କ୍ୟାମ୍ପସ୍‌ର ଶାନ୍ତିପୂର୍ଣ୍ଣ ପରିବେଶ ନଷ୍ଟ ଉଦ୍ୟମକୁ ବରଦାସ୍ତ କରିବନି ବିଜେଡି



- କଲେଜ ପ୍ରଶାସନ, ପୁଲିସ ବିସିଜେଡି ନେତାଙ୍କୁ ଧମକଚମକ ଦେଉଛନ୍ତି
- ଗୁଣ୍ଡାଗର୍ଦ୍ଦି କରି ଛାତ୍ର ସମାଜ ଓ ଭବିଷ୍ୟତ ପିଢ଼ିକୁ କି ବାର୍ତ୍ତା ଦିଆଯାଉଛି



■ ଭୁବନେଶ୍ୱର, ୧୦।୧୦ (ସମିସ): ରାଜ୍ୟରେ ବିଶ୍ୱବିଦ୍ୟାଳୟ ଓ ଡିଗ୍ରୀ କଲେଜମାନଙ୍କର ଛାତ୍ର ସଂସଦ ନିର୍ବାଚନ ଚାଲିଥିବା ବେଳେ ରାଜ୍ୟ ସରକାରଙ୍କ ବେଆଇନ ହସ୍ତକ୍ଷେପକୁ ନେଇ ବିଭିନ୍ନ ଛାତ୍ର ସଂଗଠନ କ୍ଷୋଭ ପ୍ରକାଶ କରୁଛନ୍ତି । ସରକାରୀ କଳବଳକୁ ଲଗାଇ ନିର୍ବାଚନରେ ନିଜ ସପକ୍ଷରେ ନେବାକୁ ଶାସକ ଦଳ ବିଜେପି ଉଦ୍ୟମ କରୁଛି ବୋଲି ବିଜେଡି, କଂଗ୍ରେସ ସମେତ ଅନ୍ୟ ରାଜନୈତିକ ଦଳର ଛାତ୍ର ସଂଗଠନ ପକ୍ଷରୁ ଅଭିଯୋଗ କରାଯାଉଛି । ଏହିକ୍ରମରେ ବିଜେଡି ନେତ୍ରୀ ସୁଜାତା ରାଉତ ଛାତ୍ର ସଂସଦ ନିର୍ବାଚନରେ ସରକାରୀ କଳର ହସ୍ତକ୍ଷେପକୁ ନେଇ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି । କଲେଜ କ୍ୟାମ୍ପସର ଶାନ୍ତିପୂର୍ଣ୍ଣ ପରିବେଶକୁ ନଷ୍ଟ କରିବାକୁ ଉଦ୍ୟମ କରାଯାଉଥିବା ବେଳେ ଏହାକୁ ବିଜେଡି ବରଦାସ୍ତ କରିବ ନାହିଁ ବୋଲି ରୋକଠୋକ୍ ଶୁଣାଇଛନ୍ତି ସୁଜାତା ।

ଏକ ଭିଡିଓ ବାର୍ତ୍ତାରେ ସୁଜାତା କହିଛନ୍ତି ଯେ ବର୍ତ୍ତମାନ ରାଜ୍ୟରେ କଲେଜ ନିର୍ବାଚନ ଚାଲିଛି । ତେବେ ଏଥିରେ ଗୁଣ୍ଡା ▸ପୃଷ୍ଠା-୭

### ୯.୨୪ କୋଟି ଟଙ୍କା ହଡ଼ପ ମାମଲା

## ଆଉ ୩ ଗିରଫ

■ ଭୁବନେଶ୍ୱର, ୧୦।୧୦ (ସମିସ): ନକଲି ବିଲ୍ ଜରିଆରେ ପୂର୍ତ୍ତ ବିଭାଗର ୯.୨୪ କୋଟି ଟଙ୍କା ହଡ଼ପ ମାମଲାରେ ରାଜ୍ୟ ଭିଜିଲାନ୍ସ ଆଉ ୩ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଜିଲ୍ଲା ଟ୍ରେଜେରୀ ଅଫିସରେ କାର୍ଯ୍ୟରତ ସିନିୟର ଆକାଉଣ୍ଟାଣ୍ଟ କୃଷ୍ଣ ଚନ୍ଦ୍ର ବେହେରା, ଆର୍‌ଆଣ୍ଡବି ଡିଭିଜନ ପୁରୀର ସିନିୟର ଆସିଷ୍ଟାଣ୍ଟ ବିଶ୍ୱନାଥ ଦାସ ଏବଂ ବିଭାଗୀୟ ପିଓନ କୁମୁଦ ସାହୁ । ପୂର୍ବରୁ ଭିଜିଲାନ୍ସ ଏହି ମାମଲାର ମାଷ୍ଟର ମାଇଣ୍ଡ ସେକ୍ସନ ▸ପୃଷ୍ଠା-୭

**ପୂର୍ତ୍ତ ବିଭାଗର ନକଲି ବିଲ୍ ମାମଲାରେ ଗିରଫଦାରୀ ସଂଖ୍ୟା ୯ ଛୁଇଁଲା**

## ନଦୀରେ ବୁଡ଼ିଗଲେ ୩ ନାବାଳକ, ୨ ମୃତ

■ ବାଲିବନ୍ଧ/କେନ୍ଦୁଝର,୧୦।୧୦(ସମିସ): କେନ୍ଦୁଝର ଜିଲ୍ଲା ଝୁମ୍ପୁରା ଥାନା ଅର୍ଶଳା ପଞ୍ଚାୟତ ଅର୍ଶଳା ଗ୍ରାମର ମୁସଲିମ ବସ୍ତିର ଦୁଇ ଜଣ ନାବାଳକ ଛାତ୍ରଙ୍କ ମୃତ୍ୟୁ ନେଇ ଶନିବାର ହୃଦୟବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି । ଘଟଣାରେ ସମ୍ପୃକ୍ତ ଆଉ ଜଣେ ନାବାଳକ ଡାକ୍ତରଖାନାରେ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି । ନିକଟସ୍ଥ ଅରଡେଇ ନଦୀରେ ଗାଧୋଇବା ବେଳେ ଦୁଇ ନାବାଳକ ଭାଇ ସମେତ ଆଉ ଜଣଙ୍କୁ ମିଶାଇ ୩ ଜଣ ପାଣିରେ ବୁଡ଼ି ଯାଇଥିଲେ । ଦୁଇ ଭାଇଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣଙ୍କୁ ଉଦ୍ଧାର ପରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ମୃତ ଦୁଇଭାଇ ହେଲେ ୭ମ ଶ୍ରେଣୀ ଛାତ୍ର ମହମ୍ମଦ ଆନସାରୀ (୧୨) ଏବଂ ୯ମ ଶ୍ରେଣୀ ଛାତ୍ର ଅହମ୍ମଦ ଆନସାରୀ (୧୪) । ଗୁରୁତର ଭାବେ ଉଦ୍ଧାର କରାଯାଇଥିବା ନାବାଳକ ୯ମ ଶ୍ରେଣୀ ଛାତ୍ର ମୁସ୍ତାଫା ଆନସାରୀ (୧୪) ବୋଲି ଜଣାପଡିଛି ।

ସୂଚନା ଅନୁଯାୟୀ, ଶନିବାର ପୂର୍ବାହ୍ନ ସମୟରେ ୬ ଜଣ ନାବାଳକ ଛାତ୍ର ସାଙ୍ଗ ହୋଇ ତେଲିଅର୍ଶଳା (ଜୁଆରିଗୋଡା) ନିକଟ ଅରଡେଇ ନଦୀକୁ ଗାଧୋଇବାକୁ ଯାଇଥିଲେ । ସେଥିମଧ୍ୟରୁ ୪ ଜଣ ସାଙ୍ଗ ନଦୀ କୂଳରେ ବସିଥିଲେ । ଦୁଇ ଭାଇ ଅହମ୍ମଦ ଏବଂ ମହମ୍ମଦ ▸ପୃଷ୍ଠା-୭

### କଟକ-ସାଲେପୁର ରାସ୍ତାରେ ଦୁର୍ଘଟଣା

## ବସ୍ ଧକ୍କାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ

■ ସାଲେପୁର, ୧୦।୧୦ (ସମିସ): ଶନିବାର ସକାଳେ ଏକ ସଡ଼କ ଦୁର୍ଘଟଣାରେ ୨ ମୋଟର ସାଇକଲ୍ ଆରୋହୀଙ୍କ ମୃତ୍ୟୁ ଘଟିଛି । ଦୁର୍ଘଟଣାଗ୍ରସ୍ତ ବସ୍ ଓ ମୋଟରସାଇକଲ୍‌ଟିକୁ ପୁଲିସ ଜବତ କରିଥିବାବେଳେ ବସ୍ ଚାଳକ ଫେରାର ଥିବା ଜଣାଯାଇଛି । କଟକ-ସାଲେପୁର ରାସ୍ତାର ଚାଣକ୍ୟ ହୋଟେଲ ନିକଟରେ ଶ୍ରୀସାଇ ନାମକ ଏକ ଘରୋଇ ବସ୍ କଟକରୁ କେନ୍ଦ୍ରାପଡା ଅଭିମୁଖେ ଆସୁଥିବାବେଳେ ଏକ ମୋଟର ସାଇକଲ୍ ଯୋଗେ ଭୁବନେଶ୍ୱର ନୟାପଲ୍ଲୀ ଅଞ୍ଚଳର ପରେଶଚନ୍ଦ୍ର ରାଉତ(୨୬) ଓ କ୍ରିତିକ୍ ରାଜ (୧୯) କେନ୍ଦ୍ରାପଡାରୁ କଟକ ଅଭିମୁଖେ ଯାଉଥିଲେ । ଏହି ଦୁର୍ଘଟଣା ପରେ ସାଲେପୁର ପୁଲିସ ଉଭୟ ▸ପୃଷ୍ଠା-୭

### ଓଲଟ ପାଲଟ



ଓଡିଶା କଂଗ୍ରେସ ବନ୍ଦ ଆନ୍ଦୋଳନ
କଲା ବାର ଘଣ୍ଟା ପାଇଁ,
ଜନ ସମର୍ଥନ ମହଙ୍ଗା ପଡ଼ିଲା
ମୁଣ୍ଡ ମାରି ନେଲା ଝାଇଁ ।
ଆନ୍ଦୋଳନକାରୀ ଡାକ୍ତରଙ୍କୁ ଦେଖି
କହିଲେ କୁଆଡ଼େ ଯାଅ,
ରୋଗୀ ଦେଖା ଆଜି
ହୋଇପାରିବନି
ଦୟାକରି ଛୁଟି ନିଅ ॥

- ଯାଯାବର

## ଭୋଟର ହେବାକୁ ୩୩,୫୧୫ ଆବେଦନ

■ ଭୁବନେଶ୍ୱର, ୧୦।୧୦ (ସମିସ): ରାଜ୍ୟରେ ଭୋଟର ତାଲିକାରେ ନାମ ସାମିଲ କରିବା ଉଦ୍ଦେଶ୍ୟରେ ଗତ ୭, ୮ ଓ ୯ ତାରିଖରେ ଆୟୋଜିତ ୩ ଦିନିଆ ସ୍ୱତନ୍ତ୍ର ଅଭିଯାନ ସମାପ୍ତ ହୋଇଛି । ଏହି ଅଭିଯାନରେ ଭୋଟର ତାଲିକାରେ ସାମିଲ ହେବା ପାଇଁ ମୋଟ ୩୩,୫୧୫ଟି ଫର୍ମ-୬ ଆବେଦନପତ୍ର ଗ୍ରହଣ କରାଯାଇଛି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି ।

ସୂଚନା ଅନୁସାରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ପ୍ରକ୍ରିୟାରେ ଭୋଟର ତାଲିକାରେ ନାମ ସାମିଲ ହୋଇପାରି ନଥିବା ଯୋଗ୍ୟ ଭୋଟରଙ୍କ ସମେତ ନୂତନ ଓ ଯୁବ ଭୋଟରମାନଙ୍କୁ ତାଲିକାରେ ସାମିଲ ହେବାର ସୁଯୋଗ ପ୍ରଦାନ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି ତିନିଦିନିଆ ସ୍ୱତନ୍ତ୍ର ଅଭିଯାନ ଅଧୀନରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ମୋଟ ୨୬,୪୪୬ଟି ସ୍ୱତନ୍ତ୍ର ଶିବିର ଆୟୋଜନ କରାଯାଇଥିଲା । ଏହି ସ୍ୱତନ୍ତ୍ର ଅଭିଯାନ ସମୟରେ ଭୋଟର ତାଲିକାରେ ନାମ ସାମିଲ ହୋଇପାରି ନଥିବା ଯୋଗ୍ୟ ଭୋଟରମାନଙ୍କଠାରୁ ୧,୪୪୮ଟି ଫର୍ମ-୬ ଆବେଦନପତ୍ର ଗ୍ରହଣ କରାଯାଇଥିବାବେଳେ ନୂତନ ଓ ଯୁବ ଭୋଟରମାନଙ୍କଠାରୁ ୩୨,୦୬୭ଟି ଫର୍ମ-୬ ଆବେଦନପତ୍ର ଗ୍ରହଣ କରାଯାଇଛି । ଅର୍ଥାତ୍ ସର୍ବମୋଟ ୩୩,୫୧୫ଟି ଫର୍ମ-୬ ଆବେଦନପତ୍ର ଗ୍ରହଣ କରାଯାଇଛି । ଅକ୍ଟୋବର ମାସ ଶେଷ ପର୍ଯ୍ୟନ୍ତ ବୁଥ୍‌ସ୍ତରୀୟ ଅଧିକାରୀ ମାନଙ୍କ ଦ୍ୱାରା ଘରକୁ ▸ପୃଷ୍ଠା-୭

**୩ ଦିନିଆ ସ୍ୱତନ୍ତ୍ର ଅଭିଯାନରେ ରାଜ୍ୟବ୍ୟାପୀ ୨୬,୪୪୬ଟି ଶିବିର**

# ଶାସକ-ବିରୋଧୀ ଛକାପଞ୍ଝା; କ୍ୟାମ୍ପସ୍ ଅଶାନ୍ତ

**ସରକାରୀ ଦଳର ଇଶାରାରେ ନାଚୁଛନ୍ତି ପୁଲିସ, କଲେଜ ପ୍ରଶାସନ: ବିରୋଧୀ ଛାତ୍ର ସଂଗଠନ**

- ରେଭେନ୍ସା, ମାଣିକେଶ୍ୱରୀରେ ନାମ କାଟିଲେ, ବିରୋଧ ପରେ ପୁଣି ଯୋଡ଼ିଲେ କର୍ତ୍ତୃପକ୍ଷ
- ପଟ୍ଟାମୁଣ୍ଡାଇରେ ବିସିଜେଡି ସଭାପତି ପ୍ରାର୍ଥୀଙ୍କୁ ଆକ୍ରମଣ
- ବାଲେଶ୍ୱରରେ ବିଜେଡି ଜିଲ୍ଲା ଛାତ୍ର ସଭାପତି ଅଟକ
- ସିମୁଳିଆ କଲେଜରେ ଅଧ୍ୟକ୍ଷଙ୍କୁ ହତ୍ୟା ଧମକ
- ଏକାଧିକ କଲେଜରେ ସାଇନ-ଏ-ଡାଏ ଘୋଷଣା

■ ଭୁବନେଶ୍ୱର, ୧୦।୧୦ (ସମିସ): ରାଜ୍ୟବ୍ୟାପୀ ବିଭିନ୍ନ ବିଶ୍ୱ ବିଜଦ୍ୟାଳୟ ଏବଂ ଡିଗ୍ରୀ କଲେଜରେ ବର୍ତ୍ତମାନ ଛାତ୍ର ସଂସଦ ନିର୍ବାଚ ପ୍ରକ୍ରିୟା ଜାରି ରହିଛି । ତେବେ ନିର୍ବାଚନକୁ ଜେନେତେନ ପ୍ରକାରରେ ନିଜ ସପକ୍ଷରେ ନେବା ପାଇଁ ଶାସକ ଦଳର ମନ୍ତ୍ରୀ, ବିଧାୟକ, ନେତାମାନେ ସବୁ ନିୟମ କାନୁନକୁ ଦଳିମକଚି ଦେଉଛନ୍ତି କ୍ଷୋଭ ପ୍ରକାଶ କରୁଛନ୍ତି ବିଭିନ୍ନ ଛାତ୍ର ସଂଗଠନ । ସରକାରୀ ଦଳର ଚାପରେ କଲେଜ ଅଧ୍ୟକ୍ଷମାନେ ବେଆଇନ୍ କାର୍ଯ୍ୟ କରିବାକୁ ପଛାଉନଥିବା ବେଳେ ଏହାକୁ ନେଇ ବିଭିନ୍ନ ମହଲରେ କଡ଼ା ପ୍ରତିକ୍ରିୟା ପ୍ରକାଶ ପାଇଲାଣି । ସରକାର ଏପରି ▸ପୃଷ୍ଠା-୭

### ବାଙ୍କୀ କଲେଜ ଅଧକ୍ଷଙ୍କ କୋଠରିରେ ବୈଠକ; ବାହାରେ ବୋମାମାଡ଼

କଟକ, ୧୦।୧୦ (ସମିସ): ଛାତ୍ର ସଂସଦ ନିର୍ବାଚନ ପୂର୍ବରୁ ଅଶାନ୍ତିର ନିଆଁରେ ଜଳୁଛି ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ । ପ୍ରାର୍ଥୀ ତାଲିକାକୁ ନେଇ ଛାତ୍ର ଅସନ୍ତୋଷ ଚରମ ସୀମାରେ ପହଞ୍ଚିଥିବା ବେଳେ କ୍ୟାମ୍ପସରେ ବୋମାମାଡ଼ ଘଟଣା ପରିସ୍ଥିତିକୁ ଅଧିକ ଭୟାବହ କରିଦେଇଛି । ଲଗାତାର ବୋମାମାଡ଼କୁ ନେଇ କଲେଜ ▸ପୃଷ୍ଠା-୭

**ମହିଳା ହଷ୍ଟେଲରେ ବି ପଡ଼ିଲା ବୋମା**




# ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ପ୍ରତିବାଦ ସଭା

କିଶୋରନଗର,୧୦।୧୦(ସମିସ):

ଏସଆଇଆର ନାଁରେ କୋଟି କୋଟି ଯୋଗ୍ୟ ଭୋଟରଙ୍କୁ ଭୋଟ ଅଧିକାରରୁ ବଞ୍ଚିତ କରିଥିବା ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ତୁରନ୍ତ ଇସ୍ତଫା ଦେବା, ଏସଆଇଆରକୁ ରଦ୍ଦ କରିବା, ସମସ୍ତ ଯୋଗ୍ୟ ଭୋଟରଙ୍କୁ ଭୋଟର ତାଲିକାରେ ନାମ ପଞ୍ଜୀକରଣ କରିବା, ଜନସ୍ୱାର୍ଥ ବିରୋଧୀ ଏମ୍‌ଏମ୍‌ଡିଆର ସଂଶୋଧିତ ଆଇନ ବାତିଲ, ଅବିଳମ୍ବେ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରତ୍ୟାହାର କରି ବିଜ୍ଞାନସମ୍ମତ ନିର୍ଭୁଲ ପାଠ୍ୟପୁସ୍ତକ ଯୋଗାଇଦେବା ଦାବିରେ ଏସୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ଅକ୍ଟୋବର ୬ରୁ ୧୨ ତାରିଖ ପ୍ରତିବାଦ ସପ୍ତାହ ପାଳନ ଅବସରରେ ଶନିବାର




କିଶୋରନଗର କଲେଜ ଛକରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ଏସୟୁସିଆଇ (କମ୍ୟୁନିଷ୍ଟ) ଆଞ୍ଚଳିକ କମିଟି ସମ୍ପାଦକ ତୀର୍ଥବାସୀ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଆଞ୍ଚଳିକ କମିଟି ସଭ୍ୟ ଲକ୍ଷ୍ମଣ ବେହେରା, ପୀତାମ୍ବର ପ୍ରଧାନ, ରବିନାରାୟଣ ବାରିକ, ରମଣୀ ରଞ୍ଜନ ପ୍ରଧାନ ପ୍ରମୁଖ ବକ୍ତବ୍ୟ ରଖି ଗଣତାନ୍ତ୍ରିକ ରାଷ୍ଟ୍ରର ନିର୍ବାଚନ କମିଶନ ଭଳି ସାମ୍ବିଧାନିକ ସଂସ୍ଥାର ମୁଖ୍ୟ ଜ୍ଞାନେଶ କୁମାର ଏସଆଇଆର ନାଁରେ କୋଟି କୋଟି ଯୋଗ୍ୟ ଭୋଟରଙ୍କୁ ଭୋଟ ଅଧିକାରରୁ ବଞ୍ଚିତ କରିବା କେବଳ ଏକ ସାଧାରଣ ଭୁଲ୍ ନୁହେଁ ବରଂ ଗୁରୁତର ଅପରାଧ ବୋଲି କହିଥିଲେ। ଗଣତନ୍ତ୍ର ହତ୍ୟାକାରୀ ମୁଖ୍ୟ ନିର୍ବାଚନ କମିଶନର ତୁରନ୍ତ ଇସ୍ତଫା ଦିଅନ୍ତୁ ନଚେତ୍ ସରକାର ତାଙ୍କୁ ବହିଷ୍କାର କରନ୍ତୁ ବୋଲି ଦାବି କରିଥିଲେ। ଏମ୍‌ଏମ୍‌ଡିଆର ସଂଶୋଧିତ ଆଇନ ଦ୍ୱାରା ରାଜ୍ୟର ଖଣି, ପାଣି, ଜମି, ଜଙ୍ଗଲ ସବୁକିଛି ପୁଞ୍ଜିପତିମାନଙ୍କୁ ସରକାର ହସ୍ତାନ୍ତର ପାଇଁ ଘୃଣ୍ୟ ଷଡ଼ଯନ୍ତ୍ର କରୁଛନ୍ତି ବୋଲି ଅଭିଯୋଗ କରିଥିଲେ। ଓଡ଼ିଆ ଅସ୍ମିତାର କଥା କହୁଥିବା ରାଜ୍ୟ ସରକାର ଶିକ୍ଷାବର୍ଷର ୬ ମାସ ପରେ ବି ନିର୍ଭୁଲ ପାଠ୍ୟପୁସ୍ତକ ଯୋଗାଇ ନ ଦେବା ସରକାରଙ୍କ ଶିକ୍ଷାମାରଣ ନୀତି ବୋଲି ଅଭିଯୋଗ କରିଥିଲେ। ଡବଲ ଇଞ୍ଜିନ ସରକାରଙ୍କ ଜନବିରୋଧୀ ନୀତି ବିରୋଧରେ ଦୁର୍ବାର ଆନ୍ଦୋଳନ ସଂଗଠିତ କରିବା ପାଇଁ ଆହ୍ୱାନ କରାଯାଇଥିଲା।

- ଆମ୍ରପାଳ ରେଳ ଫାଟକରେ ବିଜେଡିର ୩ ଘଣ୍ଟିଆ ଅର୍ଥନୈତିକ ଅବରୋଧ

# ଭାରୀଯାନ ଚଳାଚଳ ଓ କୋଇଲା ପରିବହନ ବାଧାପ୍ରାପ୍ତ



**କଣିହାଁ,୧୦।୧୦(ସମିସ):** ଚାରିଦଫା ଦାବି ନେଇ ଶନିବାର କଣିହାଁ ବ୍ଲକ ବିଜିଗୋଳ ପଞ୍ଚାୟତ ଆମ୍ରପାଳ ରେଳ ଫାଟକଠାରେ ବିଜେଡି ପକ୍ଷରୁ ତିନି ଘଣ୍ଟିଆ ଅର୍ଥନୈତିକ ଅବରୋଧ ଓ ରେଳରୋକ ଆନ୍ଦୋଳନ କରାଯାଇଛି। ପୂର୍ବତନ ସାଂସଦ ମହେଶ ସାହୁଙ୍କ ନେତୃତ୍ୱରେ ସକାଳ ୭ଟାରୁ ଆରମ୍ଭ ହୋଇଥିବା ଆନ୍ଦୋଳନ ପୂର୍ବାହ୍ନ ୧୦ଟାରେ ଶେଷ ହୋଇଥିଲା। ଆନ୍ଦୋଳନ ଯୋଗୁଁ ୫୩ ନମ୍ବର ଜାତୀୟ ରାଜପଥରେ ଭାରୀଯାନ ଚଳାଚଳ ବାଧାପ୍ରାପ୍ତ ହୋଇଥିବାବେଳେ ଏନଟିପିସି ପ୍ରକଳ୍ପକୁ ରେଳପଥରେ କୋଇଲା ପରିବହନ ମଧ୍ୟ ପ୍ରଭାବିତ ହୋଇଥିଲା।

ଏମ୍‌ଏମ୍‌ଡିଆର୍ ସଂଶୋଧନ ଆଇନ ପ୍ରତ୍ୟାହାର, କଣିହାଁ-ଗୋଡ଼ିବନ୍ଧ ରାସ୍ତା ମରାମତି ସହ ଏହାକୁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର ଏବଂ ଭାରୀଯାନର ବେଗ ଘଣ୍ଟାପ୍ରତି ୨୦ କିଲୋମିଟର ମଧ୍ୟରେ ସୀମିତ ରଖିବାକୁ ଦାବି କରାଯାଇଥିଲା। ଆନ୍ଦୋଳନରେ କଣିହାଁ ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଜିଲ୍ଲା ବିଜେଡି ଉପସଭାପତି ସୁନୀଲ କୁମାର ପ୍ରଧାନ, ସରପଞ୍ଚ ରୁକ୍ମଣୀ ପ୍ରଧାନ, ସୁବାସିନୀ ବେହେରା, ସୁଜାତା ପ୍ରଧାନ, ବୃନ୍ଦାବନ ପ୍ରଧାନ, ସମିତି ସଭ୍ୟା କବିତାରାଣୀ ଦେହୁରୀ, ପ୍ରାକ୍ତନ ସମିତି ସଭ୍ୟ ନିର୍ମଳ ସାହୁ, ପୂର୍ବତନ ସରପଞ୍ଚ ଦୁଃଶାସନ ସାହୁ, ରାଜେନ୍ଦ୍ର ପ୍ରଧାନ, ହରିହରପୁର ପଞ୍ଚାୟତ ବିଜେଡି ସଭାପତି ସୌଭାଗ୍ୟ ପ୍ରଧାନ, କୀର୍ତ୍ତନ ସାହୁ, ଦିବ୍ୟଜ୍ୟୋତି ପ୍ରଧାନ, ରମେଶ ବେହେରା, ସାଧୁରାମ ସାହୁ, ବିଦ୍ୟାଧର ସାହୁ, ବିଶ୍ୱରଞ୍ଜନ ମହାନ୍ତି, ଅଜିତ ବେହେରା, ହୃଷୀକେଶ ସାହୁ ଓ ବାବୁଲା ଶତପଥୀଙ୍କ ସମେତ ବହୁ ଦଳୀୟ କର୍ମୀ ଯୋଗଦେଇଥିଲେ।

# ହଣ୍ଡପାରେ ସ୍ୱଚ୍ଛତା ସମ୍ପର୍କିତ ସଚେତନତା




**ବଇଣ୍ଡା,୧୦।୧୦(ସମିସ):** ହଣ୍ଡପା ଅଞ୍ଚଳରେ ଶୁକ୍ରବାର ଏନଆଇଡବ୍ଲ୍ୟୁସିଓ୍ୱାଇଡି ସଂସ୍ଥା ପକ୍ଷରୁ ସ୍ୱଚ୍ଛତା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିସହ ଆବର୍ଜନାର ସଠିକ୍ ପରିଚାଳନା, ପ୍ଲାଷ୍ଟିକ୍ ବ୍ୟବହାର ହ୍ରାସ ଏବଂ ମାର୍କେଟକୁ ସ୍ୱଚ୍ଛ ଓ ପରିଷ୍କାର ରଖିବା ସମ୍ପର୍କରେ ସଚେତନ କରାଯାଇଥିଲା। ଏଥିରେ ସବିତା ବିଶ୍ୱାଳ, ତପସ୍ୱିନୀ ମାଝୀ, ଲକ୍ଷ୍ମୀପ୍ରିୟା ସାହୁ, ଲିପ୍ସାମୟୀ ପ୍ରଧାନ, ଲିଜାଦେଇ ପ୍ରଧାନ, ଅମିୟକାନ୍ତ ଜୋଶୀ ଯୋଗଦେଇ ଗ୍ରାମବାସୀଙ୍କ ମଧ୍ୟରେ 'ସ୍ୱଚ୍ଛ ଗ୍ରାମ, ସୁସ୍ଥ ଗ୍ରାମ' ବାର୍ତ୍ତା ପହଞ୍ଚାଇଥିଲେ। ଶେଷରେ ସ୍ୱଚ୍ଛତା ପାଇଁ ଶପଥପାଠ କରାଯାଇଥିଲା।

# ପ୍ରାକୃତିକ ହସ୍ତଶିଳ୍ପ ବିଷୟରେ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ଅନୁଗୋଳ,୧୦।୧୦(ସମିସ):** ହୁଲୁରିସିଂହା ଉଚ୍ଚ ବିଦ୍ୟାଳୟରେ ପ୍ରାକୃତିକ ହସ୍ତଶିଳ୍ପ ଓ ପରିବେଶ ବନ୍ଧୁ ପଦକ୍ଷେପ ବିଷୟରେ ଦିନିକିଆ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଆୟୋଜିତ ହୋଇଛି। ଏଥିରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ୫୦ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ମଧୁସ୍ମିତା ନନ୍ଦ, ସମ୍ମାନିତ



ଅତିଥି ଭାବେ ଅନୁଗୋଳ ବିଇଓ ଅଶୋକ କୁମାର ପ୍ରଧାନ, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ବୁଜ କୁମାର ଗଡ଼ନାୟକ ଓ ହୁଲୁରିସିଂହା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କୀର୍ତ୍ତନ ସାହୁ ଯୋଗଦେଇଥିଲେ। ପ୍ରଶିକ୍ଷକ ଭାବେ ସୁନୀଲ କୁମାର ସ୍ୱାଇଁ ଓ ପୂର୍ଣ୍ଣଚନ୍ଦ୍ର ପାଳ ଯୋଗଦେଇଥିଲେ। ପରିବେଶ ସୁରକ୍ଷାରେ ଶିକ୍ଷକଙ୍କ ଭୂମିକା ଓ ପ୍ଲାଷ୍ଟିକ ବଦଳରେ ପ୍ରକୃତିରୁ ବିନା କୌଣସି ଆର୍ଥିକ ବୋଝରେ କିପରି ଉଚ୍ଚ ମାନର ଶିକ୍ଷଣ ସାମଗ୍ରୀ ବିଦ୍ୟାଳୟରେ ଉପଲବ୍ଧ କରାଯିବ ସେ ସମ୍ପର୍କରେ ଜିଲ୍ଲା ଶିକ୍ଷା ଅଧିକାରୀ ନନ୍ଦ ବୁଝାଇଥିଲେ।

# ଜିଲ୍ଲାସ୍ତରୀୟ ବିଜ୍ଞାନ ରୋଲ୍-ପ୍ଲେ ପ୍ରତିଯୋଗିତା



**ଅନୁଗୋଳ,୧୦।୧୦(ସମିସ):** ହୁଲୁରିସିଂହା ହାଇସ୍କୁଲ ପରିସରରେ ଜିଲ୍ଲାସ୍ତରୀୟ ବିଜ୍ଞାନ ରୋଲ୍-ପ୍ଲେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲାର ମୋଟ ୮ ବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ମଧୁସ୍ମିତା ନନ୍ଦ କାର୍ଯ୍ୟକ୍ରମକୁ ଉଦଘାଟନ କରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଜ୍ଞାନ ମନସ୍କତା, ସୃଜନଶୀଳତା ଓ ଯୁକ୍ତିଶୀଳ ଚିନ୍ତାଧାରାର ବିକାଶ ପାଇଁ ଏହି କାର୍ଯ୍ୟକ୍ରମର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ପ୍ରତିଯୋଗିତାରେ ବିଭିନ୍ନ ବିଜ୍ଞାନଭିତ୍ତିକ ବିଷୟକୁ ରୋଲ୍-ପ୍ଲେ ମାଧ୍ୟମରେ ଛାତ୍ରଛାତ୍ରୀମାନେ ରୋଚକ ଓ ଶିକ୍ଷଣୀୟ ଢଙ୍ଗରେ ପ୍ରଦର୍ଶନ କରିଥିଲେ। ଅଂଶଗ୍ରହଣକାରୀ ସମସ୍ତ ଛାତ୍ରଛାତ୍ରୀ ନିଜ ପ୍ରତିଭା, ଅଭିନୟ ଦକ୍ଷତା ଓ ବୈଜ୍ଞାନିକ ଚିନ୍ତନର ପରିଚୟ ଦେଇଥିଲେ। ପିଏମ୍‌ଶ୍ରୀ ଅନୁଗୋଳ ଉଚ୍ଚ ବିଦ୍ୟାଳୟ ପ୍ରଥମ, ହଣ୍ଡପା ମହାନଦୀ ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ ଓ ସରକାରୀ ବାଳିକା ଉଚ୍ଚ ବଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ବୁଜ କୁମାର ଗଡ଼ନାୟକ କର୍ଯ୍ୟକମ ପରିଚାଳନା କରିଥିଲେ। ହୁଲୁରିସିଂଘା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କୀର୍ତ୍ତନ ସାହୁ ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ୨ୟ ଇଣ୍ଟରନ୍ୟାସନାଲ୍ ଟ୍ରେଡ ଫେୟାର ଉଦଘାଟିତ



**ଅନୁଗୋଳ,୧୦।୧୦(ସମିସ):** ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ଓ ଅନୁଗୋଳ ବାଣିଜ୍ୟ ମେଳା ପକ୍ଷରୁ ୨ୟ ଇଣ୍ଟରନ୍ୟାସନାଲ୍ ଟ୍ରେଡ ଫେୟାର ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଉଦଘାଟିତ ହୋଇଛି। ଏଥିରେ ୧୦ ଦେଶ ତଥା ୨୨ ରାଜ୍ୟର ବିଭିନ୍ନ ସାମଗ୍ରୀ ପ୍ରଦର୍ଶନ ସହ ବିକ୍ରୟ ହେବା କାର୍ଯ୍ୟକ୍ରମ ରହିଛି। ଟ୍ରେଡ୍ ଫେୟାର ଆମ ଜିଲ୍ଲା ପାଇଁ ସମ୍ପୂର୍ଣ୍ଣ ଭିନ୍ନ ଓ ନିଆରା। ଆମ ହାତ ପାଆନ୍ତାରେ ସାମଗ୍ରୀ ମିଳିବାର ସୁଯୋଗ ରହିଛି। ଏଣୁ ଜନସାଧାରଣ ଏଠାକୁ ଆସି ପସନ୍ଦର ସାମଗ୍ରୀ କିଣିନେବାକୁ ମୁଖ୍ୟଅତିଥି ବିଧାୟକ ପ୍ରଧାନ ଆହ୍ୱାନ କରିଛନ୍ତି। ସମ୍ମାନିତ ଅତିଥି ଭାବେ ସ୍ୱେଚ୍ଛାସେବୀ ପର୍ଶୁରାମ ଦାଶ ଯୋଗଦେଇଥିଲେ। ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପକ୍ଷରୁ ସୁଜିତ୍ ଗୁପ୍ତା ଓ ପାୟଲ ଆଚାର୍ଯ୍ୟ ଗୁପ୍ତାଙ୍କ ସହ ଅନୁଗୋଳ ବାଣିଜ୍ୟ ମେଳାର ପ୍ରତାପ ମହାପାତ୍ର ଓ ଜୟନ୍ତ କର ଉପସ୍ଥିତ ଥିଲେ।

# ଅନୁଗୋଳ ଉପଜିଲ୍ଲାପାଳ ଭାବେ ଦାୟିତ୍ୱ ନେଲେ ଆଶିଷ



**ଅନୁଗୋଳ,୧୦।୧୦(ସମିସ):** ଅନୁଗୋଳର ନୂତନ ଉପଜିଲ୍ଲାପାଳ ଭାବେ ଶନିବାର ଦାୟିତ୍ୱ ନେଇଛନ୍ତି ଆଶିଷ ରଞ୍ଜନ ସାହୁ। ପୂର୍ବତନ ଉପଜିଲ୍ଲାପାଳ ମାୟାଧର ବେହେରାଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ଆଶିଷ ତାଳଚେର ଉପଜିଲ୍ଲାପାଳ ଭାବେ କାର୍ଯ୍ୟରତ ଥିଲେ। ବହୁତ୍ କମ୍ ସମୟ ଉପଜିଲ୍ଲାପାଳ ଭାବେ କାର୍ଯ୍ୟ କରି ତାଳଚେର ଅଞ୍ଚଳରେ ଲୋକଙ୍କ ସମସ୍ୟା ସମାଧାନ ପାଇଁ ଉଦ୍ୟମ କରିଥିଲେ। ଏବେ ଅନୁଗୋଳରେ ନିଯୁକ୍ତି ପରେ ସ୍ଥାନୀୟ ସମସ୍ୟା ସମାଧାନକୁ ପ୍ରାଧାନ୍ୟ ଦେବେ ବୋଲି ସେ କହିଛନ୍ତି।

## ଛାତ୍ର ସଂସଦ ନିର୍ବାଚନ

# ସଭାପତି ପ୍ରାର୍ଥୀଙ୍କୁ ଅପହରଣ ଅଭିଯୋଗ

- ପୂର୍ବତନ ବିଧାୟକ ଓ ଜଣେ ଅଧ୍ୟାପକଙ୍କ ସମ୍ପୃକ୍ତି ଅଭିଯୋଗ
- ଅଭିଯୋଗକୁ ଖଣ୍ଡନ କଲେ ପୂର୍ବତନ ବିଧାୟକ ଓ ପ୍ରାର୍ଥୀ

**ପାଲଲହଡ଼ା,୧୦।୧୦(ସମିସ):** ସ୍ଥାନୀୟ ମାଲ୍ୟଗିରି ମହାବିଦ୍ୟାଳୟ ଛାତ୍ରସଂସଦ ନିର୍ବାଚନକୁ ନେଇ ହଟଚମଟ ସୃଷ୍ଟି ହୋଇଛି। ସଭାପତି ପଦ ପାଇଁ ପ୍ରାର୍ଥିପତ୍ର ଦାଖଲ କରିଥିବା ଲକ୍ଷ୍ମଣ ମୁଣ୍ଡାଙ୍କୁ ଅପହରଣ କରାଯାଇଥିବା ପାଲଲହଡ଼ା ଥାନାରେ ଏତଲା ଦେଇଛନ୍ତି ଲକ୍ଷ୍ମଣଙ୍କ ବାପା ବୁଧୁରାମ ମୁଣ୍ଡା। ଏପରିକି ଏହି ଘଟଣାରେ କଲେଜର ଅଧ୍ୟାପକ ରୁଷାବ କୁମାର ସାହୁ ଏବଂ ପୂର୍ବତନ ବିଧାୟକ ମୁକେଶ କୁମାର ପାଲଙ୍କ ସମ୍ପୃକ୍ତି ଥିବା ସେ ସଙ୍ଗୀନ ଅଭିଯୋଗ ଆଣିଛନ୍ତି।

ଅଭିଯୋଗ ଅନୁଯାୟୀ, ଲକ୍ଷ୍ମଣ ପ୍ରାର୍ଥିପତ୍ର ଦାଖଲ କରିବା ପରେ ଶୁକ୍ରବାର ପାଲଲହଡ଼ା ଥାନା ଅନ୍ତର୍ଗତ ଗୋଡ଼ାପଦା ଗ୍ରାମରେ ଥିବା ତାଙ୍କ ମାମୁ ଘରକୁ ଯାଇଥିଲେ। ସେଠାରୁ ତାଙ୍କୁ ଅପହରଣ କରାଯାଇଛି। ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଶୁକ୍ରବାର ରାତିରେ ପୁଲିସ ପୂର୍ବତନ ବିଧାୟକ ପାଲଙ୍କ ବାଲିପଶି ବାସଭବନକୁ ଯାଇ ଲକ୍ଷ୍ମଣଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲା। ଏ ସମ୍ପର୍କରେ ପୂର୍ବତନ ବିଧାୟକ ପାଲଙ୍କୁ ଯୋଗାଯୋଗ କରିବାରେ ସେ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଜଣେ ପୂର୍ବତନ ବିଧାୟକଙ୍କ ଘରେ ପୁଲିସର ରାତିଅଧିଆ ତାଲାସିକୁ ସେ ନିନ୍ଦା କରିଛନ୍ତି। ଅନ୍ୟପଟେ ଲକ୍ଷ୍ମଣ ମଧ୍ୟ ଏକ ଭିଡିଓ ଜାରି କରି ଅପହରଣ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ ନିଜ ଇଚ୍ଛାରେ ସାଙ୍ଗମାନଙ୍କ ସହ ନିର୍ବାଚନ ପ୍ରଚାର କାର୍ଯ୍ୟରେ ଯାଇଥିଲେ। ଏଥିରେ ପୂର୍ବତନ ବିଧାୟକ ପାଲଙ୍କର କୌଣସି ସମ୍ପୃକ୍ତି ନାହିଁ ବୋଲି ସେ କହିଛନ୍ତି। ଏଥିସହ ପାଲଲହଡ଼ା ଥାନାକୁ ଯାଇ ଥାନା ଆଇଆଇସିଙ୍କୁ ସମାନ କଥା ଲିଖିତ ଭାବେ ଜଣାଇଛନ୍ତି। ତେବେ ଛାତ୍ରସଂସଦ ନିର୍ବାଚନ ପୂର୍ବରୁ ଏଭଳି ସଙ୍ଗୀନ ଅଭିଯୋଗ ପାଲଲହଡ଼ା ରାଜନୀତିକୁ ସରଗରମ କରିଛି।

# ଯନ୍ତରମନ୍ତର ଆନ୍ଦୋଳନ ପ୍ରସଙ୍ଗ; ଡିଓ୍ୱାଇଓର ପ୍ରତିବାଦ ସଭା

**ଅନୁଗୋଳ,୧୦।୧୦(ସମିସ):** ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଓ ଅନ୍ୟାନ୍ୟ ଦାବିରେ ଅକ୍ଟୋବର ୧୦ ଜନ୍ତରମନ୍ତର ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ କେନ୍ଦ୍ର ସରକାର ଓ ଦିଲ୍ଲୀ ପୁଲିସର ବଳ ପ୍ରୟୋଗ, ୨୩ ହଜାର ଫୋର୍ସ ମୁତୟନ, ରେଳସେବା, ମେଟ୍ରୋ ଷ୍ଟେସନ, ଇଣ୍ଟରନେଟ୍ ବନ୍ଦ କରିବା ସହ ଆନ୍ଦୋଳନକାରୀଙ୍କୁ ଗିରଫ କରିବା ପ୍ରତିବାଦରେ ଅଲ୍ ଇଣ୍ଡିଆ ଡିଓ୍ୱାଇଓ ପକ୍ଷରୁ ଦେଶବ୍ୟାପୀ ପ୍ରତିବାଦ କରାଯାଇଛି। ଅନୁଗୋଳ ପୁରୁଣା ବସଷ୍ଟାଣ୍ଡଠାରେ ମଧ୍ୟ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ଏଥିରେ କେନ୍ଦ୍ର ସରକାରଙ୍କ ଏଭଳି ଫାଶୀବାଦୀ ପଦକ୍ଷେପକୁ ଦୃଢ଼ ନିନ୍ଦା କରାଯାଇଛି। ବଳ ପ୍ରୟୋଗ କରି ଗଣତାନ୍ତ୍ରିକ ପଦ୍ଧତିରେ ଗଢ଼ି ଉଠିଥିବା ଆନ୍ଦୋଳନକୁ ଦବାଇବା ସମ୍ଭବ ନୁହେଁ ବୋଲି ସଂଗଠନର ରାଜ୍ୟ ସଭାପତି ମାନସ ପାଲ କହିଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଭାପତି ନିରଞ୍ଜନ ନାୟକ, ପୂର୍ବତନ ସଭାପତି ବିଷ୍ଣୁ ସାହୁ, ଜ୍ୟୋସ୍ନାରାଣୀ ସାମଲ, ମଳୟ ବେହେରା, ଦୁଃଖବନ୍ଧୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।




- ପରିବେଶ ସୁରକ୍ଷା ପାଇଁ ଜିଲ୍ଲା ପ୍ରଶାସନର ସ୍ୱତନ୍ତ୍ର ପଦକ୍ଷେପ

# 'ପ୍ଲାଷ୍ଟିକ୍ ଟୁ ପର୍ପୋଜ: ୧୦୦ ଦିନର ସ୍କୁଲ ଆକ୍ସନ୍ ଚ୍ୟାଲେଞ୍ଜ' ଆରମ୍ଭ

**ଅନୁଗୋଳ,୧୦।୧୦(ସମିସ):** ପରିବେଶ ସୁରକ୍ଷା ଏବଂ ସ୍ୱଚ୍ଛତାକୁ ଏକ ଜନ ଆନ୍ଦୋଳନରେ ପରିଣତ କରିବା ଲକ୍ଷ୍ୟରେ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ବ୍ଲକ ଡାଇମଣ୍ଡ ସମ୍ମିଳନୀ କକ୍ଷରେ 'ପ୍ଲାଷ୍ଟିକ୍‌ରୁ ପର୍ପୋଜ: ୧୦୦ ଦିନିଆ ସ୍କୁଲ ଆକ୍ସନ୍ ଚ୍ୟାଲେଞ୍ଜ' ଅଭିଯାନ ଆରମ୍ଭ ହୋଇଛି। ଏହି ପ୍ରୟାସରେ ଜିଲ୍ଲାର ସମସ୍ତ ୧୬୩ଟି ଘରୋଇ ବିଦ୍ୟାଳୟର ଷଷ୍ଠରୁ ଅଷ୍ଟମ ଶ୍ରେଣୀର ପ୍ରାୟ ୧୫ ହଜାର ଛାତ୍ରଛାତ୍ରୀ ସିଧାସଳଖ ଯୋଡ଼ି ହୋଇଛନ୍ତି। ଛାତ୍ରଛାତ୍ରୀଙ୍କ ମାଧ୍ୟମରେ ଜିଲ୍ଲାର ୧୫ ହଜାର ପରିବାର ଏହି ସ୍ୱଚ୍ଛତା ସଂକଳ୍ପ ସହ ସାମିଲ ହୋଇ ପ୍ଲାଷ୍ଟିକମୁକ୍ତ ସମାଜ ଗଠନ ଦିଗରେ ବାର୍ତ୍ତା ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି।

ଏହି ୧୦୦ ଦିନିଆ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା ପାଇଁ ପ୍ରତ୍ୟେକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ନେଇ 'ପ୍ଲାଷ୍ଟିକ୍ ଆକ୍ସନ୍ ଟିମ୍' ଗଠନ କରାଯାଉଛି, ଯାହା ଜଣେ ନୋଡାଲ ଶିକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟ କରିବ। ସମସ୍ତ କାର୍ଯ୍ୟକ୍ରମର ବିଧିବଦ୍ଧ ଡକ୍ୟୁମେଣ୍ଟେସନ୍ ସୁନିଶ୍ଚିତ କରାଯିବା ସହ ସମଗ୍ର ଅଭିଯାନକୁ ଚାରିଟି ପର୍ଯ୍ୟାୟରେ ପରିଚାଳନା କରାଯିବ। ସକ୍ରିୟ ଭାଗିଦାରୀ ପାଇଁ ଶ୍ରେଷ୍ଠ ଛାତ୍ରଛାତ୍ରୀ ଓ ବିଦ୍ୟାଳୟଗୁଡ଼ିକୁ ଜିଲ୍ଲା ପ୍ରଶାସନ ତରଫରୁ ସ୍ୱତନ୍ତ୍ର ପୁରସ୍କାର ଓ ସ୍ୱୀକୃତି ପ୍ରଦାନ କରାଯିବା ବ୍ୟବସ୍ଥା ରହିଛି। କାର୍ଯ୍ୟକ୍ରମରେ ଆଇଏଏସ



କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ହେଉଛି ପ୍ଲାଷ୍ଟିକ ବ୍ୟବହାରର ହ୍ରାସ, ପୁନଃବ୍ୟବହାର ଏବଂ ପୁନଃଚକ୍ରଣ। ଏହି ୩ଟି ନୀତିକୁ ପିଲାମାନଙ୍କ ଦୈନନ୍ଦିନ ଜୀବନଶୈଳୀରେ ଅଭ୍ୟାସରେ ପରିଣତ କରିବା ଦ୍ୱାରା ପ୍ଲାଷ୍ଟିକ୍ ପରିବେଶ ପାଇଁ ବୋଝ ନ ହୋଇ ନୂତନ ସୁଯୋଗରେ ରୂପାନ୍ତରିତ ହୋଇପାରିବ ବୋଲି କୁହାଯାଇଛି। ଏହି ସ୍ୱଚ୍ଛତା ଚ୍ୟାଲେଞ୍ଜରେ ଉଲ୍ଲେଖନୀୟ ଅବଦାନ ଏବଂ ପ୍ରୋବେସନର ଅଭି ଜୈନ, ଜିଲ୍ଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ଗୌରବମୟ ପ୍ରଧାନ, ଜିଲ୍ଲା ଶିକ୍ଷା ଅଧିକାରୀ ମଧୁସ୍ମିତା ନନ୍ଦ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଲୋପାମୁଦ୍ରା ପଟ୍ଟନାୟକଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ବୁଜ କୁମାର ଗଡ଼ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବୃଦ୍ଧଙ୍କୁ ହତ୍ୟା ଅଭିଯୋଗ

**ଛେଣ୍ଡିପଦା,୧୦।୧୦(ସମିସ):** ଛେଣ୍ଡିପଦା ବ୍ଲକ ତଥା ଜରପଡ଼ା ଥାନା ଜରପଡ଼ା ତଳସାହି ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଜଣେ ବୃଦ୍ଧଙ୍କୁ ପିଟି ପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଜରପଡ଼ା ଗ୍ରାମର ପନିପରିବା ମଞ୍ଜି ବ୍ୟବସାୟୀ କମାର ସାହୁ (୬୪)। ପୁଲିସ ସୂଚନା ଅନୁଯାୟୀ କମାର ବିଳମ୍ବିତ ରାତିରେ ପ୍ରଚୁର ମଦ୍ୟପାନ କରି ଅସଜାଡ଼ିତ ଅବସ୍ଥାରେ ନିଜ ଘରକୁ ଆସୁଥିଲେ। ଏହି ସମୟରେ ତାଙ୍କ ପଡ଼ୋଶୀ ତଥା ସାହିର କେତେକ ଯୁବକଙ୍କ ସହିତ ବଚସା ଓ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଯୁବକମାନେ ତାଙ୍କୁ ମାଡ଼ ମାରିଥିଲେ। ଗାଁ ଦାଣ୍ଡରେ ସେ ଗୁରୁତର ଅବସ୍ଥାରେ ପଡ଼ି ରହିଥିଲେ। ପରିବାର ଲୋକେ ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଛି। ଏ ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏହି ଘଟଣାରେ ସମ୍ପୃକ୍ତି ସନ୍ଦେହରେ ଜଣେ ଯୁବକଙ୍କୁ ପୁଲିସ ଅଟକ ରଖି ତଦନ୍ତ ଜାରି ରଖିଛି। ଏ ସମ୍ପର୍କରେ ଏକ ହତ୍ୟା ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ମନୋଜ କୁମାର ପ୍ରଧାନ କହିଛନ୍ତି।

# ଷ୍ଟେଟବ୍ୟାଙ୍କ ଦ୍ୱାରା ୩ ଶାଖାର ୧୯ ସିଏସ୍‌ପି ପରିଚାଳକ ସମ୍ବର୍ଦ୍ଧିତ



**କିଶୋରନଗର,୧୦।୧୦(ସମିସ):** ଷ୍ଟେଟ୍ ବ୍ୟାଙ୍କ ଆଠମଲ୍ଲିକ, ବଇଣ୍ଡା ଓ ଡିମିରିମୁଣ୍ଡା ଶାଖାର ୧୯ ଜଣ ବିଜେତା ଗ୍ରାହକ ସେବାକେନ୍ଦ୍ର (ସିଏସ୍‌ପି) ପରିଚାଳକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଜେତାମାନଙ୍କୁ ଉପହାର ପ୍ରଦାନ କରାଯିବା ସହ ସେମାନଙ୍କ ସଫଳତାକୁ ପ୍ରଶଂସା କରାଯାଇଛି। ଏହି କାର୍ଯ୍ୟକ୍ରମରେ ଏଫ୍‌ଆଇ ମ୍ୟାନେଜର ବେଣୁଧର ବେହେରା, ଡିମିରିମୁଣ୍ଡା ଶାଖା ପରିଚାଳକ ଅଜୟ କୁମାର ମହାରଣା, ଆର୍‌ବିଓ ଷ୍ଟାଫ୍ ନିର୍ମଳ କୁମାର ମିଶ୍ର ଓ ଅକ୍ସିଜେନ୍ ବିସି ମଳୟ କୁମାର ପ୍ରଧାନ ଉପସ୍ଥିତ ଥିଲେ। ସମ୍ବର୍ଦ୍ଧିତ ହୋଇଥିବା ପରିଚାଳକମାନଙ୍କ ମଧ୍ୟରେ ବିକାଶ ସାହୁ, ବିନୟ ପ୍ରଧାନ, ଜୟଦେବ ପ୍ରଧାନ, ଜିତେନ୍ଦ୍ର ପ୍ରଧାନ, ମୀନକେତନ ସାହୁ, ପ୍ରଭଞ୍ଜନ ସାହୁ, ରୋଜାଲିନ ଦେହୁରୀ, ସନ୍ତୋଷ ସାହୁ, ଶ୍ୱେତ କୁମାର ରଥ, ସୁମନ୍ତ ସାହୁ ଓ ସୁଶାନ୍ତ ଥାଟି ପ୍ରମୁଖ ରହିଛନ୍ତି।

# ବିଶ୍ୱର ଶ୍ରେଷ୍ଠ ୨ ପ୍ରତିଶତ ବୈଜ୍ଞାନିକ ତାଲିକାରେ ପ୍ରିୟରଞ୍ଜନ



**ଗୋଡ଼ିବନ୍ଧ,୧୦।୧୦(ସମିସ):** ଅନୁଗୋଳ ଜିଲ୍ଲା ସମଲ ଥାନା ଏକଘରିଆ ଗ୍ରାମର ଯୁବ ଗବେଷକ ପ୍ରିୟରଞ୍ଜନ ଶତପଥୀ ଅନ୍ତର୍ଜାତୀୟ ସ୍ତରରେ ସଫଳତା ହାସଲ କରିଛନ୍ତି। ମାଲେସିଆର ୟୁନିଭର୍ସିଟି ଟେନାଗା ନ୍ୟାସନାଲ୍ (ୟୁନିଟେନ୍)ରେ ଗବେଷଣାରତ ପ୍ରିୟରଞ୍ଜନ ୨୦୨୬ର ଷ୍ଟାନଫୋର୍ଡ ୟୁନିଭର୍ସିଟି ଏଲ୍‌ସେଭିଅର ବିଶ୍ୱର ଶ୍ରେଷ୍ଠ ୨ ପ୍ରତିଶତ ବୈଜ୍ଞାନିକ ତାଲିକାରେ ସ୍ଥାନ ପାଇଛନ୍ତି।

୩୨ ବର୍ଷୀୟ ପ୍ରିୟରଞ୍ଜନ ଶକ୍ତି ଓ ବୈଦ୍ୟୁତିକ ଇଞ୍ଜିନିୟରିଂ କ୍ଷେତ୍ରରେ ଗବେଷଣା କରୁଛନ୍ତି। ତାଙ୍କ ଗବେଷଣାର ମୁଖ୍ୟ ବିଷୟ ସୌର ଫଟୋଭୋଲ୍ଟାଇକ୍ ଓ ବିଦ୍ୟୁତ୍ ଶକ୍ତି ବ୍ୟବସ୍ଥା। ଏହାସହ ନବୀକରଣଯୋଗ୍ୟ ଶକ୍ତି, ଶକ୍ତି ଇଲେକ୍ଟ୍ରୋନିକ୍ସ, ଯନ୍ତ୍ର ଶିକ୍ଷଣ, ତ୍ରୁଟି ଚିହ୍ନଟ ଓ ବୈଦ୍ୟୁତିକ ଯାନ ସମ୍ବନ୍ଧୀୟ ବିଷୟରେ ସେ ଗବେଷଣା କରିଆସୁଛନ୍ତି। ପ୍ରିୟରଞ୍ଜନ ଏସ୍‌ଓଏ ବିଶ୍ୱବିଦ୍ୟାଳୟରୁ ବୈଦ୍ୟୁତିକ ଇଞ୍ଜିନିୟରିଂରେ ପିଏଚଡି ହାସଲ କରିଛନ୍ତି। ଗବେଷଣା ପ୍ରକାଶନ, ଉଦ୍ଧୃତି, ଏଚ୍-ସୂଚକାଙ୍କ ଆଦି ବିଭିନ୍ନ ମାନଦଣ୍ଡ ଆଧାରରେ ପ୍ରସ୍ତୁତ ଏହି ଅନ୍ତର୍ଜାତୀୟ ତାଲିକାରେ ସ୍ଥାନ ପାଇବା ତାଙ୍କ ପାଇଁ ବଡ଼ ସଫଳତା। ଏହା ଯୁବପିଢ଼ିଙ୍କୁ ବିଜ୍ଞାନ ଓ ଗବେଷଣା କ୍ଷେତ୍ରରେ ଆଗକୁ ବଢ଼ିବାକୁ ପ୍ରେରଣା ଦେବ ବୋଲି ଆଶା କରାଯାଉଛି।

## ଅନୁଗୋଳ କଲେଜ ଛାତ୍ରସଂସଦ ନିର୍ବାଚନ

# ନାମାଙ୍କନପତ୍ର ଦାଖଲ କଲେ ଛାତ୍ରଛାତ୍ରୀ

ଅନୁଗୋଳ,୧୦।୧୦(ସମିସ):

ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରସଂସଦ ନିର୍ବାଚନ ପାଇଁ ଶୁକ୍ରବାର ନାମାଙ୍କନପତ୍ର ଦାଖଲ କରାଯାଇଛି। ୮ ବର୍ଷ ପରେ ନିର୍ବାଚନ ହେଉଥିବାରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ରହିଥିବା ବେଳେ ଏହାର ଝଲକ କ୍ୟାମ୍ପସରେ ଦେଖିବାକୁ ମିଳିଥିଲା। ଏବିଭିପି ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ ପୂର୍ବରୁ ବୁଢ଼ୀ ଠାକୁରାଣୀ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ସେଠାରୁ ଶତାଧିକ ଛାତ୍ରଛାତ୍ରୀ ଶୋଭାଯାତ୍ରାରେ କଲେଜରେ ପହଞ୍ଚି ନାମାଙ୍କନପତ୍ର ଦାଖଲ କରିଥିଲେ। ସେହିପରି ଛାତ୍ର କଂଗ୍ରେସ ପକ୍ଷରୁ ପ୍ରାର୍ଥୀମାନେ ଶୋଭାଯାତ୍ରାରେ ଆସି ନାମାଙ୍କନ ଦାଖଲ କରିଥିଲେ। ଛାତ୍ର ବିଜେଡି ପ୍ରାର୍ଥୀ ନିରାଡ଼ମ୍ବର ଭାବେ ନାମାଙ୍କନ ଭରିଛନ୍ତି। ଅପରାହ୍ଣରେ ନାମାଙ୍କନ ଯାଞ୍ଚ କରାଯାଇ ପ୍ରାର୍ଥୀ ତାଲିକା ପ୍ରକାଶ



ପାଇଛି। ତାଲିକା ଅନୁସାରେ, ସଭାପତି ପ୍ରାର୍ଥୀ ଭାବେ ଜାଗୃତି ମୁଦୁଲି, ପ୍ରିୟବ୍ରତ ସାହୁ, ଆଶିଷ ବେହେରା, ଲାଲା ବିଶ୍ୱାଳ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଉପସଭାପତି ପଦ ପାଇଁ ଅମିଷା ଦିବ୍ୟଦର୍ଶିନୀ ସାହୁ, ରାକେଶ ରୋଶନ ଭୋଇ, ଆଶୁତୋଷ ପ୍ରଧାନ ଓ ଆଦିତ୍ୟ ସାହୁ ପ୍ରାର୍ଥୀ ହୋଇଛନ୍ତି। ସାଧାରଣ ସମ୍ପାଦକ ପଦ ପାଇଁ ଚିନ୍ମୟ ସାହୁ, ସଂଗ୍ରାମ ବେହେରା, ଆଶୁତୋଷ ପ୍ରଧାନ ଓ ଶିବମ୍ କୁମାର ବିନ୍ଧାଣି ନାମାଙ୍କନ ଭରିଛନ୍ତି। ସହ-ସାଧାରଣ ସମ୍ପାଦକ ପଦ ପାଇଁ ଶୁଭମ୍ ବାରିକ, ଅଞ୍ଜନ ରାଜପାଲ୍ ଓ ରାଧାରାଣୀ ପଣ୍ଡା ପ୍ରାର୍ଥୀ ହୋଇଛନ୍ତି।

ନାମାଙ୍କନ ଦାଖଲ ପାଇଁ କଲେଜ ପରିସରରେ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଅଣଛାତ୍ରଙ୍କ ପ୍ରବେଶ ରୋକିବା ପାଇଁ କ୍ୟାମ୍ପସରେ ପୁଲିସ ମୁତୟନ ହୋଇଥିଲେ। ଏ ନେଇ କଲେଜ ଅଧ୍ୟକ୍ଷ ଡ. ବସନ୍ତ କୁମାର ସାହୁ କହିଛନ୍ତି, ନିର୍ବାଚନକୁ ସ୍ୱଚ୍ଛ ଓ ନିର୍ବିବାଦୀୟ କରିବା ପାଇଁ ସମସ୍ତ ପଦକ୍ଷେପ ନିଆଯାଇଛି। ନିର୍ବାଚନ ପରିଚାଳନା ପାଇଁ ଏକାଧିକ କମିଟି ଗଠନ କରାଯାଇଛି। ଅଧ୍ୟାପକମାନେ ସ୍ଥିତି ଉପରେ ନଜର ରଖିବା ସହ ଛାତ୍ରଛାତ୍ରୀଙ୍କ ସୁବିଧା ଉପରେ ଗୁରୁତ୍ୱ ଦେଉଛନ୍ତି। ଏଣୁ, ନିର୍ବାଚନ ପରିଚାଳନା ନେଇ କୌଣସି ସମସ୍ୟା ହେବନି ବୋଲି ଅଧ୍ୟକ୍ଷ କହିଛନ୍ତି।

● ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ଛାତ୍ରସଂସଦ ନିର୍ବାଚନ

## ସରିଲା ନାମାଙ୍କନ ପ୍ରତ୍ୟାହାର, ହେବ ତ୍ରିମୁଖୀ ଲଢ଼େଇ

ରାଜନଗର, ୧୦।୧୦(ସମିସ): ଦୀର୍ଘ ୮ ବର୍ଷ ପରେ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ହେବାକୁ ଯାଉଛି। ୫ ତାରିଖରେ ଛାତ୍ର ସଂସଦ ନିର୍ବାଚନ ଘୋଷଣା ହେବା ପରେ ୯ ତାରିଖରେ ନାମାଙ୍କନ ପତ୍ର ଦାଖଲ ହୋଇଥିଲା। ଗତକାଲି ନାମାଙ୍କନ ପତ୍ର ଯାଞ୍ଚ ହୋଇଥିଲା। ଯାଞ୍ଚ ପରେ ସହ ଡିଏସଏ ସମ୍ପାଦକ ପ୍ରାର୍ଥୀ ପ୍ରକାଶ ମଥାନଙ୍କ ପ୍ରାର୍ଥିପତ୍ର ନାକଚ ହୋଇଥିଲା। ତାଙ୍କର ଏକାଡେମିକ ବ୍ୟାକ ଥିବାରୁ ନାମାଙ୍କନ ନାକଚ ହୋଇଛି। ପ୍ରକାଶଙ୍କ ନାମାଙ୍କନ ନାକଚ ପରେ ଶମ୍ଭୁ ରଣା ସହ ଡିଏସଏ ସମ୍ପାଦକ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଅନ୍ୟପକ୍ଷରେ ଗତକାଲି ସନ୍ଧ୍ୟାରେ ମହାବିଦ୍ୟାଳୟ ପକ୍ଷରୁ ନାମାଙ୍କନ ସ୍କ୍ରୁଟିନ ପରେ ୨ ଜଣ ପାର୍ଥୀଙ୍କ ନାମାଙ୍କନ ନାକଚ ହୋଇଥିବା ନେଇ ନୋଟିଫିକେସନ କରାଯାଇଥିଲା। ବିଜୁ ଛାତ୍ର ଜନତା ଦଳ ସମର୍ଥିତ ସହ ଆଥଲେଟିକ ସମ୍ପାଦକ ପଦ ପାଇଁ ନାମାଙ୍କନ କରିଥିବା ଦୀପୁଙ୍କର ଦାସଙ୍କ ନାମାଙ୍କନକୁ ନାକଚ କରି ଦିଆଯାଇଥିଲା। ଛାତ୍ରମାନେ ପହଞ୍ଚି କାହିଁକି ପ୍ରାର୍ଥିପତ୍ର ନାକଚ କରାଗଲା ବୋଲି ପଚାରିବାରୁ ବିଜୁ ଛାତ୍ର ଜନତା ଦଳର ଦୁଇଜଣ ସହ ସାଂସ୍କୃତିକ ସମ୍ପାଦକ ପଦ ପାଇଁ ନାମାଙ୍କନ କରିଥିବାରୁ ଦୀପୁଙ୍କରଙ୍କ ନାମାଙ୍କନ ନାକଚ ହୋଇଥିବା ଅଧ୍ୟକ୍ଷ ଦର୍ଶାଇଥିଲେ। ଛାତ୍ରମାନେ ନାମାଙ୍କନ ଦେଖାନ୍ତୁ ଆମେ ଠିକ ଭାବେ ନାମାଙ୍କନ କରିଛୁ ବୋଲି ଦର୍ଶାଇଥିଲେ। ଏହାକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇବାରୁ ଅଧ୍ୟକ୍ଷ କର୍ମଚାରୀଙ୍କୁ ଡକାଇ ନାମାଙ୍କନ ଆଉଥରେ ତନଖି କରିଥିଲେ। ତନଖି ସମୟରେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଭୁଲ କରିଥିବା ଜଣାପଡ଼ିଥିଲା। ଏହାପରେ ନୋଟିସ ବୋର୍ଡରେ ଲଗାଯାଇଥିବା ନୋଟିଫିକେସନକୁ ଚିରି ନୂତନ ନୋଟିଫିକେସନ ଲଗାଯାଇଥିଲା। ଆଥଲେଟିକ ସମ୍ପାଦକ ପଦ ପାଇଁ ନାମାଙ୍କନ କରିଥିବା ସୁଇଟି ଦାସ ଆଜି ତାଙ୍କର ନାମାଙ୍କନ ପ୍ରତ୍ୟାହାର କରିଛନ୍ତି। ଆଜି ଜଣେ ମାତ୍ର ପ୍ରାର୍ଥୀ ନାମାଙ୍କନ ପ୍ରତ୍ୟାହାର କରିଥିଲେ। ଅନ୍ୟପକ୍ଷରେ ସ୍କ୍ରୁଟିନ ଓ ନାମାଙ୍କନ ପ୍ରତ୍ୟାହାର ପରେ ସଭାପତି, ଉପସଭାପତି, ସାଧାରଣ ସମ୍ପାଦକ, ସହ ସାଧାରଣ ସମ୍ପାଦକ, +୩ ପ୍ରଥମ ବର୍ଷ ଶ୍ରେଣୀ ପ୍ରତିନିଧି, କଲଚରାଲ ସମ୍ପାଦକ, ମାଗାଜିନ ସମ୍ପାଦକ ପଦ ପାଇଁ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ଓ +୩ ଦ୍ୱିତୀୟ ବର୍ଷ ଶ୍ରେଣୀ ପ୍ରତିନିଧି, +୩ ତୃତୀୟ ବର୍ଷ ଶ୍ରେଣୀ ପ୍ରତିନିଧି, ସହ କଲଚରାଲ ସମ୍ପାଦକ, ଆଥଲେଟିକ ସମ୍ପାଦକ, ସହ ଆଥଲେଟିକ ସମ୍ପାଦକ, ଡିଏସଏ ସମ୍ପାଦକ ପଦ ପାଇଁ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବା ସ୍ପଷ୍ଟ ହୋଇଛି। ସହ ଡିଏସଏ ସମ୍ପାଦକରେ ଶମ୍ଭୁ ରଣା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି।

### ମଦନପୁର କଲେଜ ଛାତ୍ର ସଂସଦ ନିର୍ବାଚନକୁ ନେଇ ହିଂସା

# ଛାତ୍ର ବିଜେଡି ସଭାପତି ପ୍ରାର୍ଥୀଙ୍କୁ ମାଡ଼; ଛାତ୍ରଛାତ୍ରୀଙ୍କ ରାସ୍ତାରୋକ

ପଟ୍ଟାମୁଣ୍ଡାଇ, ୧୦।୧୦(ସମିସ)



ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଯୁକେ ମହାବୀର କଲେଜ ଛାତ୍ର ସଂସଦ ନିର୍ବାଚନରେ ହିଂସା ଦେଖିବାକୁ ମିଳିଛି। ଏହି କଲେଜର ଛାତ୍ର ବିଜେଡି ସଭାପତି ପ୍ରାର୍ଥୀ ଦୀପଙ୍କର ରାଉତଙ୍କୁ ପ୍ରାର୍ଥିପତ୍ର ପ୍ରତ୍ୟାହାର ପାଇଁ ଚାପ ପକାଇ ବିଫଳ ହେବା ପରେ ପ୍ରତିଦ୍ୱନ୍ଦ୍ୱୀ ଛାତ୍ର ସଂଗଠନ ପିଲାମାନେ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଫଳରେ ଦୀପଙ୍କର ଆହତ ହୋଇ କେନ୍ଦ୍ରାପଡ଼ା ଜିଲ୍ଲା ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣାକୁ ନେଇ କଲେଜରେ ଉତ୍ତେଜନା ପ୍ରକାଶ ପାଇଛି। ଛାତ୍ର ବିଜେଡି ସଭାପତି ପ୍ରାର୍ଥୀଙ୍କୁ ମାଡ଼ ମାରିଥିବା ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା, କଲେଜ କ୍ୟାମ୍ପସରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ ପୁଲିସ ମୁତୟନ କରିବା ଦାବିରେ କଲେଜ ଛାତ୍ରଛାତ୍ରୀ ରାସ୍ତାରୋକ କରିଥିଲେ।

ସୂଚନା ମୁତାବକ, ଆଜି ମଦନପୁର ଯୁକେ ମହାବୀର କଲେଜ ଛାତ୍ର ସଂସଦ ନିର୍ବାଚନରେ ଛାତ୍ର ବିଜେଡି ପକ୍ଷରୁ ବିଭିନ୍ନ ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସମସ୍ତ ପ୍ରାର୍ଥୀ କଲେଜ ପରିସରରେ ଏକ ବୈଠକ କରିଥିବାବେଳେ ଦୁଇଜଣ ପିଲା ସେଠାକୁ ଯାଇ ଛାତ୍ର ବିଜେଡି ସଭାପତି ପ୍ରାର୍ଥୀ ଦୀପଙ୍କର ରାଉତଙ୍କୁ ଡାକି ବାହାରକୁ ଆଣିବା ସହିତ ବିଜେପି ନେତା ଲଳିତ ବେହେରାଙ୍କ ସହିତ ଉପସ୍ଥିତ କିଛି ବିଜେପି ନେତାଙ୍କ ନିକଟରେ ହଜାର କରାଇଥିଲେ। ବିଜେପି ନେତା ଛାତ୍ର ବିଜେଡି ସଭାପତି ପ୍ରାର୍ଥୀ ଦୀପଙ୍କରଙ୍କୁ ପ୍ରାର୍ଥିପତ୍ର ପ୍ରତ୍ୟାହାର କରି ନେବାକୁ ଚାପ ପକାଇଥିଲେ। ସେ ରାଜି ନ ହେବାରୁ ବିଜେପି ସମର୍ଥିତ ଏବିଭିପି ଛାତ୍ରନେତା ବିଜେପି ନେତାଙ୍କ ସମ୍ମୁଖରେ ମାଡ଼ ମାରିଥିଲେ ବୋଲି ମଦନପୁର ଯୁକେ ମହାବୀର କଲେଜ ଛାତ୍ର ବିଜେଡି କ୍ୟାମ୍ପାସ ସମ୍ପାଦକ ଶୁଭ୍ରକାନ୍ତ ଦାସ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଅନୁରୋଧ କରିଛନ୍ତି। ଏହି ଘଟଣା ପ୍ରଚାରିତ ହେବା ପରେ ମଦନପୁର ଯୁକେ ମହାବୀର କଲେଜ ଓ ମଦନପୁର ଛକରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଛାତ୍ର ବିଜେଡି ସଭାପତି ପ୍ରାର୍ଥୀ ଦୀପଙ୍କର ରାଉତଙ୍କୁ ମାଡ଼ ମାରିଥିବା ଅଭିଯୁକ୍ତଙ୍କ ଗିରଫ ଓ କଲେଜ କ୍ୟାମ୍ପାସରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ ପୁଲିସ ମୁତୟନ କରିବା ଦାବିରେ ମଦନପୁର ଯୁକେ ମହାବୀର କଲେଜ ଛାତ୍ରଛାତ୍ରୀ ଉପସଭାପତି ପ୍ରସନ୍ନଜିତ ପରିଡ଼ା, ସମ୍ପାଦକ ଲିଲି ବେହେରା, ସହସମ୍ପାଦକ ସୁନୟନା ପାତ୍ର, ସାଂସ୍କୃତିକ ସମ୍ପାଦକ ସନ୍ତୋଷ ଖିଲାର, କ୍ରୀଡ଼ା ସମ୍ପାଦକ ସତୀଶ ମହାକୁଡ଼, ଡିଏସଏ ସମ୍ପାଦକ ସୋନାଲି ପାତ୍ର, କ୍ୟାମ୍ପସ କମିଟି ସମ୍ପାଦକ ଶୁଭ୍ରକାନ୍ତ ଦାସ, ମାନସୀ ମହାନ୍ତି, ସନ୍ଧ୍ୟାରାଣୀ ନାୟକ, ସୁଶ୍ରୀ ସଙ୍ଗୀତା, ଦୀପାଞ୍ଜଳି ବରାଳ, ସୁନୀଲ ସ୍ୱାଇଁ, ଲିନାରାଣୀ ମହାନ୍ତି, ଓମ ପ୍ରକାଶ ପାତ୍ର, ସୁମନ୍ତ ପ୍ରଧାନ, ରିଙ୍କୁରାଣୀ ବେହେରା, ଶୁଭଙ୍କର ଦଳାଇ, ନୀଳିମା ବେହେରା, ବିଶ୍ୱପ୍ରଭା ବେହେରା ପ୍ରମୁଖ ମଦନପୁର-ରାଜନଗର ରାସ୍ତାରେ ଧାରଣା ଦେଇଥିଲେ।

ଛାତ୍ରଛାତ୍ରୀଙ୍କ ରାସ୍ତାରେ ଧାରଣା ଦେବା ଯୋଗୁଁ ପଟ୍ଟାମୁଣ୍ଡାଇ-ରାଜନଗର ଓ ରାଜନଗର- ପଟ୍ଟାମୁଣ୍ଡାଇ ଉଭୟ ପଟରୁ ଆସୁଥିବା ଶହ ଶହ ଗାଡ଼ି ମୋଟର ରାସ୍ତାରେ ଠିଆ ହୋଇରହିଥିଲା। ଖବର ପାଇଁ ପଟ୍ଟାମୁଣ୍ଡାଇ ଏସଡିପିଓ ସୁକାନ୍ତ ପାତ୍ର, ରାଜନଗର ଥାନା ଆଇଆଇସି ରତିରଞ୍ଜନ ନାୟକ, ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ମାନସ ରଞ୍ଜନ ମଲ୍ଲିକ, ଗ୍ରାମାଞ୍ଚଳ ଥାନା ଏସଆଇ କୌଶିକା ରାଉତରାୟ ପୋଲିସ ବାହିନୀ ସହିତ ଧାରଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀ ଛାତ୍ରଛାତ୍ରୀଙ୍କ ସହିତ ଆଲୋଚନା କରିଥିଲେ। ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ରାଜ୍ୟ ଛାତ୍ର ବିଜେଡି ଉପସଭାପତି ବୈବ୍ରତ ବିଶ୍ୱାଳ, ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ, ପୂର୍ବତନ ଜିଲ୍ଲା ପରିଷଦ ବିଜୟ ନାୟକ, ସରପଞ୍ଚ ପ୍ରିୟବ୍ରତ ଓଝା, ଅନୀଲ ଲେଙ୍କା, ପୂର୍ବତନ ସରପଞ୍ଚ ମିନତୀ ପାତ୍ର, ଯୁବନେତା ସଂଗ୍ରାମ ସ୍ୱାଇଁ, ହରିହର ସାହୁ ପୁଲିସ ଅଧିକାରୀଙ୍କ ସହିତ ଆଲୋଚନା କରି ଆନ୍ଦୋଳନକାରୀ ଛାତ୍ରଛାତ୍ରୀଙ୍କ ଦାବି ଅନୁଯାୟୀ ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ଛାତ୍ରଛାତ୍ରୀଙ୍କୁ ଉପଯୁକ୍ତ ସୁରକ୍ଷା ପ୍ରଦାନ କରିବାକୁ ଦାବି କରିଥିଲେ। ପଟ୍ଟାମୁଣ୍ଡାଇ ଏସଡିପିଓ ସୁକାନ୍ତ ପାତ୍ର ପୁଲିସ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଆଇନ ଅନୁଯାୟୀ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେବା ପରେ ଛାତ୍ରଛାତ୍ରୀ ରାସ୍ତାରୋକ ଆନ୍ଦୋଳନ ପ୍ରତ୍ୟାହାର କରିଥିଲେ।

## ଛାତ୍ର ସଂସଦ ନିର୍ବାଚନକୁ ନେଇ ରଣକ୍ଷେତ୍ର ପାଲଟିଲା ଜିଲ୍ଲା ଚିକିତ୍ସାଳୟ

● ପୁଲିସ ଉପସ୍ଥିତିରେ ବିଜେଡି-ବିଜେପି କର୍ମୀ ମୁହାଁମୁହିଁ, ଜଣେ ଆହତ
● ସଭାପତି ପ୍ରାର୍ଥୀ ଦୀପଙ୍କରଙ୍କୁ ଅପହରଣ ଓ ମାଡ଼ ଅଭିଯୋଗ



କେନ୍ଦ୍ରାପଡ଼ା, ୧୦।୧୦(ସମିସ): ଛାତ୍ର ସଂସଦ ନିର୍ବାଚନକୁ ନେଇ ରାଜନୈତିକ ଉତ୍ତେଜନା ଏବେ ଚରମ ସୀମାରେ ପହଞ୍ଚିଛି। ପଟ୍ଟାମୁଣ୍ଡାଇସ୍ଥ ଯୁକେ ମହାବୀର ମହାବିଦ୍ୟାଳୟର ସଭାପତି ପ୍ରାର୍ଥୀ ଦୀପଙ୍କର ରାଉତଙ୍କ ପ୍ରାର୍ଥିତ୍ୱକୁ ନେଇ ଦେଖାଦେଇଥିବା ବିବାଦ ଶନିବାର ଉଗ୍ର ରୂପ ଧାରଣ କରିଛି। ଦୀପଙ୍କରଙ୍କୁ ଅପହରଣ କରି ମାଡ଼ ମରାଯାଇଥିବା ଅଭିଯୋଗ ପରେ ଜିଲ୍ଲା ଚିକିତ୍ସାଳୟରେ ହାଇଡ୍ରାମା ସୃଷ୍ଟି ହୋଇଛି। ଏପରିକି ପୁଲିସ ଉପସ୍ଥିତିରେ ବିଜେଡି ଓ ବିଜେପି କର୍ମୀଙ୍କ ମଧ୍ୟରେ ମାରପିଟ ଘଟି ଜଣେ ବ୍ୟକ୍ତି ଆହତ ହୋଇଛନ୍ତି।

ଯୁକେ. ମହାବୀର ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନରେ ସଭାପତି ପ୍ରାର୍ଥୀ ହୋଇଥିବା ଦୀପଙ୍କର ରାଉତଙ୍କୁ ଶନିବାର କିଛି ଦୁର୍ବୃତ୍ତ ଅପହରଣ କରିବା ସହ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ପରେ ତାଙ୍କୁ ଚିକିତ୍ସା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ଦୀପଙ୍କରଙ୍କୁ ନିଜ ଦଳର ପ୍ରାର୍ଥୀ ବୋଲି ଦାବି କରି ବିଜେଡି ଓ ବିଜେପି ନେତା, ଶତାଧିକ କର୍ମୀ ଚିକିତ୍ସାଳୟରେ ପହଞ୍ଚିଥିଲେ। ଏହାକୁ ନେଇ ଉଭୟ ପକ୍ଷ ମଧ୍ୟରେ ପ୍ରଥମେ କଥା କଟାକଟି ଓ ପରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ସ୍ଥିତି ବିଗିଡ଼ିବା ଆଶଙ୍କାରେ ସଦର ଥାନା ପୁଲିସ ପକ୍ଷରୁ ଦୁଇ ସେକ୍ସନ ଫୋର୍ସ ମୁତୟନ କରାଯାଇଥିଲା। ପରିସ୍ଥିତି ଅଧିକ ଜଟିଳ ହେବାରୁ ଦୀପଙ୍କରଙ୍କୁ ଚିକିତ୍ସାଳୟରୁ ଛାଡ଼ି ଦିଆଯାଇଥିଲା। ସେ ଚିକିତ୍ସାଳୟ ଛାଡ଼ି ଚାଲିଯିବା ପରେ ହଠାତ୍ ପରିସ୍ଥିତି ବିସ୍ଫୋରକ ରୂପ ନେଇଥିଲା। ପୁଲିସ ଉପସ୍ଥିତିରେ ଉଭୟ ଗୋଷ୍ଠୀ ମଧ୍ୟରେ ମାରପିଟ ଆରମ୍ଭ ହୋଇଯାଇଥିଲା। ଏଥିରେ ଜଣେ ବ୍ୟକ୍ତିଙ୍କ ମୁଣ୍ଡ ଫାଟି ଯାଇଥିବା ଜଣାପଡ଼ିଛି। ପୁଲିସ ହସ୍ତକ୍ଷେପ କରି ଉଭୟ ପକ୍ଷଙ୍କୁ ଘଟଣାସ୍ଥଳରୁ ହଟାଇବା ପରେ ପରିସ୍ଥିତି କିଛିଟା ଶାନ୍ତ ପଡ଼ିଥିଲା। ତେବେ ଘଟଣାକୁ ନେଇ ଚିକିତ୍ସାଳୟ ପରିସରରେ ଉତ୍ତେଜନା ଲାଗି ରହିଥିବା ଜଣାପଡ଼ିଛି।

## ରାଜନଗର ବିଧାୟକଙ୍କ ଗ୍ରାମାଞ୍ଚଳ ଥାନା ଆଗରେ ଧାରଣା



ପଟ୍ଟାମୁଣ୍ଡାଇ, ୧୦।୧୦(ସମିସ):ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଯୁକେ ମହାବୀର କଲେଜର ବିଜେଡି ସମର୍ଥିତ ସଭାପତି ପ୍ରାର୍ଥୀ ଦୀପଙ୍କର ରାଉତଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ନେଇ ରାଜନଗର ବିଧାୟକ ଧ୍ରୁବ ସାହୁ ଗ୍ରାମାଞ୍ଚଳ ଥାନା ଆଗରେ ଧାରଣା ଦେଇଛନ୍ତି। ସମ୍ପୃକ୍ତ ଛାତ୍ରଙ୍କୁ ପୁଲିସ କେନ୍ଦ୍ରାପଡ଼ା ମେଡିକାଲକୁ ନେଇଥିଲା। ତେବେ ସମ୍ପୃକ୍ତ ଛାତ୍ର ଘରେ ପହଞ୍ଚି ନ ଥିବାରୁ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଆଗରେ ରାଜନଗର ବିଧାୟକ ଶ୍ରୀ ସାହୁ ଶତାଧିକ କର୍ମୀଙ୍କ ସହ ଧାରଣା ଦେଇଥିଲେ।

## ମଦନପୁରପୁର କଲେଜ ମାଡ଼ ଘଟଣା: ପ୍ରତିବାଦରେ ଛାତ୍ର ବିଜେଡିର ବିକ୍ଷୋଭ



ପଟ୍ଟାମୁଣ୍ଡାଇ, ୧୦।୧୦(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ମଦନପୁର ଯୁକେ ମହାବୀର କଲେଜର ଛାତ୍ର ବିଜେଡି ସଭାପତି ପ୍ରାର୍ଥୀ ଦୀପଙ୍କର ରାଉତଙ୍କୁ ମାଡ଼ ପ୍ରତିବାଦରେ ଆଜି ପଟ୍ଟାମୁଣ୍ଡାଇ ଯୁବ ଛାତ୍ର ବିଜେଡି ପକ୍ଷରୁ ପଟ୍ଟାମୁଣ୍ଡାଇ ଡେଲଟା ଛକରେ ଟାୟାର ଜାଳି ରାସ୍ତାରୋକ କରାଯାଇଥିଲା। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ମାନସ ରଞ୍ଜନ ମଲ୍ଲିକ, ଯୁବଛାତ୍ର ବିଜେଡି ନେତାଙ୍କୁ ବୁଝାସୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିବା ଜଣାପଡ଼ିଛି।

## ପ୍ରଜ୍ଞାନ ମିଶନ ପକ୍ଷରୁ ଗୀତା ଆବୃତ୍ତି ପ୍ରତିଯୋଗିତା

ରାଜନଗର, ୧୦।୧୦(ସମିସ): ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ବାଘମାରି ବିବେକାନନ୍ଦ ଉଚ୍ଚବିଦ୍ୟାଳୟରେ ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ୯ ତାରିଖ ଦିନ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ମାନସ କୁମାର ଧଳ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଶିକ୍ଷକ ପ୍ରତାପ ଧଳ, ପ୍ରଜ୍ଞାନ ମିଶନର ଅନୀଲ କୁମାର ଦାସ, ବିଭୂତି ଭୂଷଣ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଚାରକ ଭାବେ ନରହରି ଚୌହାନ, ଲକ୍ଷ୍ମୀପ୍ରିୟା



ବେହେରା, ନାରାୟଣ ଜେନା, ଜଗନ୍ନାଥ ପଣ୍ଡା, ସୁବାସ ଚନ୍ଦ୍ର ସଏ, ବିଳାସିନୀ ମହାପାତ୍ର, ତପସ୍ୱିନୀ ବେଉରା, ହଲସନ କୁମାର ଧନୱାର, ମୋନାଲିସା ପ୍ରିୟଦର୍ଶିନୀ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ୩ଟି ବିଭାଗରେ ୬ଟି ବିଦ୍ୟାଳୟର ୯୩ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ଭଗବଦ ଗୀତାର ଷଷ୍ଠ ଅଧ୍ୟାୟ ଆବୃତ୍ତି କରିଥିଲେ। 'କ' ବିଭାଗରେ ଶ୍ରୁତି କାମିଲା, ଅଙ୍କିତା ଦାସ, ରାଣୀ ପରିଡ଼ା, 'ଖ' ବିଭାଗରେ ସଞ୍ଜୁରାଣୀ ମଣ୍ଡଳ, ସୌମ୍ୟଦୀପ ପ୍ରମାଣିକ, ବର୍ଷା ମାଇତି, 'ଗ' ବିଭାଗରେ ଚମ୍ପାବତୀ ମଣ୍ଡଳ, ଭବାନୀ କୁଣ୍ଡୁ, ଆଦ୍ୟାଶା ପଣ୍ଡା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ଜିଲ୍ଲା ସ୍ତରକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ରାଜ୍ୟସ୍ତରୀୟ କୃତୀ ପ୍ରତିଯୋଗୀଙ୍କୁ ଏକବର୍ଷ ପାଇଁ ବୃତ୍ତି ପ୍ରଦାନ କରାଯିବ।

## ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ

ପଟ୍ଟାମୁଣ୍ଡାଇ, ୧୦।୧୦(ସମିସ): ପଟ୍ଟାମୁଣ୍ଡାଇ ଚିକିତ୍ସାଳୟ ପରିସରରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଜଜ୍ ବିଦ୍ୟାଧର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ



ଚିକିତ୍ସାଳୟର ଡାକ୍ତର ଚନ୍ଦ୍ରଶେଖର ଦାସ, ସରକାରୀ ଓକିଲ ସୁରେଶ କୁମାର ନରେନ୍ଦ୍ର, ବରିଷ୍ଠ ଓକିଲ ବିଜୟ ରାଉତ, ହୃଦାନନ୍ଦ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ବକ୍ତାମାନେ ବର୍ତ୍ତମାନ ଭାରତରେ କୋଡିଏ କୋଟିରୁ ଅଧିକ ଲୋକ ମାନସିକ ରୋଗରେ ଆକ୍ରାନ୍ତ ଓ ଏହାର ଭୟାବହତା ଉପରେ ଆଲୋକପାତ କରିଥିଲେ। ବର୍ତ୍ତମାନର ଯୁବପିଢ଼ି ସୁସ୍ଥ ମାନସିକତାକୁ ବଜାୟ ରଖିବାରେ ବିଫଳ ହେଉଛନ୍ତି ବୋଲି ମତ ପ୍ରକାଶ କରି ଏହାର ସୁସ୍ଥତା ବଜାୟ ରଖିବା ପାଇଁ ମନ୍ତବ୍ୟ ଦେଇଥିଲେ। ସରକାରୀ ଓକିଲ ଧୀରେନ୍ଦ୍ର ସାହୁ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ରିଟେନର ମନୋଜ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସରକାରୀ ଓକିଲ ଭବାନୀ ଶଙ୍କର ପଣ୍ଡା, ପଟ୍ଟାମୁଣ୍ଡାଇ ମେଡିକାଲର ମ୍ୟାନେଜର ଚିତ୍ତରଞ୍ଜନ ଚାନ୍ଦ, ଅପର୍ଣ୍ଣା ସାମଲ, ଅରବିନ୍ଦ ପଣ୍ଡା, ଗଣନାଥ ତ୍ରିପାଠୀ, ପଟ୍ଟାମୁଣ୍ଡାଇ ଚିକିତ୍ସାଳୟର କର୍ମକର୍ତ୍ତା, ପରିଚାଳନା କମିଟି ସଦସ୍ୟ, ବ୍ଲକର ଆଶା କର୍ମୀ ଉପସ୍ଥିତ ଥିଲେ।

## ବିଜେପି ସଂଖ୍ୟାଲଘୁ ମୋର୍ଚ୍ଚାର ନୂତନ ପଦାଧିକାରୀ



ରଘୁନାଥପୁର, ୧୦।୧୦(ସମିସ): ଜଗତସିଂହପୁର ଜିଲ୍ଲା ପାଇଁ ବିଜେପି ସଂଖ୍ୟାଲଘୁ ମୋର୍ଚ୍ଚାର ନୂତନ କର୍ମକର୍ତ୍ତା ରାଜ୍ୟ ସଭାପତି ଗୁରିନ୍ଦର ସିଂହ ଏବଂ ଜିଲ୍ଲା ସଭାପତି ପ୍ରତାପ କୁମାର ମିଶ୍ରଙ୍କ ଅନୁମୋଦନ କ୍ରମେ ଘୋଷଣା କରାଯାଇଛି। ଏଥିରେ ଜିଲ୍ଲା ସଂଖ୍ୟାଲଘୁ ମୋର୍ଚ୍ଚାର ସଭାପତି ଭାବେ ସୟଦ ମୁକ୍ତାର ଅଲ୍ଲୀ (ବାବୁ ଭାଇ)ଙ୍କ ନାମ ଘୋଷଣା କରାଯାଇଛି। ଏହି କମିଟିରେ ୫ ଜଣଙ୍କୁ ଉପସଭାପତି, ୨ ଜଣଙ୍କୁ ସାଧାରଣ ସମ୍ପାଦକ, ୫ ଜଣଙ୍କୁ ସମ୍ପାଦକ ଏବଂ ଜଣଙ୍କୁ କୋଷାଧ୍ୟକ୍ଷ ଭାବେ ନାମ ଘୋଷଣା କରାଯାଇଛି।

## ଲକ୍ଷ୍ମୀନାରାୟଣପୁର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ



ଡେରାବିଶ, ୧୦।୧୦(ସମିସ): ଡେରାବିଶ ଶିକ୍ଷା ସର୍କଲ ଅଧୀନସ୍ଥ ଲକ୍ଷ୍ମୀନାରାୟଣପୁର କ୍ଲଷ୍ଟର ବୁଢୀଜାଗୁଳାଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ଲକ୍ଷ୍ମୀନାରାୟଣପୁର କ୍ଲଷ୍ଟରର ସିଆରସିସି ଅୟେଶ କାନ୍ତ ରାଉତ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଡେରାବିଶ ମଣ୍ଡଳର ସହଶିକ୍ଷାଧିକାରୀ ଖଗେଶ୍ୱର ନାୟକ, ମୁଖ୍ୟବକ୍ତା ଭାବେ ନୋଡାଲ ପ୍ରଧାନଶିକ୍ଷକ ଡଃ କାନନବାଳା ନାୟକ, ସମ୍ମାନିତ ଅତଥି ଭାବେ ଡେରାବିଶ ମଣ୍ଡଳର ସହଶିକ୍ଷାଧିକାରୀ ଦେବଦତ୍ତ ଶତପଥି, ବୁଢୀଜାଗୁଳାଇ ଉ.ପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ କେଶବ ପ୍ରଧାନ, ଲକ୍ଷ୍ମୀନାରାୟଣ ସରପଞ୍ଚ ଅରକ୍ଷିତ କାଣ୍ଡି, ଶିକ୍ଷାବିତ ଗୌରହରି ଜେନା ଯୋଗ ଦେଇଥିଲେ। କ୍ଲଷ୍ଟରର ୧୦ଟି ବିଦ୍ୟାଳୟର ୧୧୩ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ବକ୍ତୃତା, ସୃଜନଶୀଳ ଲିଖନ, ଓଡ଼ିଆ ହସ୍ତାକ୍ଷର ଓ ଶ୍ରୁତଲିଖନ, ବିତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, କୁଇଜ୍, ସଙ୍ଗୀତ, ଦଳଗତ ସାଂସ୍କୃତିକ ପ୍ରତିଯୋଗିତା କରାଯାଇଥିଲା। ଉଦ୍ଯାପନୀ ଉତ୍ସବରେ ଡେରାବିଶ ମଣ୍ଡଳର ପୂର୍ବତନ ସହଶିକ୍ଷାଧିକାରୀ ସଚ୍ଚିକାନ୍ତ ମିଶ୍ର ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ସିଆରସିସି ପ୍ରକାଶ ନାୟକ, ସୋନମଲକ୍ଷ୍ମୀ ସ୍ୱାଇଁ, ଉତ୍ତମ ମଲିକ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ସହକାରୀ ଶିକ୍ଷକ ସେକ ନଇମ ଅକ୍ତର ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିବାବେଳେ ବରାହିଲୋ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସୁବାସ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ମାଟିଆପଡ଼ାରେ ବନ୍ୟପ୍ରାଣୀ ସପ୍ତାହ ପାଳିତ

ପଟ୍ଟାମୁଣ୍ଡାଇ, ୧୦।୧୦(ସମିସ): ପରିବେଶ ସନ୍ତୁଳନ ପାଇଁ ବନ୍ୟପ୍ରାଣୀ ସୁରକ୍ଷା ଜରୁରୀ ଓ ବନ୍ୟପ୍ରାଣୀ ସୁରକ୍ଷା ପାଇଁ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ମାଟିଆପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟରେ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି। ଏ ଉପଲକ୍ଷେ ପ୍ରଧାନଶିକ୍ଷକ କବି ମନୋଜ ଶତପଥୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଆପୁଆ ନିର୍ଦ୍ଦେଶକ ବିଶିଷ୍ଟ ପରିବେଶବିତ ବିଜୟ କବି ମୁଖ୍ୟଅତିଥି, ପ୍ରାକ୍ତନ ପ୍ରଧାନଶିକ୍ଷକ ଶରତ କୁମାର ଗାହାଣ ମୁଖ୍ୟବକ୍ତା, ବନ ବିଭାଗ ଅଧିକାରୀ ରାଜେଶ ପଟନାୟକ, ସ୍କୁଲ ପରିଚାଳନା କମିଟି ସଭାପତି ଅକ୍ଷୟ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପରିବେଶ ସୁରକ୍ଷା ସୁସ୍ଥ ପରିବେଶ ସୃଷ୍ଟି କ୍ଷେତ୍ରରେ ବନ୍ୟଜନ୍ତୁଙ୍କ ଭୂମିକା, ସ୍ଥିତି, ଅବସ୍ଥିତି ଓ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ସହକାରୀ ଶିକ୍ଷକ ମାନସ ରଞ୍ଜନ ସାହୁ ସ୍ୱାଗତ ଭାଷଣ ଓ ଇକୋ କ୍ଲବ ଶିକ୍ଷୟିତ୍ରୀ ଶୁଭଶ୍ରୀ ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ସହକାରୀ ଶିକ୍ଷୟିତ୍ରୀ ପୁଷ୍ପଲତା ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ଶ୍ରୀଜଗନ୍ନାଥ ସଂସ୍କୃତିରେ ବୃକ୍ଷର ମାହାତ୍ମ୍ୟ ଆଲୋଚନାଚକ୍ର

ଜଗତସିଂହପୁର, ୧୦।୧୦(ସମିସ): ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇନ୍‌ସାଫ ପକ୍ଷରୁ ଜଗତସିଂହପୁର ବ୍ଲକ ଅନ୍ତର୍ଗତ ସୋମନାଥ ସରକାରୀ ଉଚ୍ଚ ବିଦ୍ୟାଳୟ, ଜାହାନପୁରଠାରେ ଆୟୋଜିତ ହୋଇଯାଇଛି ଶ୍ରୀଜଗନ୍ନାଥ ସଂସ୍କୃତିରେ ବୃକ୍ଷର ମାହାତ୍ମ୍ୟ ଆଧାରିତ ଆଲୋଚନାଚକ୍ର, ଲିଖିତ କୁଇଜ୍ ପ୍ରତିଯୋଗିତା, ମାନପତ୍ର ଓ ପୁରସ୍କାର ବିତରଣ ଓ ସମ୍ବର୍ଦ୍ଧନା ଉତ୍ସବ। ବିଦ୍ୟାଳୟର ପ୍ରଧାନଶିକ୍ଷକ ନିର୍ମଳ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡାକ୍ତର ଶ୍ରୀହର୍ଷ ମିଶ୍ର ଯୋଗଦେଇଥିଲେ। ଅବସରପ୍ରାପ୍ତ କୃତୀ ପ୍ରଧାନଶିକ୍ଷକ ଅତୁଲ ବିକ୍ରମ ପ୍ରଧାନ ସ୍ୱାଗତଭାଷଣ ଓ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଶିକ୍ଷାବିତ୍ ରାମଚନ୍ଦ୍ର ମହାପାତ୍ର ଓ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ମୌସୁମୀ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ଇନ୍‌ସାଫର ବୈଷୟିକ ଉପଦେଷ୍ଟା ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ ଦାରୁଦେବତା ଚତୁର୍ଦ୍ଧା ଦିବ୍ୟମୂର୍ତ୍ତିଙ୍କ ବିଗ୍ରହ, ଅଣସର ଥିବାବେଳେ ଫୁଲୁରିଲାଗି, ବିଡିଆପାନ ମଣୋହି, ମହାପ୍ରସାଦର ବହୁବିଧ ବ୍ୟଞ୍ଜନ, ଏପରି କି ଛପନ ଭୋଗ ସାଙ୍ଗକୁ ପୂଜା ଅର୍ଚ୍ଚନାରେ ବ୍ୟବହୃତ ବହୁବିଧ ସାମଗ୍ରୀରେ ବୃକ୍ଷଲତାର ଉପଯୋଗିତା ସମ୍ପର୍କିତ ତାତ୍ତ୍ୱିକ ଆଲୋଚନା କରିଥିଲେ। ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସନ୍ତୋଷ କୁମାର ବେହେରାଙ୍କୁ ଶ୍ରଦ୍ଧା ସବୁଜଶ୍ରୀ ବୈଭବ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଆୟୋଜିତ କୁଇଜ୍ ପ୍ରତିଯୋଗିତାରେ ଚିନ୍ମୟ କୁମାର



ସାହୁ, ସନ୍ତୋଷ ହାତୀ, ଶୁଭଶ୍ରୀ ଜେନା ଏବଂ ବୃକ୍ଷ ମଡେଲ ପ୍ରସ୍ତୁତିରେ ରିତେଶ୍ କୁମାର ପଟ୍ଟନାୟକ, ସ୍ୱର୍ଣ୍ଣପ୍ରଭା ସେଠୀ ଓ ଶୁଭଶ୍ରୀ ଭୋଇଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ବିଦ୍ୟାଳୟ ପରିଚାଳନା କମିଟିର ନବନିର୍ବାଚିତ ସଭାପତି ହେମନ୍ତ କୁମାର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମସ୍ତ କାର୍ଯ୍ୟକୁ ଶିକ୍ଷୟିତ୍ରୀ ମିତାଲି ପ୍ରିୟଦର୍ଶିନୀ ବେହେରା, ଅଞ୍ଜଳି ନାଥ, ପିଙ୍କି ମହାକୁର, ଶିକ୍ଷକ ରାଜକିଶୋର ବେହେରା, ବିଶ୍ୱନାଥ ପରିଡ଼ା ପ୍ରମୁଖ ପରିଚାଳନା କରିବାରେ ଆନ୍ତରିକ ସହଯୋଗ କରିଥିଲେ।

## ଭିତରକନିକାରେ ୩୬ ଆରଏଫ୍‌ଓ ପ୍ରଶିକ୍ଷାର୍ଥୀ

ରାଜନଗର, ୧୦।୧୦(ସମିସ): ମହାରାଷ୍ଟ୍ରର ଚନ୍ଦ୍ରପୁର ବନାଞ୍ଚଳ ଏକାଡେମୀର ୩୬ ଜଣ ଆରଏଫ୍‌ଓ ପ୍ରଶିକ୍ଷାର୍ଥୀ ଭିତରକନିକା ଜାତୀୟ ଉଦ୍ୟାନ ପରିଦର୍ଶନରେ ଆସି ଭିତରକନିକାର ଉଦ୍ଭିଦ ଓ ପ୍ରାଣୀ ସମ୍ପଦ ବିଷୟରେ ରାଜନଗର ବନଖଣ୍ଡ ଅଧିକାରୀ ଭରଦରାଜ ଗାଁଓକରଙ୍କଠାରୁ ଜ୍ଞାନ ଆହରଣ କରିବା ସହିତ ବୈଜ୍ଞାନିକ ପ୍ରସନ୍ନ ନାୟକ ଓ ଫରେଷ୍ଟର ପ୍ରଶାନ୍ତ ସିଂଙ୍କଠାରୁ ପ୍ରଶିକ୍ଷଣ ନେଇଥିବା ଜଣାପଡ଼ିଛି।

## ବାଲି ବୋଝେଇ ଡମ୍ପର ଜବତ

ରାଜକନିକା, ୧୦।୧୦(ସମିସ): ରାଜକନିକା ଥାନାଞ୍ଚଳରେ ଦିନକୁ ଦିନ ବେଆଇନ ବାଲି ଚାଲାଣ ବୃଦ୍ଧି ପାଉଥିବାବେଳେ ଆଜି ସକାଳେ କଟକ-ଚାନ୍ଦବାଲି ରାସ୍ତାରେ ଯାଉଥିବା ଏକ ବାଲି ବୋଝେଇ ଡମ୍ପରକୁ ପୁଲିସ ଜବତ କରିଛି। ଆବଶ୍ୟକ କାଗଜପତ୍ର ଯାଞ୍ଚ ବେଳେ ବାଲି ଚାଲାଣର କୌଣସି ସଠିକ ଚାଲାଣ ନ ଥିବାରୁ ପୁଲିସ ଗାଡ଼ିକୁ ଅଟକ ରଖିଛି।

## କ୍ଷତିପୂରଣ ଦାବିରେ ଶବ ରଖି ଧାରଣା

ପାରାଦୀପ, ୧୦।୧୦ (ସମିସ): ଜେଏସଡବ୍ଲୁ କମ୍ପାନୀରେ ଠିକା କାମ ନେଇଥିବା ଭେନ୍ସର କନଷ୍ଟ୍ରକ୍ସନ କମ୍ପାନୀ ଲିମିଟେଡ୍‌ରେ ଜଣେ କାର୍ଯ୍ୟରତ କର୍ମଚାରୀ (କାରପେଣ୍ଟର)ଙ୍କ ମୃତ୍ୟୁକୁ ନେଇ ଆଜି ସନ୍ଧ୍ୟାରୁ ଗ୍ରାମବାସୀ କ୍ଷତିପୂରଣ ଦାବିରେ କମ୍ପାନୀ ୧ ନମ୍ବର ଫାଟକରେ ଧାରଣାରେ ବସିଛନ୍ତି। ମୃତକଙ୍କ ନାମ ପବିତ୍ର କୁମାର ବେହେରା (୩୫), ଘର ବାଲିତୁଠ ପଞ୍ଚାୟତର ବଡଗବପୁରରେ ବୋଲି ଜଣାପଡ଼ିଛି। ତାର ବାପାଙ୍କ ନାମ କ୍ଷୀରୋଦ ଚନ୍ଦ୍ର ବେହେରା। ଜେଏସଡବ୍ଲୁ କମ୍ପାନୀରେ ସେ ଦୀର୍ଘ ଦେଢ଼ ବର୍ଷ ହେବ କାମ କରୁଥିଲା। ଗତ ମାସ ୨୪ ତାରିଖରେ କାର୍ଯ୍ୟରତ ସମୟରେ କମ୍ପାନୀ ମଧ୍ୟରେ ଦୁର୍ଘଟଣା ଘଟିଥିଲା। ସେପ୍ଟେମ୍ବର ୨୪ରୁ ଆଜି ପର୍ଯ୍ୟନ୍ତ ୧୬ ଦିନ କଟକରେ ଚିକିତ୍ସିତ ହେଉଥିବା ବେଳେ ଆଜି ତାଙ୍କର ମୃତ୍ୟୁ ହୋଇଯାଇଛି। ତେବେ ଆଜି ପରିବାର ଓ ଗ୍ରାମ ଲୋକେ ଶବ କଟକରୁ ଆସିବା ପରେ କ୍ଷତିପୂରଣ ଦାବିରେ କମ୍ପାନୀର ୧ ନମ୍ବର ଫାଟକ ସମ୍ମୁଖରେ ଧାରଣା ଦେଇଛନ୍ତି। ପତ୍ନୀଙ୍କୁ ନିଯୁକ୍ତି ସହ ୫୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଦାବି କରିଛନ୍ତି ଧରଣାକାରୀ। ତେବେ ଘଟଣାସ୍ଥଳରେ ପାରାଦୀପ ଏଡିଏମ, ଅଭୟଚାନ୍ଦପୁର ଥାନା ଆଇଆଇସି, କୁଜଙ୍ଗ ତହସିଲଦାର, ଗ୍ରାମବାସୀ ଏବଂ କମ୍ପାନୀ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଆଲୋଚନା ଜାରି ରହିଛି।

## ଅବସରପ୍ରାପ୍ତ କର୍ମଚାରୀ ସଂଘର ମାସିକ ବୈଠକ

ବାଲିକୁଦା, ୧୦।୧୦(ସମିସ): ବାଲିକୁଦା ବ୍ଲକର ଖାଲଗାଁ ମହାବୀର ପୀଠ ପରିସରରେ ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ସଂଘ, ବୋରିକିନା ଶାଖାର ମାସିକ ବୈଠକ ସଂଘର ସଭାପତି ହୃଷୀକେଶ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅରିଲୋ କଟିକଟା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ବଂଶୀଧର ସାହୁଙ୍କର ଗତ ମାସରେ ବିୟୋଗ ହୋଇଥିବାରୁ ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ତତ୍ପରେ ସଂଘର ସମ୍ପାଦକ ବିଷ୍ଣୁଚରଣ ସ୍ୱାଇଁ ପୂର୍ବସଭାର ବିବରଣୀ ପଠନ କରିଥିଲେ। ଏହି ବୈଠକରେ ଶିକ୍ଷକ ଭାବଗ୍ରାହୀ ଭୋଳ, ପ୍ରମୋଦ କୁମାର ନାୟକ ଓ ରବୀନ୍ଦ୍ର କୁମାର ପ୍ରଧାନ ନୂତନ ସଦସ୍ୟ ଭାବେ ଯୋଗ ଦେଇଥିବାରୁ ସଂଘ ପକ୍ଷରୁ ସେମାନଙ୍କୁ କରତାଳି ମାଧ୍ୟମରେ ସ୍ୱାଗତ କରାଯାଇଥିଲା। ଦୁଇ ଜଣ ବର୍ଷିୟାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମହାରଣା ଓ ଶିବ ଚରଣ ଜେନା ଏବଂ ମଠର ମହନ୍ତ ଅପର୍ତ୍ତି କୁମାର ମହାନ୍ତିଙ୍କୁ ସଙ୍ଗଠନ ପକ୍ଷରୁ ଅଙ୍ଗବସ୍ତ୍ର ଓ ପୁଷ୍ପ ଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଭ୍ୟ ଚତୁର୍ଭୁଜ ପରିଡ଼ା ଏହି ସ୍ଥାନର ଇତିହାସ ଓ ବର୍ତ୍ତମାନର ସ୍ଥିତି ଉପରେ ଆଲୋକପାତ କରିଥିଲେ। ଅଷ୍ଟମ ବେତନ କମିଶନଙ୍କ ରିପୋର୍ଟ ଓ କମ୍ପ୍ୟୁଟସନ ରିଟର୍ଣ୍ଣ ଉପରେ କୃଷ୍ଣଚନ୍ଦ୍ର ବିଶ୍ୱାଳ, ଗଗନ ବିହାରୀ ଶତପଥୀ, ଭ୍ରମରବର ପାଇଟାଳ, ବ୍ରହ୍ମାନନ୍ଦ ମହାନ୍ତି, ସୁରେଶ ଜେନା, କୈଳାସ ଚନ୍ଦ୍ର ବିଶ୍ୱାଳ ଅଂଶ ଗ୍ରହଣ କରି ନିଜ ନିଜର ମତ ରଖିଥିଲେ। ସଭା ପରିଚାଳନାରେ ଶିବ ଚରଣ ଜେନା, ବାବାଜି ପ୍ରଧାନ, ଶିବ ପ୍ରସାଦ ଦାସ, ନିରଞ୍ଜନ ସ୍ୱାଇଁ ଓ ଅପର୍ତ୍ତି ମହାନ୍ତି ସହଯୋଗ କରିଥିଲେ। ଜଟାଧାରୀ ସେନାପତି, ଆଦିକନ୍ଦ ଦାସ, ବୈଦ୍ୟନାଥ ଆଚାର୍ଯ୍ୟ, କାର୍ତ୍ତିକ ସେଠୀ, ପ୍ରଫୁଲ୍ଲ ମହାନ୍ତି, ଚକ୍ରଧର ଷଡ଼ଙ୍ଗୀ, ଅନନ୍ତ ଚରଣ ବିଶ୍ୱାଳ, ଶରତ ଲେଙ୍କା, ରବୀନ୍ଦ୍ର ସ୍ୱାଇଁ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ। ବରିଷ୍ଠ ସଦସ୍ୟ ଭୋଳାନାଥ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଅପରିଚିତା



ଛନ୍ଦା ମିଶ୍ର



"ସାର୍, କିଛି ନ ଭାବିବେ ଯଦି, ମତେ ତିନି ଶହ ଟଙ୍କା ଧାର୍ ଦେବେ କି?" ମୁଁ ଆଶ୍ଚର୍ଯ୍ୟ ହୋଇ ଚାହିଁଲି ଝିଅଟିକୁ। ଚିହ୍ନା ନାହିଁ ଜଣା ନାହିଁ, ଜଣେ ଏମିତି ହଠାତ୍ କାହାକୁ କ'ଣ ମୁହଁ ଖୋଲି ଟଙ୍କା ମାଗି ଦେଇ ପାରେ!

ମୁଁ ଟିକେ ଦୋଦୋପାଞ୍ଚ ହୋଇ କହିଲି, "ଟଙ୍କା...କିନ୍ତୁ...ମୁଁ ତୁମକୁ..."

"ନାଇଁ, ଆପଣ ମତେ ଜାଣି ନାହାଁନ୍ତି, ସତ କହିଲେ ମୁଁ ବି ଆପଣଙ୍କୁ ଭଲ କରି ଜାଣିନି। କିନ୍ତୁ ଆଜି ମୋର ଅଫିସ୍‌ରେ ପ୍ରଥମ ଦିନ ଆଉ ମୁଁ ଜଏନ୍ କରିବାର ସମୟ ଗଡ଼ି ଯାଉଛି, ତେଣୁ ବସ୍‌କୁ ଅପେକ୍ଷା ନ କରି କ୍ୟାବ୍‌ଟିଏ ଭଡ଼ା କରି ଚାଲିଯିବି ବୋଲି ଭାବିଲା ବେଳକୁ, କ'ଣ ହୋଇଛି କେଜାଣି ମୋ' ଫୋନ୍-ପେ ବି କାମ କରୁନାହିଁ। ଆଉ ମୋ' ପାଖରେ ଏତେ ସମୟ ବି ନାହିଁ ଯେ ଘର କୁ ଯାଇ ପଇସା ଆଣିବି। ତେଣୁ..."

ମୁଁ କିଛି ଭାବିବା ପୂର୍ବରୁ ମୋ' ହାତ ଆପେ ପ୍ୟାଣ୍ଟ ପଛ ପକେଟରେ ଥିବା ପର୍ସଟିକୁ କାଢ଼ି ସାରିଥିଲା। ତିନି ଶହ ଟଙ୍କା କାଢ଼ି ଝିଅଟିର ହାତରେ ଧରାଇ ଦେଲି। ସେ ଧନ୍ୟବାଦ ଦେଇ ଚାଲିଗଲା। ହେଲେ ପାଖରେ ଛିଡ଼ା ହୋଇ ମୋ' ପରି ବସ୍‌କୁ ଅପେକ୍ଷା କରିଥିବା ମହାନ୍ତି ବାବୁ, ଆରମ୍ଭ କଲେ, "ବୁଝିଲେ ଆଜ୍ଞା, ଆପଣଙ୍କୁ ଚୂନ ଲଗାଇ ଦେଲା। ଦିନ ବେଳଟାରେ ତିନି ଶହ ଟଙ୍କା ଠକି ନେଲା। ଆପଣ ଏପରି ଭୋଳା ଲୋକ ବୋଲି ମୁଁ ଜାଣି ନଥିଲି।"

"ନାଇଁ ମ, ଠକିବ କାହିଁକି! ପ୍ରକୃତରେ ଦରକାର ପଡ଼ିଥିବ ତାକୁ, ନହେଲେ କିଏ କ'ଣ କାହାକୁ ଏମିତି ହାତ ପତେଇ ଦେଇ ପାରେ! ଅବଶ୍ୟ ମୁଁ ଏ ଅଞ୍ଚଳରେ ନୂଆ, ଆପଣ ମୋଠାରୁ ଅଧିକ ଜାଣିଥିବେ, କିନ୍ତୁ ଏଇ କିଛି ଦିନ ଏଇ ଛକରୁ ବସ୍ ଧରିବା ଭିତରେ, କେତେ ଥର ମୁଁ ଏ ଝିଅଟିକୁ ଦେଖିଛି। ଏଇ ପାଖରେ ବୋଧେ କୋଉଠି ରହୁଛି...

ମୋ ପାଟିରୁ କଥା ଛଡ଼ାଇ ନେଇ ମହାନ୍ତି ବାବୁ କହିଲେ, "ହଁ ମ...ସେଇ ବୁଢ଼ା ବରଗଛ ପାଖ ଗଳିରେ, ତା' ବାପା ଗୋଟେ ପାନ ଦୋକାନ କରିଛି। ଏଇ ଛୋଟ ଲୋକଗୁଡ଼ାକଙ୍କର ଏଇ ହେଉଛି ଖୋଇ। ଅଭାବେ ସ୍ୱଭାବ ନଷ୍ଟ ବୋଲି କ'ଣ ଖାଲିଟାରେ କୁହାଯାଇଛି! ଚିହ୍ନା ନାହିଁ ଜଣା ନାହିଁ, ତୁ ଝିଅ ଛୁଆଟା, ଏମିତି ଆସି ତିନି ଶହ ଟଙ୍କା ମାଗି ନେଲୁ! ଦେଖିବେ ସେ ଆଉ ଟଙ୍କା ଫେରାଇବ ନାହିଁ।"

"ଆପଣ ସେମିତି କାହିଁକି ଭାବୁ ଛନ୍ତି ଯେ..."

ବସ୍ ଆସିଗଲା। କଥା ସେଇଠି ରଖି ଆମେ ବସ୍‌ରେ ଚଢ଼ିଲୁ।

ତେବେ ପରଦିନ ପରଦିନ କରି ତିନି ଦିନ ଧରି ସେ ଝିଅଟିର ଦେଖା ମିଳିଲା ନାହିଁ। କିନ୍ତୁ କାହିଁକି କେଜାଣି ମତେ ଲାଗୁଥିଲା, ଝିଅଟି ନିଶ୍ଚୟ ଆସିବ, ଟଙ୍କା ଫେରାଇବାକୁ। ହେଲେ ପାଞ୍ଚ ଦିନ ହେଇଗଲା ଯେତେବେଳେ, ମୁଁ ଆଶ୍ଚର୍ଯ୍ୟ ହେଲି, ବୋଧେ ମହାନ୍ତି ବାବୁଙ୍କ କଥା ସତ ହେବାକୁ ଯାଉଛି ପରି ମତେ ଲାଗିଲା । ନିଜେ ହିଁ ତ ବାହାଦୁରି ଦେଖାଇ ଟଙ୍କା ବଢ଼େଇ ଦେଇଚି, କହିବି କାହାକୁ! ମହାନ୍ତି ବାବୁଙ୍କୁ ଦେଖି ନ ଦେଖିବା ପରି ରହିବାରୁ ସେ ହିଁ ପାଖକୁ ଆସି କଥା ଆରମ୍ଭ କଲେ, "କ'ଣ ଆପଣଙ୍କୁ ଟଙ୍କା ମିଳିଲା?"

କହିଲି, "ନା ବୋଧେ ଆପଣଙ୍କ କଥା ସତ ହେବ କି କ'ଣ!"

"ନିହାତି ହେବ। ଖାଲିଟାରେ ଏ ମୁଣ୍ଡ ଉପରେ ବାଳ ଧଳା ହୋଇନି ମ ଆଜ୍ଞା। ଲୋକକୁ ଦେଖି ତା'ର ପ୍ରକୃତି କିପରି ତା' ମୁଁ କହି ଦେଇପାରେ। ଆଉ ରହିଲା ପଇସା ଦେବା କଥା, ଏ ଦୁନିଆ ଖୁବ୍ ଅଦ୍ଭୁତ ଆଜ୍ଞା। ଏଠି ପଇସା ଦେବାକୁ, କାମ କରିବାକୁ ଆଉ ମରିବାକୁ କେହି ଭଲ ପାଆନ୍ତି ନାହିଁ। ଏଠି ଆଜ୍ଞା ଧାର୍ ମାଗିବାକୁ ସମସ୍ତେ ଆଗଭର ମାତ୍ର ଧାର ଶୁଝିବାକୁ କେହି ଆସିବେ ନାହିଁ, ଓଲଟି ଆପଣଙ୍କ ନିଜ ଟଙ୍କା ଆପଣ ନିଜେ ମାଗିଲେ ଅପଦସ୍ତ ହେବାଟା ସାର। ପ୍ରଥମ ଲୋକ ଦେଖିଲି ଆପଣ ଯିଏ ମୁହଁରୁ ବାହାରୁ ବାହାରୁ ଟଙ୍କା କାଢ଼ି ଧରେଇ ଦେଲେ।"

"ମୁଁ ଭାବିଲି, ମୋ ଝିଅ ବୟସର ଝିଅଟା, ଅସୁବିଧାରେ ପଡ଼ି ମାଗୁଛି ଯେତେବେଳେ..."

ମୋ କଥା ସରିନାହିଁ, ଆଉ ଶୁଭିଲା, "ସାର୍!" ବୁଲି ଚାହିଁଲି। ସେ ଝିଅଟି ତରବର ହୋଇ ପାଖକୁ ଆସି, ଧଇଁସଇଁ ହୋଇ କହିଲା, "କ୍ଷମା ଚାହୁଁଚି ସାର୍, ଟିକେ ଡେରି ହୋଇଗଲା। ଏଇ ନିଅନ୍ତୁ ଆପଣଙ୍କ ଟଙ୍କା। ସେଦିନ ମୁଁ ଅଫିସ୍ ଯାଇ ଫେରିଲା ପରେ ବାପାଙ୍କର ହଠାତ୍ ଦେହ ଖରାପ ହେବାରୁ ତାଙ୍କୁ ନେଇ ଡାକ୍ତରଖାନା ଯିବାକୁ ପଡ଼ିଲା। ସେଠି ତିନିଦିନ ରହିବାକୁ ହେଲା, ଯେଉଁଥିପାଇଁ ମୁଁ ଚାହିଁ କରି ବି ଆପଣଙ୍କ ପାଖକୁ ଆସି ପାରିଲି ନାହିଁ। ସରି ସାର୍..."

ପଚାରିଲି, "ଏବେ ବାପା କେମିତି ଅଛନ୍ତି?"

"ଏବେ ଟିକେ ଭଲ ଅଛନ୍ତି ସାର୍।" ଉଭୟେ ଉଭୟଙ୍କୁ ଚାହିଁ ହସିଲୁ।

ବସ୍ ଆସିଗଲା, ଆମେ ବସ୍‌ରେ ଚଢ଼ିଲୁ। କିଛି ସମୟ ପୂର୍ବରୁ ଖୁବ୍ ଲମ୍ବା ଭାଷଣ ଦେଇଥିବା ମହାନ୍ତି ବାବୁ ଚୁପ୍ ଚାପ୍ ନିଜ ମୋବାଇଲ୍ ଦେଖୁଥିଲେ। ଆଉ ବାହାରକୁ ଚାହିଁ ମୁଁ ଭାବୁଥିଲି, ସମସ୍ତଙ୍କୁ ସମାନ ମାପ କାଠିରେ ମାପି ଆମେ କେତେ ଭ୍ରମରେ ରହେ ସତେ! ତେବେ ଝିଅଟି ଆଉ ମୋର ଅପରିଚିତା ନଥିଲା, ମୋ ପରିଚିତ ଭଲ ଲୋକଙ୍କ ତାଲିକାରେ ମୁଁ ତା'ର ନାଁ ଚଢ଼େଇ ସାରିଥିଲି। ସବୁଠାରୁ ଅଧିକ ସାନ୍ତ୍ୱନା ମତେ ମିଳିଥିଲା ଏୟା ଭାବି ଯେ, ଏତେ ଲୋକ ଥାଉ ଥାଉ ଝିଅଟି ମତେ ନ ଚିହ୍ନି ବି ଟଙ୍କା ମାଗିବା ପାଇଁ ଭରସା କରି ପାରିଥିଲା। ■

ମୋ: ୯୪୩୭୪୫୩୬୧୦

# ପଡ଼ିଛି ପଥର ହୋଇ

ସତ୍ୟନାରାୟଣ ଗନ୍ତାୟତ





ତୁଠରେ ବତୁରେ
ଆତୁର ହୋଇ
ଅଳତା ମଖା ପାଦର
ମାଜଣା ଟିକିଏ ପାଇଁ
ମନ୍ଦିର ଗାତ୍ରରେ
ଅଧୀର ହୋଇ
ଜୀବନ ସଙ୍ଗୀତ
ମନେ ମନେ ଯାଏ ଗାଇ !

ପଡ଼ିଛି ଏମିତି
ଏଠି ମୁଁ ପଥର ହୋଇ
ତୁମରି ଦୁଃଖରେ
ମୋ ଲୁହର ସୁଅ
ଛାତି ଫାଟି ଯାଏ ବୋହି ! ■

'ସୁହାସିତମ୍', କସ୍ତୁରୀ ନଗର
ରାୟଗଡ଼ା : ୭୬୫୦୦୧
ମୋ: ୯୪୩୭୯୦୯୬୭୫

# ପାପ ପୁଣ୍ୟ

ସୁଶୀଲ କୁମାର ପାଣିଗ୍ରାହୀ



ମାଂସ ଦୋକାନରେ
ଗୋଟିଏ ଗୋଟିଏ ଚିତ୍କାର
ଗୋଟିଏ ଗୋଟିଏ ପ୍ରାର୍ଥନା

ପହଞ୍ଚି ପାରେନି କେଉଁଠି

ଧୂପକାଠିର ସୁଗନ୍ଧ
ବିସରିତ ସବୁ କୋଣ
ସବୁ କ୍ଷଣ
କଟା ମାଂସ ଓ ରକ୍ତର
ଗନ୍ଧ ଭିତରେ
ଘୋଳି ହେଇଯାଏ

ଧୂପର ସୁଗନ୍ଧରେ
ଲୁଚି ଯାଏନି
କଟା ମାଂସ ଓ ରକ୍ତର ଗନ୍ଧ

ଯେତେ ଗାଢ଼ ହେଉ
ସୁଗନ୍ଧ
ଲୁଚାଇ ପାରେନି...

ଜୀବନ ଖାତାରେ
ହିସାବ ଜଳ ଜଳ। ■



କଲ୍ୟାଣୀ ରେସିଡେନ୍ସି
ଫ୍ଲାଟ୍ -୨୦୩
ସମ୍ବଲପୁର -୨
ମୋ: ୯୪୩୭୮୦୫୯୬୧

# ସୁନ୍ଦର ତୃପ୍ତିର ଅବସାଦ ନାହିଁ...

ଅକ୍ଷୟ କୁମାର ରାଉତ



ସୁଖଦୁଃଖର ମିଳିତ ସମାହାର ଏ ମଣିଷ ଜୀବନ। କେଉଁଠି ହାହାକାର ତ କେଉଁଠି ସୁଖ ଆନନ୍ଦର ଜୁଆର। କାହା ଜୀବନ ରଙ୍ଗମଞ୍ଚରେ ଭୂକମ୍ପ ତ, କାହାର ଜୀବନରେ ଆନନ୍ଦର ବନ୍ୟା। ଦୁଃଖ, ବିଷାଦ, ନିରାନନ୍ଦ, ବେଦନା, ଅବସାଦକୁ କବିବର ରାଧାନାଥ ରାୟ ନିଜ ଜୀବନରେ ଭୋଗ କରିଛନ୍ତି। ତଥାପି ସେ ନିଜ କାବ୍ୟଗୁଡ଼ିକରେ ସୌନ୍ଦର୍ଯ୍ୟର ବର୍ଣ୍ଣନା ଅତି ଚମତ୍କାର ଭାବରେ କରିଛନ୍ତି। 'ଚିଲିକା' ହେଉଛି କବିବର ରାଧାନାଥ ରାୟଙ୍କ ଏକ ହୃଦୟସ୍ପର୍ଶୀ ଖଣ୍ଡକାବ୍ୟ। କବିବର ଥିଲେ ସୌନ୍ଦର୍ଯ୍ୟର ମୁଗ୍ଧ ଉପାସକ। ମନୋରମ ଚିଲିକାର ଅପୂର୍ବ ଶୋଭା ବର୍ଣ୍ଣନାରେ କବିଙ୍କ ଲେଖନୀ ଚଳଚଞ୍ଚଳ ହୋଇଉଠିଛି। ସୌନ୍ଦର୍ଯ୍ୟର ପୂଜାରୀ କବି ରାଧାନାଥ 'ଚିଲିକା'କୁ ଯେଉଁ ମଧୁମୟ ରମ୍ୟଶୋଭାର ଗନ୍ତାଘର ଭାବରେ ଅନୁଭବ କରିଛନ୍ତି ତା'ର ପଟ୍ଟାନ୍ତର ନାହିଁ। କବିଙ୍କ ଭାଷାରେ ଚିଲିକା ହେଉଛି ଉତ୍କଳର ସକଳ ସୌନ୍ଦର୍ଯ୍ୟର ଗନ୍ତାଘର।

ଉତ୍କଳ-କମଳା-ବିଳାସ-ଦୀର୍ଘିକା
ମରାଳ-ମାଳିନୀ ନୀଳାମ୍ବୁ ଚିଲିକା।

ଚିଲିକାର ନୀଳ ନିର୍ମଳ ତରଙ୍ଗାୟିତ ଜଳରାଶି, ନାନାଜାତିର ବିହଙ୍ଗମାନଙ୍କ କଳରବ, ପାହାଡ଼ ପର୍ବତର ମନୋରମ ଦୃଶ୍ୟ। ମହିମାମଣ୍ଡିତ ଉତ୍କଳର ଶୋଭାଭଣ୍ଡାର ଚିଲିକା ପ୍ରତି କବିଙ୍କର ଆକର୍ଷଣ ଅନନ୍ୟ। ଚିଲିକାର ପ୍ରାକୃତିକ ସୁଷମା ରାଜିରେ କବି ଅଭିଭୂତ ହୋଇଛନ୍ତି। ଦିନେ ଯେଉଁ ପ୍ରକୃତି ଅପହଞ୍ଚ ଥିଲା, କବିଙ୍କ ଦୃଷ୍ଟିରେ ତାହା ନିକଟତର ହେଲା। ନିଶ୍ଚଳ ପ୍ରକୃତି ରାଧାନାଥଙ୍କ ସାହିତ୍ୟରେ ଚଳଚଞ୍ଚଳ ଓ ସୁଷମାରାଜିରେ ଚମତ୍କାର ହୋଇଉଠିଲା। ଚିଲିକାର ରମଣୀୟ ଛବି ରାଧାନାଥଙ୍କ ମନରେ ଯେଉଁ ଅମୃତର ପ୍ଲାବନ ଭରିଦେଲା, ତାହାର ରୂପରେ ମୁଗ୍ଧ ହୋଇ କବି ଗାଇ ଉଠିଲେ-

ଚାରୁଛବି ତୋର ସେହି ବିଭୀଷିକା
ତଡ଼ିଦେଲା ମନୁ ନିମିଷେ ଚିଲିକା।

ସାରା ଭାରତବର୍ଷର ପ୍ରାକୃତିକ ଶୋଭାର ଦିବ୍ୟ ଅନୁଭୂତି ସାଂସାରିକ ଜୀବନର ସୁଖ-ଦୁଃଖର ଦାର୍ଶନିକ ତତ୍ତ୍ୱକୁ ନେଇ ଯେଉଁ ଅମୃତମୟ ପଦ ପଙ୍‌କ୍ତି କବି ପ୍ରକାଶ କରିଛନ୍ତି, ତାହାର ପ୍ରାକୃତିକ ସୌନ୍ଦର୍ଯ୍ୟ କବିଙ୍କ ମନ ମନ୍ଦିରରେ ଘର କରି ରହିଅଛି। ଏତେ ଦୁଃଖ ଭିତରେ କବି ସମସ୍ତ ସମ୍ପଦରେ ପରିପୂର୍ଣ୍ଣ ଉତ୍କଳର ଆଗାମୀ ଭବିଷ୍ୟତ ଦେଖି ପାରୁଛନ୍ତି। ସେ ଆଶାବାଦୀ ହୋଇ ଚିଲିକାର ରମ୍ୟଶୋଭାର ଯୋଗ୍ୟସ୍ଥଳ ମନେ କରି ଗାଇଛନ୍ତି-

ପାହିଲାଣି ଘୋର ତାମସୀ ଯାମିନୀ
ଫୁଟିବ ଉତ୍କଳ ଭାଷା କମଳିନୀ
X X X X
ବାଣୀ ଆବିର୍ଭାବ ଯୋଗ୍ୟସ୍ଥଳ ଜାଣି
ଆଶ୍ରିବେ ତୋ ତୀର ବୁଧ, କବି, ଜ୍ଞାନୀ।

ପ୍ରକୃତିର ଉପାସକ କବିବର ଚିଲିକା କାବ୍ୟରେ ଯେଉଁ ଜୀବନ ଦର୍ଶନ ଅତି ଚମତ୍କାର ଭାବରେ ପ୍ରକାଶ





କରିଛନ୍ତି, ଏଥିରେ ଆନନ୍ଦ-ବିଷାଦ, ଆଶା-ନୈରାଶ୍ୟର ଭାବକୁ ବୁଝିପାରି କବି ଏକ ଜାତିର ସମୃଦ୍ଧି ଭବିଷ୍ୟତ ଦେଖି ପାରିଛନ୍ତି। ସୌନ୍ଦର୍ଯ୍ୟ ମାଧ୍ୟମରେ ଜୀବନ ଜଗତର କଳାତ୍ମକ ଅନୁଭୂତିର ଅବର୍ଣ୍ଣନୀୟ ସତ୍ୟକୁ କବି ଗ୍ରହଣ କରି ମୁଗ୍ଧ ହୋଇଛନ୍ତି। ସୌନ୍ଦର୍ଯ୍ୟର ଗନ୍ତାଘର ଚିଲିକାକୁ ସ୍ଥୂଳ ଦୃଷ୍ଟିରେ ନ ଦେଖି ସୂକ୍ଷ୍ମଦୃଷ୍ଟିରେ ଦେଖିଛନ୍ତି। କବିଙ୍କ ଦୃଷ୍ଟିରେ ଏକ ଅସାଧାରଣ ସ୍ୱାତନ୍ତ୍ର୍ୟ 'ଚିଲିକା' କାବ୍ୟରେ ପ୍ରତିଫଳିତ ହୋଇଛି। ଚିଲିକାର ନୀଳ ଜଳରାଶି, ସବୁଜ ପର୍ବତମାଳା, ବୃକ୍ଷଲତା, କୁରଙ୍ଗ, କୁରଙ୍ଗୀ, ରଙ୍ଗ ବେରଙ୍ଗର ପକ୍ଷୀ, ଛୋଟ ଛୋଟ ପାହାଡ଼ର ଦ୍ୱୀପମାଳା କବି କଳ୍ପନାରେ, ପ୍ରକୃତି ତା'ର ସମସ୍ତ ସୌନ୍ଦର୍ଯ୍ୟକୁ ଏହିଠାରେ ଠୁଳ କରିଛି। ସୁଶୋଭିତ ଚିଲିକାର ସୌନ୍ଦର୍ଯ୍ୟକୁ କବି ବା ଭାବୁକଟିଏ ଯେତେ ଦେଖିଲେ ବି ତାକୁ ପୁଣି ଦେଖିବାକୁ ଇଚ୍ଛା ହୁଏ। ନୂଆ ରୂପରେ, ନୂଆ ଢଙ୍ଗରେ ଖଣ୍ଡାହଣା ପର୍ବତ, ଗଉଣିଆ ପର୍ବତ, ମୈନାକ ଶିଖରୀ ଆଦି ପର୍ବତଗୁଡ଼ିକ ଚିଲିକାର ପରିବେଶକୁ ବେଶ୍ ସୌନ୍ଦର୍ଯ୍ୟମୟ କରିଛି। ଚିଲିକାର ସୌନ୍ଦର୍ଯ୍ୟ କବିଙ୍କ କଳ୍ପନାର ବାହାରେ। ସେଥିପାଇଁ କବି ଭାବପୂର୍ଣ୍ଣ ଆବେଗରେ ଗାଇଛନ୍ତି:-

ସୁନ୍ଦର ତୃପ୍ତିର ଅବସାଦ ନାହିଁ
ଯେତେ ଦେଖିଲେ ନୂଆ ଦିଶୁଥାଇ।

ସ୍ୱଭାବେ ଉତ୍କଳ ସୁନ୍ଦର। ଆହୁରି ସୁନ୍ଦର କରିଛି ଚିଲିକା, ତା'ର ଶୁଭ୍ରତା, ସୌନ୍ଦର୍ଯ୍ୟ, ପବିତ୍ରତାର ଶ୍ୟାମଳ ତୀର। ଅସ୍ତକାଳୀନ ସୂର୍ଯ୍ୟର ଅଙ୍ଗଶୋଭା ଚନ୍ଦ୍ରିକା ଚର୍ଚ୍ଚିତ ଆକାଶର ପ୍ରତିବିମ୍ବ ରୂପ ଚିଲିକାର ଜଳ ରାଶି କବିଙ୍କୁ କରିଛି ଆନମନା। ସେଥିପାଇଁ ରାଧାନାଥଙ୍କ ଦୃଷ୍ଟିରେ ଚିଲିକା ହେଉଛି ସତ୍ୟ-ଶିବ-ସୁନ୍ଦରର ପ୍ରତୀକ। କବି ତାଙ୍କ କୁଶଳତା ଦ୍ୱାରା ଚିଲିକାର ଯେଉଁ ଜୀବନ୍ତ ସୌନ୍ଦର୍ଯ୍ୟ ପ୍ରଦାନ କରିଛନ୍ତି ତାହା ଅନନ୍ୟ-ଅସାଧାରଣ। ଏହି କାରଣରୁ ଚିଲିକା ହୋଇପାରିଛି ଉତ୍କଳର ଚାରୁ ଅଳଙ୍କାର, ଯାହାର ଶୋଭା ଭାବୁକମାନଙ୍କୁ କରିଛି ମୋହିତ। ଚିଲିକାର ମଧୁର ରୂପ ମଣିଷ ମନରୁ ସଂକୀର୍ଣ୍ଣତା ଦୂର କରି ଏକ ପ୍ରାକୃତିକ ଚେତନାରେ ଅଭିଭୂତ କରିଛି। ପ୍ରକୃତି ରୂପୀ ଚିଲିକା ତା'ର ମଧୁର ସୌନ୍ଦର୍ଯ୍ୟରେ ଉତ୍କଳୀୟମାନଙ୍କୁ ଯେଉଁ ସୁନ୍ଦର ଉପଭୋଗ ଦେଇଛି ତାହା ଅବର୍ଣ୍ଣନୀୟ। ଏହି ସୌନ୍ଦର୍ଯ୍ୟର ସ୍ୱରୂପ ଆକଳନ ଅସମ୍ଭବକୁ କବି ଅବେଗପୂର୍ଣ୍ଣ ଭାବରେ ତାଙ୍କ କାବ୍ୟରେ ସମଗ୍ର ଉତ୍କଳୀୟ ମଧ୍ୟରେ ପରିବେଷଣ କରିଛନ୍ତି। ■

ପାରାଦ୍ୱୀପଗଡ଼, କୁଜଙ୍ଗ
ଜଗତସିଂହପୁର
ମୋ: ୯୯୩୭୬୯୧୪୭୫

# ପୁସ୍ତକ ପରିଚୟ

## ସର୍ବନାମ

ବଂଶୀଧର ଷଡ଼ଙ୍ଗୀ





ଟାଇମ୍ ପାସ୍
ନୀଳକଣ୍ଠେଶ୍ୱର ମାର୍ଗ, ବରମୁଣ୍ଡା
ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୬
ମୂଲ୍ୟ : ୧୯୫ ଟଙ୍କା ମାତ୍ର

"ବେଳେବେଳେ ମିଛଟିଏ ମଧ୍ୟ/ ସତରେ ପରିଣତ ହୋଇ ଯାଇପାରେ।/ ତେଣୁ ମିଛ ସତର/ ସୀମା ନିର୍ଦ୍ଧାରଣ କରିବା ସହଜ ନୁହେଁ।/ ଆପଣ ମିଛ ନା ସତ; ନା ଉଭୟ?" (ପୃଷ୍ଠା:୫୪) ଏହା ହିଁ ଜୀବନର ବାସ୍ତବତା। ଏ ବିଶ୍ୱ ବ୍ରହ୍ମାଣ୍ଡରେ କାହାର ସ୍ଥିତିକୁ ଅସ୍ୱୀକାର କରାଯାଇପରେ ନାହିଁ। ଏଭଳି ବାସ୍ତବ ଜୀବନ ଓ ଆଧ୍ୟାତ୍ମିକ ଉତ୍ତରଣର ଚିତ୍ର ପ୍ରତିଫଳିତ ହୋଇଛି କବି ବଂଶୀଧର ଷଡ଼ଙ୍ଗୀଙ୍କ 'ସର୍ବନାମ' ପୁସ୍ତକର ଅନେକ କବିତାରେ। ଏହି ପୁସ୍ତକର 'ଚିତ୍ର', 'ମାୟା', 'ଚଲାବାଟ', 'ଚିତ୍ର ପ୍ରତିମା', 'କିଏ କହିବ', 'ତୁମକୁ ଅପେକ୍ଷା', 'ଏଣୁତେଣୁ', 'କବାଟ', 'କାହାକୁ ଜଣା', 'ତୁମକୁ ଅପେକ୍ଷା', 'ନଈ', 'ପାରୁଛ ଯଦି' ଆଦି କବିତାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି। ଅନେକ କବିତା ଏକ ସ୍ଥୂଳ ଜଗତରୁ ସୂକ୍ଷ୍ମ ସତ୍ତା ଆଡ଼କୁ ପାଠକକୁ ଉତ୍ତୋଳିତ କରିନିଏ। ଜୀବନର ସତ୍ୟ ଓ ଅସ୍ତିତ୍ୱକୁ ନିବିଡ଼ ଭାବରେ ଅନୁଭବ କରିହୁଏ କବିଙ୍କ କାବ୍ୟ ଚେତନାରେ। ଚିତ୍ରକଳ୍ପ, ପ୍ରତୀକ, ବିମ୍ବ ଆଦିର ପ୍ରୟୋଗ ଯୋଗୁଁ ଏହି ପୁସ୍ତକର କବିତାଗୁଡ଼ିକ ଅଧିକ ପ୍ରାଣସ୍ପର୍ଶୀ ହୋଇଛି। 'ସର୍ବନାମ'ର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

## କିସ ପୁଣି ଦେଖା ନ ଯାଏ

ପୀତବାସ ରାଉତରାୟ



ଜଗନ୍ନାଥ ରଥ
ବିନୋଦ ବିହାରୀ, କଟକ-୨
ପ୍ରଥମ ସଂସ୍କରଣ: ୨୦୨୬
ମୂଲ୍ୟ : ୩୧୦ ଟଙ୍କା ମାତ୍ର

ହାସ୍ୟ-ବ୍ୟଙ୍ଗ ରଚନା ଭିତରେ ପ୍ରତିଫଳିତ ହୋଇଥାଏ ଏକ ସାମାଜିକ ସଚେତନତାର ବାର୍ତ୍ତା। ନିକଟରେ ପ୍ରକାଶ ପାଇଛି ପୀତବାସ ରାଉତରାୟଙ୍କ ହାସ୍ୟବ୍ୟଙ୍ଗ ଗଳ୍ପଗୁଚ୍ଛ 'କିସ ପୁଣି ଦେଖା ନ ଯାଏ'। ଏହି ପୁସ୍ତକରେ ସାମାଜିକ, ପାରିବାରିକ, ଆଧ୍ୟାତ୍ମିକ, ସାହିତ୍ୟିକ, ରାଜନୈତିକ ବ୍ୟଙ୍ଗ ଗଳ୍ପଗୁଡ଼ିକ ସଂକଳିତ ହୋଇଛି। ପ୍ରତିଦିନ ସମାଜରେ ଘଟୁଥିବା ବିଭିନ୍ନ ଘଟଣା, ପ୍ରସଙ୍ଗକୁ ନେଇ ଅତି ଚମତ୍କାର ଭାବେ ତେର୍ଚ୍ଛା ଦୃଷ୍ଟିକୋଣ ନେଇ ଲେଖକ ହାସ୍ୟବ୍ୟଙ୍ଗର କାହାଣୀ ଗଢ଼ିଛନ୍ତି । 'ଗରଳେ କଲୁ ଅଧିକାରୀ', 'ଓଡ଼ିଆ ଅସ୍ମିତା ଓ ପେଟପୂଜା ଡଟ୍ କମ୍', 'କିସ ପୁଣି ଦେଖା ନ ଯାଏ', 'ମୋ ପତ୍ନୀ ଅଭିଯାନ', 'ଘରକୁ ସୁନ୍ଦର ଦିଶେ ଘରଣୀ ଥିଲେ', 'ଜୀବନ ଧନ ମୋର ପଖାଳ କଂସା', 'ବନ୍ଦେ ଉତ୍କଳଟ ଜନନୀ', 'ଅକ୍ଷରେ ଅକ୍ଷରେ ରାଜନୀତି' ପ୍ରଭୃତି ଗଳ୍ପଗୁଡ଼ିକ ହସର ଖୋରାକ ଯୋଗାଇବା ସହିତ ସାଂପ୍ରତିକ ସମାଜର ବାସ୍ତବତା ସଂପର୍କରେ ଚିନ୍ତା କରିବା ପାଇଁ ସୁଯୋଗ ସୃଷ୍ଟି କରିବ। ପ୍ରତି ଗଳ୍ପରେ ହାସ୍ୟ ସହିତ ସମାଜ ସଂସ୍କାର ଓ ସଚେତନତାଧର୍ମୀ ମହତ ବାର୍ତ୍ତା ରହିଛି। 'କିସ ପୁଣି ଦେଖା ନ ଯାଏ'ର ବ୍ୟଙ୍ଗ ଗପଗୁଡ଼ିକ ପାଠକଙ୍କ ମନକୁ ଛୁଇଁ ପାରିବ ବୋଲି କରାଯାଏ। ■

## ଲୋକକଥାରେ ଲୋକଦେବତା

ମାଣିଆବନ୍ଧ ସ୍ୱପ୍ନେଶ୍ୱର ଗୋଛି





କାବ୍ୟଲୋକ
ଗ୍ୟାରେଜ ଛକ, ଲୁଇସ୍‌ରୋଡ୍
ଭୁବନେଶ୍ୱର-୨
ପ୍ରଥମ ସଂସ୍କରଣ: ୨୦୨୬
ମୂଲ୍ୟ : ୩୫୦ ଟଙ୍କା ମାତ୍ର

ବିଭିନ୍ନ ଦେବଦେବୀଙ୍କୁ ନେଇ ରହିଛି ଅନେକ ଲୋକକଥା, କାହାଣୀ, କିମ୍ବଦନ୍ତୀ। ଯାହା ଶୁଣିଲେ ମଣିଷ ମନ ଭିତରେ ଦେବଦେବୀଙ୍କ ପ୍ରତି ଗଭୀର ଭକ୍ତି ଭାବ ସୃଷ୍ଟି ହୋଇଥାଏ। ସେଭଳି କିଛି ଦେବଦେବୀଙ୍କ ଅଲୌକିକ କାହାଣୀକୁ ନେଇ ପ୍ରକାଶ ପାଇଛି ମାଣିଆବନ୍ଧ ସ୍ୱପ୍ନେଶ୍ୱର ଗୋଛିଙ୍କ 'ଲୋକକଥାରେ ଲୋକଦେବତା' ପୁସ୍ତକର ପ୍ରଥମ ଭାଗ। ଏହି ପୁସ୍ତକର 'ଅଧାଗଢ଼ା ମୂର୍ତ୍ତି', 'ସୁଭଦ୍ରାଙ୍କ ବ୍ରହ୍ମାସ୍ୱରୂପ ଦର୍ଶନ, 'ସିଂହଦ୍ୱାର ଗୁମୁଟର ପତିତପାବନ', 'ବାଇଶି ପାହାଚରେ କାଶୀ ବିଶ୍ୱନାଥ', 'ଶ୍ରୀକ୍ଷେତ୍ରେ କପାଳମୋଚନ', 'ଶ୍ରୀକ୍ଷେତ୍ରେ ଶ୍ରୀଲୋକନାଥ', 'ମନ୍ଦିର ବେଢ଼ାରେ ଭଣ୍ଡ ଗଣେଶ', 'ଶ୍ରୀକ୍ଷେତ୍ରେ ଶ୍ରୀହନୁମାନ ବିଜେ, 'ଶ୍ରୀମନ୍ଦିର ପରିସରରେ ଭୁବନେଶ୍ୱରୀ', 'ଭିତର ବେଢ଼ାରେ ସାକ୍ଷୀଗୋପାଳ' ଆଦି ଆଲେଖ୍ୟରେ ଶ୍ରୀଜଗନ୍ନାଥ ସଂସ୍କୃତି, ଶ୍ରୀମନ୍ଦିର ଭିତର ବେଢ଼ା ଦେବଦେବୀଙ୍କ ମହାତ୍ମ୍ୟ, ବିଭିନ୍ନ ଲୋକକଥାକୁ ଅତି ଚମତ୍କାର ଭାବେ ଲେଖକ ବର୍ଣ୍ଣନା କରିଛନ୍ତି। ଦେବଦେବୀଙ୍କ ସଂପର୍କରେ ତଥ୍ୟ ଭିତ୍ତିକ ଲେଖା, କିମ୍ବଦନ୍ତୀ, ଆଧ୍ୟାତ୍ମିକ ଭାବନା ପାଠକମାନଙ୍କ ଭିତରେ ଭକ୍ତିଭାବ ସୃଷ୍ଟି କରିବ ନିଶ୍ଚୟ। 'ଲୋକକଥାରେ ଲୋକଦେବତା' ପୁସ୍ତକଟି ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ। ■

## ବିଜେଡିର ଅଭିଯୋଗ
# ଛାତ୍ର ସଂସଦ ନିର୍ବାଚନରେ ବିଜେପି ସରକାରୀ କଳର ଅପବ୍ୟବହାର କରୁଛି

ଭୁବନେଶ୍ୱର,୧୦ ।୧୦(ସମିସ): ଛାତ୍ର ସଂସଦ ନିର୍ବାଚନକୁ ନିଜ ସପକ୍ଷରେ କରିବାକୁ ବିଜେପି ହୀନ ପ୍ରୟାସ ଜାରି ରଖିଛି । ନିର୍ବାଚନ ପାଇଁ ଥିବା ନୀତି ନିୟମକୁ ଜଳାଞ୍ଜଳି ଦେଇ ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ବିଜେପି ସରକାର ହାଇଜାକ କରିଛନ୍ତି । ଛାତ୍ରଛାତ୍ରୀଙ୍କ ଗଣତାନ୍ତ୍ରିକ ଅଧିକାରକୁ ହତ୍ୟା କରାଯାଉଥିବା ଅଭିଯୋଗ କରି କଡା ନିନ୍ଦା କରିଛି ବିଜୁ ଜନତା ଦଳ । ଶନିବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଡ. ବ୍ୟୋମକେଶ ରାୟ, ବିଧାୟକ ସାରଦା ପ୍ରସନ୍ନ ଜେନା ଓ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ ବିଜେପି ସରକାର ଉପରେ ବର୍ଷିଛନ୍ତି ।

ଡ. ବ୍ୟୋମକେଶ ରାୟ କହିଥିଲେ ଯେ ବିଜେଡି ପକ୍ଷରୁ ଯାହା ସନ୍ଦେହ କରାଯାଉଥିଲା ତାହା ସତ୍ୟ ହୋଇଛି । ଛାତ୍ର ସଂସଦ ନିର୍ବାଚନକୁ ବିଜେପି ସପକ୍ଷରେ କରିବା ପାଇଁ ରାଜ୍ୟ ସରକାର ନିର୍ବାଚନ ନୀତି ନିୟମର ଧଜିଆ ଉଡାଇ ଦେଇଛନ୍ତି । କିପରି ବିଜେଡି ସମର୍ଥିତ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ନାକଚ ହେବ, ସେନେଇ ବିଜେପି କାର୍ଯ୍ୟ କରୁଛି । ଲିଙ୍ଗଡୋ କମିଶନ ନିୟମକୁ ଖୁଲମଖୁଲା ଉଲ୍ଲଙ୍ଘନ ହେଉଛି । ରାଜ୍ୟର ୫୦ରୁ ଉର୍ଦ୍ଧ୍ୱ କଲେଜରେ ବିଜେଡି ପ୍ରାର୍ଥୀଙ୍କ ବିଜୟର ସମ୍ଭାବନା ଥିବାବେଳେ ସେଠାରେ ରାଜ୍ୟ ସରକାର ନିର୍ବାଚନ ବାତିଲ କରିବା ସହ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ନାକଚ କରିଦେଇଛନ୍ତି । ନୟାଗଡ କଲେଜ ମଧ୍ୟକୁ ବାହାର ପିଲା ଅନଧିକୃତ ଭାବେ ପ୍ରବେଶ କରିଥିଲେ । ରେଭେନ୍ସା ବିଶ୍ୱବିଦ୍ୟାଳୟରେ ରାତି ଅଧିଆ ଅନଧିକୃତ ଭାବେ ପ୍ରବେଶ କରି ଦାଣ୍ଡିଆ ନାଇଟ ପାଳନ କରିଥିଲେ । ବିଜେଡି ପ୍ରାର୍ଥୀମାନଙ୍କୁ ନାମାଙ୍କନ ପତ୍ର ପ୍ରତ୍ୟାହାର କରିବା ପାଇଁ ବିଜେପିର ମନ୍ତ୍ରୀ ଓ ବିଧାୟକ ଚାପ ପକାଉଛନ୍ତି । ବିଜେଡି ଶାସନ କାଳରେ ଏମିତି କେବେ ହୋଇନଥିଲା । ସରକାରୀ କଳର ଅପବ୍ୟବହାର କରି ନିର୍ବାଚନ ଜିତିବାକୁ ବିଜେପି ପ୍ରୟାସ କରୁଛି । ରାଜନୀତିର ପଶା ପାଲିରେ ଛାତ୍ରଛାତ୍ରୀଙ୍କ



ଗଣତାନ୍ତ୍ରିକ ଅଧିକାରକୁ ହତ୍ୟା କରୁଛି ବିଜେପି । ବିଜେପି ସରକାରକୁ ଜେନ ଜି ଭୟ ଘାରିଛି । ବିଜେପିର ଏହି ଅରାଜକତାକୁ ରୋକିବା ପାଇଁ ବିଜେଡି ଲଢେଇ ଜୋରଦାର କରିବ ।

ସାରଦା ପ୍ରସନ୍ନ ଜେନା କହଥିଲେ ଯେ ଛାତ୍ର ସଂସଦ ନିର୍ବାଚନରେ ବିଜେପି ସରକାର ପକ୍ଷପାତିତା କରୁଛନ୍ତି । ଯେଣତେଣ ପ୍ରକାରେ ନିଜ ସପକ୍ଷରେ ନିର୍ବାଚନ ଫଳାଫଳ କରିବା ପାଇଁ ବିଜେପି ଉଦ୍ୟମ କରୁଛି । ଯେଉଁଠି ଏବିଭିପି ପ୍ରାର୍ଥୀଙ୍କ ବିଜୟର ସମ୍ଭାବନା ନାହିଁ, ସେଠାରେ ଉଦ୍ଦେଶ୍ୟମୂଳକ ଭାବେ ନିର୍ବାଚନ ବାତିଲ କରାଯାଉଛି । ରାଜ୍ୟର ୨୦୬ଟି କଲେଜରେ ଛାତ୍ର ସଂସଦ ନିର୍ବାଚନକୁ ରାଜ୍ୟ ସରକାର ବାତିଲ କରିଛନ୍ତି । ଛାତ୍ର ସଂସଦ ନିର୍ବାଚନରେ ବିଜେପିର ମନ୍ତ୍ରୀ ଓ ବିଧାୟକ ପ୍ରତ୍ୟକ୍ଷ ଭାବେ ଜଡିତ ହେଉଥିବା ବେଳେ ନିର୍ବାଚନ ନିରପେକ୍ଷତା ନେଇ

- ଲିଙ୍ଗଡୋ କମିଶନ ନିୟମର ଖୁଲମଖୁଲା ଉଲ୍ଲଙ୍ଘନ କରୁଛନ୍ତି ରାଜ୍ୟ ସରକାର
- ଛାତ୍ରଛାତ୍ରୀଙ୍କ ଗଣତାନ୍ତ୍ରିକ ଅଧିକାରକୁ ହତ୍ୟା କରାଯାଉଛି
- ବିଜେଡି ପ୍ରାର୍ଥୀଙ୍କୁ ନାମାଙ୍କନ ପ୍ରତ୍ୟାହାର ପାଇଁ ଚାପ ପକାଉଛନ୍ତି ବିଜେପି ମନ୍ତ୍ରୀ ଓ ବିଧାୟକ

ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ନିର୍ବାଚନ ଫଳାଫଳ ନିଜ ସପକ୍ଷରେ କରିବା ପାଇଁ ରାଜ୍ୟ ସରକାର ତଞ୍ଚକତା କରି ତରବରିଆ ଭାବେ ନିର୍ବାଚନ ଘୋଷଣା କରିଛନ୍ତି । ସରକାରୀ କଳ ବଳ ଲଗାଇ ନିର୍ବାଚନ ଜିତିବାକୁ ଲାଗି ପଡିଛନ୍ତି । ଜେନ ଜି ମାନଙ୍କ ଭବିଷ୍ୟତ ସହ ସରକାର ଖେଳୁଛନ୍ତି ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ ।

ଇପ୍ସିତା ସାହୁ କହିଥିଲେ ଯେ ବିସିଜେଡି ପିଲା ଶାନ୍ତି ଶୃଙ୍ଖଳା ମଧ୍ୟରେ ନିର୍ବାଚନ କରିବାରେ ଲାଗିଛନ୍ତି । ରାଜ୍ୟର ୧୦୦ରୁ ଉର୍ଦ୍ଧ୍ୱ କ୍ୟାମ୍ପସରେ ବିସିଜେଡି ପ୍ରାର୍ଥୀ ମାନେ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇଛନ୍ତି । ମନ୍ତ୍ରୀଙ୍କ ଚାପ ସତ୍ତ୍ୱେ ଅନେକ ପ୍ରମୁଖ ବିଶ୍ୱବିଦ୍ୟାଳୟରେ ବିସିଜେଡି ପ୍ରାର୍ଥୀ ପ୍ୟାନେଲ ସହ ବିଜୟ ହୋଇଛନ୍ତି । ଏମିତି କି ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା କେନ୍ଦୁଝରର ଧରଣୀଧର ବିଶ୍ୱବିଦ୍ୟାଳୟରେ ବିସିଜେଡିର ୪ ଜଣ ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇଛନ୍ତି । ଯେଉଁଠି ଏବିଭିପି ହାରିବା ଭୟ ରହିଛି ସେଠାରେ ବିଜେପି ସରକାର ନିର୍ବାଚନକୁ ବାତିଲ କରାଉଛନ୍ତି । ନୟାଗଡ କଲେଜରେ ବିସିଜେଡି ପ୍ୟାନେଲ ସହ ବିଜୟ ହେବାର ସମ୍ଭାବନା ଥିବାରୁ ସେଠାରେ ସରକାର ନିର୍ବାଚନ ବାତିଲ କରିଦେଲେ । ବିଜେପି ସରକାରକୁ ଛାତ୍ର ସଂସଦ ନିର୍ବାଚନ ହାରିବାର ଭୟ ଘାରିଛି । ନାମାଙ୍କନ ପତ୍ର ଯାଞ୍ଚ ପରେ ସନ୍ଧ୍ୟା ୫ଟା ପରେ ତାଲିକ ପ୍ରକାଶ ପାଇବାର ଥିଲା, କିନ୍ତୁ ଉତ୍କଳ ବିଶ୍ୱବିଦ୍ୟାଳୟ, ରମାଦେବୀ ବିଶ୍ୱବିଦ୍ୟାଳୟ ଓ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଜାଣି ଶୁଣି ରାତି ୯ଟା ପରେ ତାଲିକା ପ୍ରକାଶ ପାଇଥିଲା । ଏବିଭିପି ପ୍ରାର୍ଥୀ ମାନଙ୍କ ଉପସ୍ଥାନ କମ୍ ଥିବାରୁ ସେମାନେ ପ୍ରାର୍ଥୀପତ୍ର ନାକଚ ହୋଇଥାନ୍ତା, କିନ୍ତୁ ତାହାକୁ ସଠିକ୍ କରିବା ପାଇଁ ମନ୍ତ୍ରୀ ଫୋନ କରିଥିଲେ । ଯାହାକୁ ନେଇ ତାଲିକା ପ୍ରକାଶ ପାଇବାରେ ବିଳମ୍ବ ହୋଇଥିଲା । ବିଜେପିର ହୀନ ପ୍ରୟାସ କେବେ ସଫଳ ହେବ ନାହିଁ । ସାରା ରାଜ୍ୟରେ ବିସିଜେଡି ପ୍ରାର୍ଥୀ ବିଜୟ ଲାଭ କରିବେ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

## ଅବଶିଷ୍ଟାଂଶ...

### ଅଦମନୀୟ କକ୍ରୋଚ୍...

ଖବରମିଳିଛି ।କେଜ୍ରିୱାଲଙ୍କ ଭାଷାରେରାଜଧାନୀରେଏମରଜେନ୍ସି ଠାରୁ ବି ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଆନ୍ଦୋଳନକୁ ଦମନ କରିବା ଲାଗି ନୂଆଦିଲ୍ଲୀ ଓ ହଜରତ ନିଜାମୁଦ୍ଦିନ ରେଳ ଷ୍ଟେସନ ସହିତ ୪୫ଟି ମେଟ୍ରୋ ଷ୍ଟେସନକୁ ବନ୍ଦ କରିଦିଆଯାଇଛି । ଦିଲ୍ଲୀରେ ୩୦ ହଜାର ପୁଲିସ ଫୋର୍ସ ମୁତୟନ ହୋଇଥିବା ବେଳେ ବାରିକେଡରେ ଭର୍ତ୍ତି ହୋଇଯାଇଛି ରାଜଧାନୀ । ବ୍ୟାପକ ପୁଲିସ ଫୋର୍ସର ଉପସ୍ଥିତି ଏବଂ କଠୋର କଟକଣା ଯୋଗୁଁ ଅଣନିଶ୍ୱାସୀ ହୋଇପଡ଼ିଥିବା ଦିଲ୍ଲୀରେ ଏଭଳି ପରିସ୍ଥିତି ନିକଟରେ କେବେ ଦେଖିବାକୁ ମିଳିନଥିଲା । ସୁପ୍ରିମକୋର୍ଟ ସାମନାରେ ବିକ୍ଷୋଭ ବେଳେ ୬୦ ଜଣ ଆଇନଜୀବୀଙ୍କୁ ପୁଲିସ ଉଠାଇନେଇଥିଲା । କିନ୍ତୁ ସର୍ବୋଚ୍ଚ ଅଦାଲତଙ୍କ ହସ୍ତକ୍ଷେପ ପରେ ସେମାନଙ୍କୁ ମୁକ୍ତ କରିଦେଇଛି । ଦିଲ୍ଲୀ ଆସୁଥିବା ଆନ୍ଦୋଳନକାରୀଙ୍କୁ ଅଟକାଇବା ଲାଗି କେନ୍ଦ୍ର ଗୃହ ବିଭାଗ ଗତକାଲି ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସରକାରଙ୍କୁ ନି ।।ର୍ଦ୍ଦେଶ ଦେଇଥିଲେ । ଏହାପରେ ସମସ୍ତ ରାଜ୍ୟ ସରକାର ତତ୍ପର ହୋଇ ଉଠିଥିଲେ । ଦିଲ୍ଲୀ ଆସୁଥିବା ଆନ୍ଦୋଳନକାରୀଙ୍କୁ ଅଟକାଇବା ଆରମ୍ଭ କରିଥିଲେ । ବସ ଓ ଟ୍ରେନ ଭିତରେ ପଶି ଆନ୍ଦୋଳନକାରୀଙ୍କୁ ଟାଣି ବାହାର କରାଯାଇଥିଲା । କକ୍ରୋଚ ପାର୍ଟି ଦାବି କରିଛି ଯେ ଗତକାଲି ସନ୍ଧ୍ୟା ସୁଦ୍ଧା ଏଭଳି ୧୦ ହଜାରରୁ ଅଧିକ ଆନ୍ଦୋଳନକାରୀଙ୍କୁ ଅଟକ ରଖାଯାଇଥିଲା ।

ଆନ୍ଦୋଳନକାରୀଙ୍କ ଉପରେ ପୁଲିସର ଏଭଳି ଦମନଲୀଳାକୁ ବିରୋଧୀ ଦଳ ଓ ବିଭିନ୍ନ ସଂଗଠନ ଘୋର ନିନ୍ଦା କରିଛନ୍ତି । ଅଟକ ଆନ୍ଦୋଳନକାରୀଙ୍କୁ ତୁରନ୍ତ ଖଲାସ ନକଲେ ଆମରଣ ଅନଶନ କରିବାକୁ ଧମକ ଦେଇଛନ୍ତି ବିଶିଷ୍ଟ ସାମାଜିକ କର୍ମୀ ତଥା ଶିକ୍ଷାବିତ ସୋନମ ୱାଙ୍ଗଚୁକ୍ । ବିରୋଧୀ ଦଳଙ୍କୁ ନେଇ ଗଠିତ ଇଣ୍ଡିଆ ମେଣ୍ଟ ମଧ୍ୟ ଆସନ୍ତା ସୋମବାର ଦିନ ଦିଲ୍ଲୀରେ ବଡ଼ ଧରଣର ପ୍ରତିବାଦ ଆନ୍ଦୋଳନ କରିବାକୁ ଘୋଷଣା କରିଛି । ଡିଏମ୍‌କେ ମଧ୍ୟ ଆନ୍ଦୋଳନକୁ ସମର୍ଥନ ଜଣାଇଥିବା ବେଳେ ସଂଜୟ ମଞ୍ଜରେକରଙ୍କ ଭଳି କ୍ରିଡାବିତ ଓ ଇମ୍ରାନ ଖାନଙ୍କ ଭଳି ଅନେକ ସିନେମା କଳାକାର ମଧ୍ୟ ଆନ୍ଦୋଳନକୁ ସମର୍ଥନ ଜଣାଇବା ସହିତ କଠୋର କାର୍ଯ୍ୟାନୁଷ୍ଠାନ ନକରିବାକୁ ସତର୍କ କରାଇଛନ୍ତି । ତେବେ ଏଭଳି ଦମନଲୀଳା ସତ୍ତ୍ୱେ ଜ୍ଞାନେଶ କୁମାର ଇସ୍ତଫା ନଦେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି କକ୍ରୋଚ ପାର୍ଟି ଘୋଷଣା କରିଛି । ଆଜି ପ୍ରଥମ ନାଟକୀୟ ଘଟଣା ଦେଖିବାକୁ ମିଳିଥିଲା ଦିଲ୍ଲୀ ବିମାନବନ୍ଦରରେ । ଏୟାର ଇଣ୍ଡିଆ ବିମାନ ଯୋଗେ ଦୀପକେ ଓ ତାଙ୍କର ଦୁଇ ସହଯୋଗୀ ସୌରଭ ଏବଂ ଆଶୁତୋଷ ଯନ୍ତରମନ୍ତରଠାରେ ପ୍ରସ୍ତାବିତ ଆନ୍ଦୋଳନରେ ଯୋଗଦେବା ଲାଗି ଆସିଥିଲେ । ବିମାନ ଓହ୍ଲାଇବା ମାତ୍ରେ ବିମାନ ଭିତରକୁ ମହିଳା ପୁଲିସ ଲଗାଇ ସେମାନଙ୍କୁ ଉଠାଇ ନେଇଥିଲା ଦିଲ୍ଲୀ ପୁଲିସ । ବିମାନ ଭିତରେ ଏହାକୁ ନେଇ ସେମାନଙ୍କ ମଧ୍ୟରେ କିଛି ସମୟ ପାଇଁ ଯୁକ୍ତିତର୍କ ହୋଇଥିଲା । ଏହାପରେ ସେମାନଙ୍କୁ ପୃଥକ ଭାବେ ଅଜ୍ଞାତ ସ୍ଥାନକୁ ନିଆଯାଇଥିଲା ।

ବିଭିନ୍ନ ରାଜ୍ୟରେ ହଜାର ହଜାର ଆନ୍ଦୋଳନକାରୀଙ୍କୁ ଅଟକ ରଖାଯାଇଥିବା ବେଳେ ଏସଂପର୍କରେ ରାଜ୍ୟ ପୁଲିସ ନିର୍ଦ୍ଦିଷ୍ଟ ସୂଚନା ଦିଆଯାଉନାହିଁ । ଏହି ସଂଖ୍ୟା ୩୦/୪୦ ହଜାର ବୋଲି ବରୋଧୀ କହୁଛନ୍ତି । ଏହାକୁ ନେଇ ଦିଲ୍ଲୀରେ ଅଶାନ୍ତ ପରିବେଶ ଲାଗି ରହିଥିବା ବେଳେ କକ୍ରୋଚ୍ ନେତାମାନଙ୍କୁ ତୁରନ୍ତ ମୁକ୍ତ କରିବା ଲାଗି ସାମାଜିକ କର୍ମୀ ସୋନମ ୱାଙ୍ଗଚୁକ୍ ଦାବି କରିଛନ୍ତି । ଏଥିପାଇଁ ସରକାରଙ୍କୁ ୨୪ ଘଣ୍ଟା ମହଲତ ଦେଇ ସେ କହିଛନ୍ତି ଯେ ଏହି ସମୟ ମଧ୍ୟରେ ସେମାନେ ମୁକ୍ତ ନହେଲେ ପଦଯାତ୍ରା ସହିତ ସେ ଅନଶନ କରିବେ । ଏହାକୁ ନେଇ ଦିଲ୍ଲୀରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ସିଜେପି ଆନ୍ଦୋଳନକୁ ସମର୍ଥନ ଜଣାଇଛନ୍ତି । ସେ କହିଛନ୍ତି ଯେ ଆସନ୍ତା ୧୨ ତାରିଖ ସୋମବାର ଦିନ ଇଣ୍ଡିଆ ମେଣ୍ଟ ପକ୍ଷରୁ ବଡ଼ ଧରଣର ପ୍ରତିବାଦ ଆନ୍ଦୋଳନ କରାଯିବ ।

ଅନ୍ୟପକ୍ଷରେ ସିଜେପିର ଦୀପ୍‌କେ, ସୌରଭ, ଆଶୁତୋଷ ଏବଂ ୟୁଟ୍ୟୁବର ଧ୍ରୁବ ରାଠୀଙ୍କୁ ଅଟକ ରଖାଯାଇଥିବା ବେଳେ ଅନ୍ୟ ସମସ୍ତଙ୍କୁ ଛାଡ଼ି ଦିଆଯାଇଥିବା ଦିଲ୍ଲୀ ପୁଲିସ କହିଛି ।

### ଆମ ନେତାଙ୍କୁ ଅପହରଣ...

ଦମନଲୀଳା ଆମକୁ ଅଟକାଇ ପାରିବ ନାହିଁ । ସମସ୍ତ ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ । ଆସନ୍ତାକାଲି ରବିବାର ପୁଣି ଯନ୍ତରମନ୍ତରକୁ ମାର୍ଚ୍ଚ କରାଯିବ ବୋଲି ସେ ଘୋଷଣା କରିଛନ୍ତି ।

### ସରକାରୀ କଳର...

ଓ ବାହାର ଲୋକମାନେ କାହିଁକି ପ୍ରବେଶ କରୁଛନ୍ତି? ମହିଳା କଲେଜର ଗେଟ୍ ଭାଙ୍ଗି ଗୁଣ୍ଡାମାନେ ଭିତରକୁ କେମିତି ପଶିଲେ? ଆମ ଛାତ୍ରମାନଙ୍କୁ କାହିଁକି ଧମକ ଦିଆଯାଉଛି, ପୁଲିସ ବିଜୁ ଛାତ୍ର ଜନତା ଦଳକୁ କାହିଁକି ଡରାଉଛି? କଲେଜ ପ୍ରଶାସନ ବିଜୁ ଛାତ୍ର ଜନତା ଦଳର ଛାତ୍ରନେତାମାନଙ୍କୁ କାହିଁକି ଧମକ ଦେଉଛନ୍ତି? ସୁଜାତା ଏହାକୁ ଦୃଢ଼ଭାବେ ନିନ୍ଦା କରିବା ସହ କ୍ଷୋଭକ୍ତି ପ୍ରକାଶ କରି କହିଛନ୍ତି ଯେ ଏଥିରେ ଆମ କଲେଜ କ୍ୟାମ୍ପସ୍‌ର ଶାନ୍ତିପୂର୍ଣ୍ଣ ଶିକ୍ଷାନୁକୂଳ ପରିବେଶକୁ ନଷ୍ଟ କରି ଦିଆଯାଉଛି । ଧମକଚମକ ଓ ଗୁଣ୍ଡାଗର୍ଦ୍ଦି କରି ଆମ ଛାତ୍ର ସମାଜକୁ କେଉଁ ବାର୍ତ୍ତା ଦିଆଯାଉଛି ଏବଂ ଆମର ଭବିଷ୍ୟତ ପିଢ଼ିକୁ କ'ଣ ଶିକ୍ଷା ଦେଉଛନ୍ତି ବୋଲି ସୁଜାତା ପ୍ରଶ୍ନ କରିଛନ୍ତି । ସେ କହିଛନ୍ତି, ଆମ କଲେଜ କ୍ୟାମ୍ପସ୍‌ରେ ଶାନ୍ତିପୂର୍ଣ୍ଣ ପରିବେଶ ସୁନିଶ୍ଚିତକୁ କରିବା ଏବଂ ଯେପରି ଆମ ପିଲାମାନେ ଭୟମୁକ୍ତ ହୋଇ ଶିକ୍ଷା ଗ୍ରହଣ କରିପାରିବେ, ତାହା ହିଁ ହେଉଛି ବିଜେପି ସରକାରର ପ୍ରଥମ ଦାୟିତ୍ୱ । କିନ୍ତୁ କଲେଜ କ୍ୟାମ୍ପସ୍‌ର ପରିବେଶ ନଷ୍ଟ କରି ଆମ ପିଲାମାନଙ୍କ ଭବିଷ୍ୟତ ସହିତ ଖେଳିବାର ଉଦ୍ୟମକୁ ବିଜେଡି କଦାପି ବରଦାସ୍ତ କରିବ ନାହିଁ ବୋଲି ସୁଜାତା ଚେତାଇ ଦେବା ସହ ସୁସ୍ଥ ଓ ଗଣତାନ୍ତ୍ରିକ ଧାରାରେ ଛାତ୍ର ରାଜନୀତି ହେଉ ଏବଂ କ୍ୟାମ୍ପସରେ ଶାନ୍ତି ବଜାୟ ରହୁ ବୋଲି ସେ ଆହ୍ୱାନ ଦେଇଛନ୍ତି ।

### ବସ୍ ଧକ୍କାରେ...

ବସ୍ ଓ ମୋଟରସାଇକଲ୍‌କୁ ଜବତ କରିବା ସହ ଶବ ୨ଟିକୁ ବ୍ୟବଚ୍ଛେଦ ପାଇଁ କଟକ ପଠାଇଛି । ଯାତ୍ରୀବାହୀ ବସ୍‌ଗୁଡିକ ବିଭିନ୍ନ ଷ୍ଟପେଜ୍‌ରୁ ପାସେଞ୍ଜର ଉଠାଇବା ପାଇଁ ଦ୍ରୁତଗତିରେ ଗାଡି ଚଳାଉଥିବାରୁ ବାରମ୍ବାର ଏହି ରାସ୍ତାରେ ଦୁର୍ଘଟଣା ଘଟି ବହୁ ଜୀବନ ହାନି ଘଟୁଛି । ପରିବହନ ବିଭାଗ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ।

### ଭୋଟର ହେବାକୁ...

ଘର ପରିଦର୍ଶନ କାର୍ଯ୍ୟ ଜାରି ରହିବ । ଏହି ଅବଧି ମଧ୍ୟରେ ବିଏଲଓମାନେ ଘରକୁ ଘର ଯାଇ ଯୋଗ୍ୟ ନାଗରିକମାନଙ୍କୁ ଭୋଟର ତାଲିକାରେ ନାମ ପଞ୍ଜୀକରଣ, ନାମ ସାମିଲ ଏବଂ ଆବଶ୍ୟକ ସଂଶୋଧନ ସମ୍ପର୍କରେ ସଚେତନ କରିବା ସହ ଆବଶ୍ୟକ ମାର୍ଗଦର୍ଶନ ପ୍ରଦାନ କରିବେ ।

### ଆଉ ୩...

ଅଫିସର୍ ବନଲତା ମହାନ୍ତି ଓ ଜୁନିଅର ଆସିଷ୍ଟାଣ୍ଟ ବିଭୂଦତ୍ତ ନାୟକ ସମେତ ମୋଟ୍ ୬ଜଣଙ୍କ ଗିରଫ କରିଥିଲା । ଶନିବାର ଆଉ ୩ଜଣଙ୍କୁ ଗିରଫ କରାଯିବା ପରେ ଏହି ମାମଲାରେ ମୋଟ୍ ଗିରଫଦାରୀ ସଂଖ୍ୟା ନଅକୁ ଛୁଇଁଛି । ଭିଜିଲାନ୍ସ ସୂଚନା ମୁତାବକ, ଜୁନିଅର ଆସିଷ୍ଟାଣ୍ଟ ବିଭୂଦତ୍ତ ନାୟକ ସିନିୟର ଆକାଉଣ୍ଟାଣ୍ଟ କୃଷ୍ଣ ଚନ୍ଦ୍ର ବେହେରାଙ୍କୁ ୧୧ଟି ପର୍ଯ୍ୟାୟରେ ୩,୯୦,୦୦୦ ଟଙ୍କା ପଠାଇଛି । ନକଲି ତଥା ଜାଲ ଦସ୍ତାବିଜ ଗୁଡ଼ିକୁ ପ୍ରଶ୍ନ ନଉଠାଇ ସିଧାସଳଖ ପାସ୍ କରାଇବା ବଦଳରେ ଏହି ଟଙ୍କା ଦିଆଯାଇଥିଲା । ସିନିୟର ଆକାଉଣ୍ଟାଣ୍ଟ କୃଷ୍ଣଚନ୍ଦ୍ର ମଧ୍ୟ ଠିକ୍ ସେଭଳି କାମ କରିଥିଲେ । ସେହିପରି ପୁରୀର ସିନିୟର ଆସିଷ୍ଟାଣ୍ଟ ବିଶ୍ୱନାଥ ଦାସ ହଡ଼ପ ଟଙ୍କା ହାତେଇବାକୁ ନିଜର ବ୍ୟାଙ୍କ ଆକାଉଣ୍ଟ ସମେତ, ନିଜ ମା' ଏବଂ ସମ୍ପର୍କୀୟଙ୍କ ଆକାଉଣ୍ଟକୁ ବ୍ୟବହାର କରିଥିଲେ । ସେ ତାଙ୍କ ମା' ନୟନା ଦାଶଙ୍କ ବ୍ୟାଙ୍କ୍ ଆକାଉଣ୍ଟରେ ୫୦ଲକ୍ଷ ଟଙ୍କା, ସମ୍ପର୍କୀୟ କାହ୍ନୁ ଚରଣ ବେହେରାଙ୍କ ଆକାଉଣ୍ଟରେ ୧୫ଲକ୍ଷ ଏବଂ ନିଜ ଆକାଉଣ୍ଟକୁ ୩୭ ଲକ୍ଷ ଟଙ୍କା ପ୍ରାପ୍ତ କରିଥିବା ଜଣାପଡ଼ିଛି । ଟଙ୍କା ପାଇବା ପରେ ବିଶ୍ୱନାଥ ଦୁଇ ମାଷ୍ଟରମାଇଣ୍ଡଙ୍କୁ ଫୋନ୍ ପେ ଜରୀଆରେ ଟଙ୍କା ଦେଇଥିବା ଭିଜିଲାନ୍ସକୁ ପ୍ରମାଣ ମିଳିଛି । ସେହିପରି ପିୟୋନ୍ ତାର ସମ୍ପର୍କୀୟଙ୍କ ବ୍ୟାଙ୍କ୍ ଆକାଉଣ୍ଟ୍ ଜରିଆ ୧୧ଲକ୍ଷ ଟଙ୍କା ପାଇବା ପରେ ଦୁଇ ମାଷ୍ଟରମାଇଣ୍ଡଙ୍କୁ ଟଙ୍କା ପ୍ରଦାନ କରିଛି ।

ଏହି ସିଣ୍ଡିକେଟ୍‌ରେ ଏକାଧିକ ବିଭାଗୀୟ କର୍ମଚାରୀ ସାମିଲ ଥିଲା ତେବେ ତଦନ୍ତ ହେବାରୁ ଜଣଙ୍କ ପରେ ଜଣଙ୍କ ନାମ ସାମ୍ନାକୁ ଆସିବାରେ ଲାଗିଛି । ପୂର୍ତ୍ତ ବିଭାଗ ଭିତରେ ୨୦୨୨-୨୩ରୁ ୨୦୨୫-୨୬ ପର୍ଯ୍ୟନ୍ତ ୪ବର୍ଷ ହେବ ଏହି ସିଣ୍ଡିକେଟ୍ ଅପରେଟ୍ କରୁଥିଲା । ବିଭାଗୀୟ ବଡ଼ ଅଧିକାରୀଙ୍କ ପରୋକ୍ଷ କିମ୍ବା ପ୍ରତ୍ୟକ୍ଷ ହାତ ନଥିଲେ ଏଭଳି ସିଣ୍ଡିକେଟ୍ ଅପରେଟ୍ କରିବା କଷ୍ଟ । ହେଲେ ଭିଜିଲାନ୍ସ ଜାଲରେ କେବଳ କେରାଣ୍ଡି ପଡ଼ିଲା ଭଳି ଛୋଟ କର୍ମଚାରୀ ପଡ଼ିଛନ୍ତି । ମୋଟ ୪୮ ଜଣ ବ୍ୟକ୍ତିଙ୍କ ୭୭ଟି ବ୍ୟାଙ୍କ ଆକାଉଣ୍ଟ ବ୍ୟବହୃତ ହୋଇଥିଲା । ଭିଜିଲାନ୍ସ ୩.୯୬ କୋଟି ଟଙ୍କା ଜବତ କରିଥିଲା ।

### ଶାସକ-ବିରୋଧୀ...

ହୀନ ଆଚରଣରୁ ବିରତ ନରହିଲେ, ରାଜ୍ୟବ୍ୟାପୀ ଏହାର ତୀବ୍ର ବିରୋଧ କରାଯିବ ବୋଲି ବିରୋଧୀ ଦଳ ସମେତ ଛାତ୍ର ସଂଗଠନଗୁଡ଼ିକ ଚରମବାଣୀ ଶୁଣାଇଛନ୍ତି । ଛାତ୍ର ସଂସଦ ନିର୍ବାଚନ ନେଇ ତାରିଖ ଘୋଷଣା ହେବା ପରଠାରୁ ପ୍ରତ୍ୟେକ ଦିନ ସରକାରୀ ଦଳର ବିଧାୟକ, ମନ୍ତ୍ରୀ, ନେତାଙ୍କ ବିରୋଧରେ ମାଳମାଳ ଅଭିଯୋଗ ଆସୁଛି । ଶନିବାର ମଧ୍ୟ ରାଜ୍ୟର ବିଭିନ୍ନ କଲେଜରୁ ବିରୋଧୀ ଦଳ ଛାତ୍ରଙ୍କ ବିରୋଧରେ କଲେଜ, ପୁଲିସ ପ୍ରଶାସନର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ନେଇ ଏକାଧିକ ଅଭିଯୋଗ ହସ୍ତଗତ ହୋଇଛି । ରାଜ୍ୟର ଅନ୍ୟତମ ନାମୀ ବିଶ୍ୱ ବିଦ୍ୟାଳୟରେ ସଭାପତି ପଦବୀ ପାଇଁ ମୈଦାନକୁ ଓହ୍ଲାଇଥିବା ଜଣେ ଛାତ୍ରୀଙ୍କ ନାମ କାଟିବାକୁ ଯେପରି ଷଡ଼ଯନ୍ତ୍ର ହୋଇଥିଲା, ତାହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ବୁଦ୍ଧିଜୀବି ମହଲ । ସୂଚନା ଅନୁଯାୟୀ ନାମାଙ୍କନ ପରେ ଗତ ୯ ତାରିଖରେ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଥିବା ବେଳେ ସେଥିରୁ ଜାଣିଶୁଣି ସଭାପତି ପ୍ରାର୍ଥୀ ସ୍ୱପ୍ନାରାଣୀ ପ୍ରଧାନଙ୍କ ନାମ କାଟି ଦିଆଯାଇଥିଲା । ତେବେ ତାଙ୍କ ସମର୍ଥନକମାନେ ଏପରି ଅଗଣାନ୍ତିକ ନିଷ୍ପତ୍ତିର ଦୃଢ଼ ପ୍ରତିବାଦ କରିବା ପରେ ଆଜି ଚୂଡ଼ାନ୍ତ ପ୍ରାର୍ଥୀ ତାଲିକାରେ ତାଙ୍କ ନାମ ପୁନଃ ସାମିଲ କରିବାକୁ ବାଧ ହୋଇଛନ୍ତି । ସାରା କଟକ ସହରରେ ଏହା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ସେହିପରି ବିଜେଡିର ଅଭିଯୋଗ ଅନୁଯାୟୀ କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ଅଞ୍ଚଳର ଯୁଙ୍କେ ମହାବୀର ମହାବିଦ୍ୟାଳୟର ବିସିଜେଡି ପ୍ରାର୍ଥୀଙ୍କୁ ରାଜନଗରର ବିଜେପି ବିଧାୟକ ପ୍ରାର୍ଥୀ ଓ ତାଙ୍କ ସମର୍ଥକମାନେ ଜୋରଜବରଦସ୍ତି ଅପହରଣ କରି ନେଇ ନାମାଙ୍କନ ପ୍ରତ୍ୟାହାର କରିବାକୁ ବାଧ କରିଥିଲେ । ଏପରିକି ତାଙ୍କୁ ସଂଘବଦ୍ଧ ଆକ୍ରମଣ କରିବାରୁ ସେ ଗୁରୁତର ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି । କଥା ଏଇଠି ସରିନାହିଁ । ହସ୍ପିଟାଲ ପରିସରରେ ମଧ୍ୟ ଶାସକ ଦଳର ସମର୍ଥକମାନେ ବିଜେଡି ସମର୍ଥକଙ୍କ ସହ ପାଟିତୁଣ୍ଡ କରିଥିବା ସୂଚନା ପ୍ରାପ୍ତ ହୋଇଛି ।

ସେହିପରି ବାଲେଶ୍ୱରରେ ବେଆଇନ ଭାବରେ ବିସିଜେଡି ଜିଲ୍ଲା ସଭାପତି ହରେକୃଷ୍ଣ ପ୍ରଧାନଙ୍କୁ ପୁଲିସ ଅଟକ ରଖିଥିବା ବେଳେ ଏହାକୁ ନେଇ ଦଳ ପକ୍ଷରୁ ଧାରଣା ଦିଆଯାଇଛି । ସିମୁଳିଆ କଲେଜ ଅଧ୍ୟକ୍ଷଙ୍କୁ ହତ୍ୟା ଧମକ ଦିଆଯିବା କାରଣରୁ ଶନିବାର ସେଠାରେ ଛାତ୍ର ସଂସଦ ନିର୍ବାଚନ ବାତିଲ୍ ହୋଇଛି । କ୍ୟାମ୍ପସରେ ଉତ୍ତେଜନା ଯୋଗୁଁ ଦେବଗଡ଼, ପୁରୀ ଜିଲ୍ଲାର ଗୋପ କଲେଜ ଓ ନବରଙ୍ଗପୁର ମଡେଲ ଡିଗ୍ରୀ କଲେଜରେ ସାଇନ-ଏ-ଡାଏ ଘୋଷଣା କରାଯାଇଛି । ଏଠାରେ ମଧ୍ୟ ନିର୍ବାନଚ ବନ୍ଦ ହେବାର ଆଶଙ୍କା ସୃଷ୍ଟି ହୋଇଛି । ସେହିପରି କଳାହାଣ୍ଡି କେସିଙ୍ଗା କଲେଜରେ ବିସିଜେଡି ସଭାପତି ପ୍ରାର୍ଥୀଙ୍କ ନାମରେ ନାମାଙ୍କନ ପତ୍ରର ଦାଖଲ ପୂର୍ବରୁ ଜାଣିଶୁଣି ମାମଲା ରୁଜୁ କରାଯାଇ ତାଙ୍କ ପ୍ରାର୍ଥିପତ୍ର ନାକଚ କରାଯାଇଛି ବୋଲି ଦଳ ପକ୍ଷରୁ ଅଭିଯୋଗ କରାଯାଇଛି । କଳାହାଣ୍ଡି ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟରେ ବିସିଜେଡି ସମର୍ଥିକ କେତେକ ପ୍ରାର୍ଥୀଙ୍କ ନାମ ଉଦ୍ଦେଶ୍ୟମୂଳକ ଭାବେ କଲେଜ କର୍ତ୍ତୃପକ୍ଷ କାଟି ଦେଇଥିଲେ । ତେବେ ଏନେଇ ସଂଗଠନ ପକ୍ଷରୁ କଡ଼ା ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ସେମାନଙ୍କ ନାମ ତାଲିକାରେ ପୁନଃ ଯୋଡ଼ା ଯାଇଛି । କେବଳ ଏତିକି ନୁହେଁ; ରାଜ୍ୟର ବହୁ କଲେଜରେ ଶାସକ ଦଳ ଆସନ୍ନ ପରାଜୟ ଆଶଙ୍କାରେ କଲେଜ କର୍ତ୍ତୃପକ୍ଷଙ୍କୁ ହାତ କରି ନିର୍ବାଚନ ବାତିଲ କରି ଦେଇଥିବା ନେଇ ବିରୋଧୀ ଦଳ ପକ୍ଷରୁ ଅଭିଯୋଗ ପ୍ରକାଶ ପାଇଛି । ଯେଉଁଠି ଏବିଭିପି ପ୍ରାର୍ଥୀଙ୍କ ବିଜୟ ସମ୍ଭାବନା ନାହିଁ, ସେଠାରେ ବିଜେପି ସରକାର ନିର୍ବାଚନ ବାତିଲ କରୁଛନ୍ତି । ଅଗଣତାନ୍ତ୍ରିକ ଉପାୟରେ ନିର୍ବାଚନ ଜିତିବାକୁ ସରକାର ଲାଗି ପଡିଛନ୍ତି । ଆଗାମୀ ଦିନରେ ସରକାରଙ୍କୁ ଜେନ-ଜି ଉଚିତ୍ ଜବାବ ଦେବେ ବୋଲି ବିରୋଧୀ ଦଳ ସମର୍ଥିତ ଛାତ୍ର ସଂଗଠନମାନେ ଦୃଢ଼ୋକ୍ତି ପ୍ରକାଶ କହିଛନ୍ତି ।

### ବାଙ୍କୀ କଲେଜ ଅଧ୍ୟକ୍ଷଙ୍କ...

ପରିସରରେ ଭୟ ଓ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି । ଏପରିକି ମହିଳା ହଷ୍ଟେଲ ମଧ୍ୟ ଦୁର୍ବୃତ୍ତଙ୍କ ଆକ୍ରମଣରୁ ବର୍ତ୍ତି ନଥିବା ଅଭିଯୋଗ ହୋଇଛି । ଶିକ୍ଷାନୁଷ୍ଠାନରେ ନିର୍ବାଚନୀ ଗଣ୍ଡଗୋଳ ଏବେ ହିଂସାର ରୂପ ନେଇଥିବାରୁ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି । ଚଳିତ ବର୍ଷ ଛାତ୍ର ସଂସଦ ନିର୍ବାଚନରେ ବିଭିନ୍ନ ପଦପଦବି ପାଇଁ ମୋଟ ୫୭ ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିଲେ । ଯାଞ୍ଚ ପ୍ରକ୍ରିୟାରେ ୧୯ ଜଣଙ୍କ ନାମାଙ୍କନପତ୍ର ନାକଚ ହେବା ପରେ ଛାତ୍ର ଅସନ୍ତୋଷ ତୀବ୍ର ହୋଇଥିଲା । ଏକ ନିର୍ଦ୍ଦିଷ୍ଟ ଛାତ୍ର ସଂଗଠନକୁ ସୁହାଇବା ପାଇଁ ଜାଣିଶୁଣି ନାମାଙ୍କନ ନାକଚ କରାଯାଇଥିବା ଅଭିଯୋଗ ଆଣି ଛାତ୍ରମାନେ କଲେଜ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠ ସମ୍ମୁଖରେ ଧାରଣା ଦେଇଥିଲେ । ତେବେ ଏହି ଅଭିଯୋଗର ସ୍ୱାଧୀନ ଭାବେ ଯାଞ୍ଚ ହେବା ଆବଶ୍ୟକ । ନାମାଙ୍କନପତ୍ର ଯାଞ୍ଚକୁ ପୁନର୍ବିଚାର କରିବା ଦାବିରେ ଛାତ୍ରମାନେ ଅଡ଼ି ବସିଥିବା ବେଳେ ପ୍ରତ୍ୟାହାର ପ୍ରକ୍ରିୟା ଶେଷ ପରେ ମୋଟ ୩୪ ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନରେ ରହିଛନ୍ତି । ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପରେ କ୍ୟାମ୍ପସରେ ଉତ୍ତେଜନା ଆହୁରି ବଢ଼ିଥିଲା । ସନ୍ଧ୍ୟାରେ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠରେ ଆନ୍‌ଦୋଳନରତ ଛାତ୍ର, କଲେଜ ଅଧ୍ୟକ୍ଷ ଓ ପୋଲିସଙ୍କ ଉପସ୍ଥିତିରେ ଆଲୋଚନା ଚାଲିଥିବା ବେଳେ କ୍ୟାମ୍ପସରେ ବୋମାମାଡ଼ ହୋଇଥିବା ସୂଚନା ମିଳିଛି । ଆଲୋଚନା ଟେବୁଲରେ ସମାଧାନର ବାଟ ଖୋଜା ଚାଲିଥିବା ବେଳେ କ୍ୟାମ୍ପସରେ ବିସ୍ଫୋରଣ କିଏ ଘଟାଇଲା, ତାହା ଏବେ ବଡ଼ ପ୍ରଶ୍ନ । ମହିଳା ହଷ୍ଟେଲକୁ ମଧ୍ୟ ଟାର୍ଗେଟ୍ କରାଯାଇଥିବା ଅଭିଯୋଗ ଘଟଣାକୁ ଆହୁରି ସମ୍ବେଦନଶୀଳ କରିଛି । ଘଟଣା ପରେ କଲେଜ ପରିସରରେ ପୋଲିସ ଫୋର୍ସ ମୁତୟନ କରାଯାଇଛି । ବୋମାମାଡ଼ରେ ସମ୍ପୃକ୍ତ ଦୁର୍ବୃତ୍ତଙ୍କୁ ଚିହ୍ନଟ କରିବା ସହ ଘଟଣାର ତଦନ୍ତ ଚାଲିଥିବା ଜଣାପଡ଼ିଛି । ଛାତ୍ର ସଂସଦ ନିର୍ବାଚନକୁ ନେଇ ଏକ ଶିକ୍ଷାନୁଷ୍ଠାନରେ ବୋମାମାଡ଼ ଭଳି ଘଟଣା ଘଟିବା କ୍ୟାମ୍ପସର ସୁରକ୍ଷା ବ୍ୟବସ୍ଥା ଓ ଆଇନଶୃଙ୍ଖଳାକୁ ନେଇ ଗମ୍ଭୀର ପ୍ରଶ୍ନ ଉଠାଇଛି । ନିର୍ବାଚନ ପୂର୍ବରୁ ବାଙ୍କୀ କଲେଜରେ ଏହି ହିଂସାକାଣ୍ଡ ଆଗକୁ କେଉଁ ରୂପ ନେବ, ତାହାକୁ ନେଇ ଆଶଙ୍କା ବଢ଼ିଛି ।

### ନଦୀରେ ବୁଡ଼ିଗଲେ...

ଗାଧୋଇବା ପାଇଁ ନଦୀ ଭିତରକୁ ଯାଇଥିଲେ । ପ୍ରଥମେ ବଡ଼ ଭାଇ ଅହମ୍ମଦଙ୍କ ଗୋଡ଼ ଖସିଯିବାରୁ ବୁଡ଼ି ଯାଇଥିଲେ । ପରେ ପରେ ସାନ ଭାଇ ମହମ୍ମଦ ସାଦ ମଧ୍ୟ ପାଣିରେ ବୁଡି ଯାଇଥିଲେ । ସେମାନଙ୍କୁ ଉଦ୍ଧାର କରିବାକୁ ଯାଇ ମୁସ୍ତାଫା ପାଣି ଭିତରକୁ ଡେଇଁ ପଡିଥିଲେ । ଦୂରରେ ନଦୀରେ ଗାଧୋଉଥିବା ସ୍ଥାନୀୟ କିଛି ଲୋକେ ଦୌଡ଼ି ଆସି ମୁସ୍ତଫା ଏବଂ ମହମ୍ମଦ ସାଦକୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି ପରିବାର ବର୍ଗଙ୍କୁ ଖବର ଦେଇଥିଲେ । ପରିବାର ବର୍ଗ ଘଟଣାସ୍ଥଳରେ ପହଞ୍ଚି ମୁସ୍ତଫା ଏବଂ ସାଦକୁ ସଙ୍ଗେ ସଙ୍ଗେ ଝୁମ୍ପୁରା ଡାକ୍ତରଖାନାକୁ ନେଇଥିଲେ । ସେଠାରେ ଯାଞ୍ଚ ପରେ ଡାକ୍ତର ସାନଭାଇ ମହମ୍ମଦ ସାଦକୁ ମୃତ ଘୋଷଣା କରିଥିଲେ । ବହୁ ଖୋଜାଖୋଜି ପରେ ପ୍ରାୟ ୮ ଘଣ୍ଟା ପରେ ମୃତ ଅବସ୍ଥାରେ ଅହମ୍ମଦଙ୍କ ମୃତଦେହ ନଦୀରୁ ଉଦ୍ଧାର ହୋଇଛି ।

■ ଛାତ୍ର ସଂସଦ ନିର୍ବାଚନକୁ ନେଇ ଡିଜିପିଙ୍କ ଆଭାସୀ ବୈଠକ

## ବରିଷ୍ଠ ପୁଲିସ ଅଧିକାରୀଙ୍କୁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ପରାମର୍ଶ

ଭୁବନେଶ୍ୱର,୧୦ ।୧୦(ସମିସ): ଭୁବନେଶ୍ୱରସ୍ଥିତ ଡିଜିପିଙ୍କ କ୍ୟାମ୍ପ କାର୍ଯ୍ୟାଳୟଠାରେ ବିନୟତୋଷ ମିଶ୍ରଙ୍କ ଅଧ୍ୟକ୍ଷତାରେ କଲେଜ ନିର୍ବାଚନ ସମ୍ପର୍କିତ ସୁରକ୍ଷା ବ୍ୟବସ୍ଥା ଓ ଆଇନଶୃଙ୍ଖଳା ପରିସ୍ଥିତି ନେଇ ଜିଲ୍ଲା ଏସ୍‌ପି ଓ ରେଞ୍ଜ ଆଇଜି ଓ ଡିଆଇଜିଙ୍କ ସହ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଆଭାସୀ ଜରିଆରେ ଅନୁଷ୍ଠିତ ହୋଇଛି । ଉକ୍ତ ବୈଠକରେ ଆସନ୍ତା ୧୫ ତାରିଖରେ ହେବାକୁ ଥିବା ଛାତ୍ର ସଂସଦ ନିର୍ବାଚନରେ କଲେଜ ପରିସରରେ ହିଂସା ରୋକିବା, ଶାନ୍ତିଶୃଙ୍ଖଳା ବଜାୟ ରଖିବା ଏବଂ ନିର୍ବାଚନ ପ୍ରକ୍ରିୟାକୁ ସୁରୁଖୁରୁରେ ସମ୍ପନ୍ନ କରିବା, ନିର୍ବାଚନ ପରବର୍ତ୍ତୀ ହିଂସା ରୋକିବା ଉପରେ ଡିଜିପି ଗୁରୁତ୍ୱାରୋପ କରିଥିଲେ । କଲେଜରେ କୌଣସି ହିଂସାତ୍ମକ ଘଟଣା ଘଟିବା ପରେ ପଦକ୍ଷେପ ନେବା ଅପେକ୍ଷା ଆଗୁଆ ସତର୍କତା ଅବଲମ୍ବନ କରି ହିଂସାକୁ ରୋକିବା ଉପରେ ପୁଲିସ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ଡିଜିପି କହିଥିଲେ । ଏଥିପାଇଁ ପୁଲିସ ଅଧିକାରୀମାନେ କଲେଜ କର୍ତ୍ତୃପକ୍ଷଙ୍କ ସହ ନିୟମିତ ଯୋଗାଯୋଗ ରଖିବା ସହ ଉତ୍ତେଜନାର ସମ୍ଭାବନା ଥିବା ସ୍ଥାନ ଓ ପରିସ୍ଥିତି ଉପରେ ସ୍ୱତନ୍ତ୍ର ନଜର ରଖିବାକୁ ଗୁରୁତ୍ୱ ଦେଇଥିଲେ । ଆବଶ୍ୟକସ୍ଥଳେ ତୁରନ୍ତ ହସ୍ତକ୍ଷେପ କରି ହିଂସା ରୋକିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । କଲେଜ ନିର୍ବାଚନ ସମୟରେ ସମ୍ବେଦନଶୀଳ ପରିସ୍ଥିତିକୁ ଆକଳନ କରି ଆବଶ୍ୟକ ଅନୁଯାୟୀ ପୁଲିସ ଫୋର୍ସ ମୁତୟନ କରିବା ସହ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଡିଜିପି ପରାମର୍ଶ ଦେଇଥିଲେ । ବୈଠକରେ, ନିର୍ଦ୍ଦେଶକ(ଗୁଇନ୍ଦା) ଆରପି କୋଚେ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ରାଜେଶ କୁମାର, ଅତିରିକ୍ତ ପୁଲିସ କମିଶନର ନରସିଂହ ଭୋଳ ପ୍ରମୁଖ ଯୋଗଦେଇଥିଲେ ।

## କନ୍ୟା ଦିବସ ଅବସରରେ ଆକାଶ ବାଣୀ କଟକ କେନ୍ଦ୍ରର ନାଟକ

ଭୁବନେଶ୍ୱର,୧୦ ।୧୦(ସମିସ): ୧୧ଅକ୍ଟୋବର ଅନ୍ତର୍ଜାତୀୟ କନ୍ୟା ଦିବସ ଅବସରରେ ଆକାଶ ବାଣୀ କଟକ କେନ୍ଦ୍ର ପକ୍ଷରୁ ଏକ ସ୍ୱତନ୍ତ୍ର ନାଟକ ' ମୋତେ ବଞ୍ଚିବାକୁ ଦିଅ ' ପ୍ରସ୍ତୁତ କରାଯାଇଛି । ନାଟକ ଟିକୁ ରଚନା କରିଛନ୍ତି ସୁପ୍ରଭା ଦାଶ । ପ୍ରଯୋଜନା କରିଛନ୍ତି ବିନୟ କୁମାର ସାମନ୍ତରାୟ ଏବଂ ସହଯୋଗିତା କରିଛନ୍ତି ମୃତ୍ୟୁଞ୍ଜୟ ବିଶ୍ୱାଳ । ବ୍ରଜ ମୋହନ ସାହୁ, ସୋନାଲି ମାଦେଳି, ସୁରେନ୍ଦ୍ରନାଥ ସାମଲ ପ୍ରମୁଖ କଳାକାର ଅଭିନୟ କରିଛନ୍ତି । ନାଟକ ଟି ୧୧ ଅକ୍ଟୋବର ଅପରାହ୍ନ ଘ ୩.୩୦ ମିନିଟ୍ ରେ ୩୦୮.୬ ମିଟର ତଥା ୯୭୨ କିଲୋହର୍ଜ୍ ଯୋଗେ ପ୍ରସାରିତ ହେବ ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. MCSW-Deep-Clean-26-27-16

**କାର୍ଯ୍ୟର ନାମ :** 18 (ଅଠର) ମାସ ଅବଧି ନିମନ୍ତେ ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ ରେଳବାଇ BG କୋଚ୍‌ଗୁଡ଼ିକର ଗହନ ସଫେଇ (Deep Cleaning) ।

**ବିଜ୍ଞାପିତ ମୂଲ୍ୟ :** ₹ 44,99,149.00, **EMD :** ₹ 90,000/-, ଶେଷ ହେବା ଅବଧି : 18 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.15.10.2026ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.29.10.2026ରିଖ 1500 ଘଟିକାରେ ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ ।

ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର (POH-II), CRW/ମଞ୍ଚେଶ୍ୱର
PR-489/R/26-27

**AFFIDAVIT**

By virtue of an affidavit in the court of Executive Magistrate, Jharsuguda, I **Vidhi Sakunia** W/o: Subham Kedia, residing at Marwadipada, PO/ PS/Dist.: Jharsuguda, Odisha, Adhaar No.: 503371099794, declare that, Both Vidhi Sakunia Kedia and **Vidhi Sakunia** are one and same person.

**AFFIDAVIT**

I, **Chhayakanta Meher**, S/o- Dasaratha Meher, R/o/Vill/ Po- Sukha, Ps- Dunguripali Dist- Subarnapur, Odisha Aadhaar No- 7938 5146 1555 declare by this affidavit No. 210 dtd.- 23/09/2025 that my name wrongly mention as **Ghanashyam Das** in my Aadhaar card. No- 7938 5146 1555, now onwards I shall be known as **Chhayakanta Meher,** S/o- Dasaratha Meher, R/o/Vill/ Po- Sukha, Ps- Dunguripali Dist- Subarnapur, Odisha Aadhaar No- 7938 5146 1555 for all future purposes.

**AFFIDAVIT**

I, Anjali Martha, W/o Nityananda Pradhan, resident of Madhyakhanda, P.S. Dashapalla, District Nayagarh, do hereby declare that:My correct name is Anjali Martha. However, in my Anganwadi Helper Appointment Order dated 20.08.2019, my name has been wrongly mentioned as "Anjali Pradhan".I declare that Anjali Martha and Anjali Pradhan, W/o Nityananda Pradhan, are one and the same person. I therefore request the competent authority to correct my name as Anjali Martha in the appointment order and official records.
Deponent: Anjali Martha

**AFFIDAVIT**

By virtue of an affidavit before the Executive Magistrate, Sinapali, dtd. 30.09.2026, I, CHERU MEHER, S/o- Khedanga Meher, At/Po-Sinapali, Dist.-Nuapada, Odisha, hereby declare that my minor son's former name MAYA MEHER has been changed to JAYA MEHER. Henceforth, he shall be known as JAYA MEHER for all purposes. Maya Meher and Jaya Meher are one and the same person.
**Sd/- Cheru Meher**

**AFFIDAVIT**

By virtue of an affidavit no 10465 sworn before the executive Magistrate Jajpur on dtd 27/10/2025. I Chintamani Dikshit, aged - 41years, S/o-Damodar Dikshit, permanent resident of Vill-Sribachhapur, Po-Rambag, P.s/Dist-Jajpur, Odisha, Pin-755014 declared that I have changed my minor son's name from SAI SAMARTHA DIKSHIT(Old Name) to SAI PRATIK DIKSHIT (New Name) Henceforth he shall be known as **SAI PRATIK DIKSHIT** for all future purposes.
**SD/-Chintamani Dikshit**

**AFFIDAVIT**

By virtue of an affidavit before the Notary Public, Sambalpur, dtd. 05.08.2026, I, HEMLATA PATEL, Wo- Jogesh Patel, At- Farm Road, P.O. Modipara, P.S. Khetrajpur, Dist. Sambalpur hereby declare that my correct name is Hemlata Patel. In Birth Certificate of my son Darshil Patel, bearing Registration No. 6597, dated 14.10.2011, issued by SMC, Sambalpur, my name has been wrongly mentioned as Heena Patel. I hereby declare that Hemlata Patel and Heena Patel are one and the same person, i.e. myself.
**Hemlata Patel**

**କଟକ ଉନ୍ନୟନ କର୍ତ୍ତୃପକ୍ଷ**
KDA
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-12
13001/2140/2627

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର -13 ରେ ପ୍ଲଟ୍ ନଂ-13-3E/1107 ଟିକୁ ଶ୍ରୀ ହରିହର ବେହେରା, ପିତା-v ବୀରବର ବେହେରା, ସା-କଣ୍ଟପଡା, ପୋ-ଦୁବାଇପୁର, ଥା-ପୁରୀ ସଦର, ଜିଲ୍ଲା-ପୁରୀ, ଓଡିଶା ଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ହରିହର ବେହେରା ଉକ୍ତ ପ୍ଲଟ ସହିତ ଗୃହଟିକୁ ରକ୍ତଗତ ସମ୍ପର୍କ ଆଧାରରେ ତାଙ୍କ ପୁତ୍ର ହିତେଶ କୁମାର ବେହେରା, ପିତା- ହରିହର ବେହେରା, ସା-ସାମନ୍ତ ସାହି, ନିଉ କଲୋନୀ, ପୋ-ବକ୍ସି ବଜାର, ଥା-ପୁରୀଘାଟ, ଜିଲ୍ଲା-କଟକ, ଓଡିଶାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର(15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

OIPR- 13001/13037/1/26-27/0120 **ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ)**

25001/1284/2627
e-mail ID: rw_sambalpur@yahoo.co.in
Phone No. 0663-2401850

**GOVERNMENT OF ODISHA**
**e-Procurement Notice**

No. 6193 **Bid Identification No. TENDER ONLINE SBPR- 11 OF 2026-27** Date 3.10.26

| | | | |
|---|---|---|---|
| 1. | Name of the work | : | Building Works as per DTCN available in the website. (www.tendersorissa.gov.in) |
| 2. | Total No. of Work | : | 08 (Eight) Nos. |
| 3. | Estimated Cost | : | Rs. 54.61 lakhs to 54.62 lakhs |
| 4. | Period of Completion | : | 09 (Nine) calendar months |
| 5. | Period and time of availability of bid document in the portal for bidding | : | 13.10.2026 at 11.00 A.M. to 02.11.2026 up to 5.00 P.M. |
| 6. | Date and time of opening of Tender | : | a) Technical Bid dt. 03.11.2026 at 11.00 A.M. b) Financial Bid will be intimated later. |
| 7. | Name and address of the officer inviting bid | : | S.E., R.W. Divn., Sambalpur |

(1) Other details can be seen from detailed notice inviting tenders, available in website www.tendersorissa.gov.in
(2) Corrigendum if any shall only be published in the above website.

Sd/-
Superintending Engineer
Rural Works Division, Sambalpur

OIPR-25001/25076/1/26-27/0012

ସକାଳ THE SAKALA



## ଛାତ୍ର ସଂସଦ ନିର୍ବାଚନ

# ଏସ୍‌ଭିଏମ୍; ଓହରିଲେ ୧୦, ରହିଲେ ୪୩ ପ୍ରାର୍ଥୀ

ଜଗତସିଂହପୁର,୧୦।୧୦(ସମିସ)

ଜଗତସିଂହପୁର ଜିଲ୍ଲା ସଦର ମହକୁମାର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଏସ୍‌ଭିଏମ୍ କଲେଜ ଛାତ୍ରସଂସଦ ନିର୍ବାଚନ ପାଇଁ ଗତକାଲି ୫୪ ଜଣ ଛାତ୍ରଛାତ୍ରୀ ନାମାଙ୍କନପତ୍ର ଦାଖଲ କରିଥିଲେ। ତେବେ ଆଜି ୧୦ ଜଣ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିନେବା ପରେ ମଇଦାନରେ ଏବେ ୪୩ ଜଣ ପ୍ରାର୍ଥୀ ରହିଥିବା ସୂଚନା ମିଳିଛି। ସଭାପତି ପଦ ପାଇଁ ୬ ଜଣ ନାମାଙ୍କନ ପତ୍ର ଭରିଥିବା ବେଳେ ଉପସଭାପତି ପଦ ପାଇଁ ୩ ଜଣ ପ୍ରାର୍ଠିଥପତ୍ର ଦାଖଲ କରିଛନ୍ତି। ସେହିପରି ସାଧାରଣ ସମ୍ପାଦକ ପଦ ପାଇଁ ୬ ଜଣ, ସହ ସମ୍ପାଦକ ପାଇଁ ୩ ଜଣ, ଶ୍ରେଣୀ ପ୍ରତିନିଧି ପଦ ପାଇଁ ୬ ଜଣ, କ୍ରୀଡ଼ା ସଂସଦ ସମ୍ପାଦକ ପାଇଁ ୨ ଜଣ, ସହ ସମ୍ପାଦକ ପାଇଁ ୨ ଜଣ, ଏସ୍‌ଏସଜି ସମ୍ପାଦକ ପାଇଁ ୪ ଜଣ, ସହ ସମ୍ପାଦକ ପାଇଁ ଜଣେ, ନାଟ୍ୟ ସଂସଦ ସମ୍ପାଦକ ପାଇଁ ୩ ଜଣ, ସହ ସମ୍ପାଦକ ପାଇଁ ୨ ଜଣ, ଡିଏସ୍‌ଏ ସମ୍ପାଦକ ପାଇଁ ୨ଜଣ, ସହ ସମ୍ପାଦକ ପାଇଁ ୨ଜଣ, ବଏଜ କମନରୁମ ସମ୍ପାଦକ ପାଇଁ ୨ ଜଣ, ସହ ସମ୍ପାଦକ ପାଇଁ ୨ ଜଣ, ଗ୍ୟାର୍ଲସ କମନରୁମ ସମ୍ପାଦକ ପାଇଁ ୩ ଜଣ, ସହ ସମ୍ପାଦକ ପାଇଁ ଜଣେ, ବିଜ୍ଞାନ ସଂସଦ ସମ୍ପାଦକ ପଦ ପାଇଁ ୨ ଜଣ ଏବଂ ସହ ସମ୍ପାଦକ ପଦ ପାଇଁ ୨ ଜଣ ପ୍ରାର୍ଥୀ ରହିଥିବା ଜଣାପଡିଛି।

## ସଭାପତି ପଦରୁ ଓହରିଲେ ୨ ଜଣ
## ନିର୍ବାଚନ ମଇଦାନରେ ୩୯ ପ୍ରାର୍ଥୀ

ପାରାଦୀପ,୧୦।୧୦(ସମିସ): ଛାତ୍ରସଂସଦ ନିର୍ବାଚନର ଆଜିଥିଲା ପ୍ରାର୍ଥିପତ୍ର ପ୍ରତ୍ୟାହୃତ କରିବା ଓ ପ୍ରାର୍ଥିପତ୍ରରେ କୌଣସି ତ୍ରୁଟି ଥିଲେ ନାକଚ ହେବାର ଦିନ। ଗତକାଲି ପାରାଦୀପ କଲେଜ ଛାତ୍ରସଂସଦ ନିର୍ବାଚନରେ ମୋଟ ୪୧ ଜଣ ପ୍ରତିଦ୍ୱନ୍ଦିତା କରିବା ପାଇଁ ନାମାଙ୍କନ ଦାଖଲ କରିଥିବା ବେଳେ ଶେଷ ମୁହୂର୍ତ୍ତରେ ୨ ଜଣ ପ୍ରାର୍ଥିପତ୍ର ପ୍ରତ୍ୟାହୃତ କରିନେଇଛନ୍ତି। ସଭାପତି ପାଇଁ ୫ ଛାତ୍ରଛାତ୍ରୀ ପ୍ରାର୍ଥିପତ୍ର ଦାଖଲ କରିଥିବା ବେଳେ ଶେଷ ମୁହୂର୍ତ୍ତରେ ଲକ୍ଷ୍ମୀପ୍ରିୟା ବାରିକ ଓ ତ୍ରିଶିଳା ରାଉତ ନିଜ ନିଜର ନାମାଙ୍କନ ପ୍ରତ୍ୟାହାର କରିନେବା ପରେ ଏବେ ୩ ଜଣଙ୍କ ମଧ୍ୟରେ ମୁକାବିଲା ହେବ। ବିଜୁ ଛାତ୍ର ଜନତା ଦଳର ଶୁଭଲକ୍ଷ୍ମୀ ଦାସ, ଏବିଭିପିର ରାଜେଶ ବେଜ ଓ ଆଦିତ୍ୟ ପ୍ରସାଦ ମଲ୍ଲିକଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହେବ। ତେବେ ଅନ୍ୟ ସମସ୍ତ ପଦବୀ ପାଇଁ ପ୍ରାର୍ଥିପତ୍ର କାଏମ ରହିଛି। ଫଳରେ ମଇଦାନରେ ଏବେ ୩୯ ଜଣ ପ୍ରାର୍ଥୀ ଥିବା ଜଣାପଡିଛି।

## ବିସିଜେଡି ପକ୍ଷରୁ ନିର୍ବାଚନ ପ୍ରଚାର ଆରମ୍ଭ



ପାରାଦୀପ,୧୦।୧୦(ସମିସ): ଛାତ୍ର ସଂସଦ ନିର୍ବାଚନ ନେଇ ଆଜି ପ୍ରାର୍ଥିପତ୍ର ପ୍ରତ୍ୟାହାର କାର୍ଯ୍ୟ ସରିବା ପରେ ବିଜୁ ଛାତ୍ର ଜନତା ଦଳର ପ୍ରାର୍ଥୀ ମାନେ ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି। ଅଠରବାଙ୍କୀରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ସମସ୍ତ ୭ ପ୍ରାର୍ଥୀ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ନିଜ ସମର୍ଥକମାନଙ୍କୁ ସାଙ୍ଗରେ ଧରି ପ୍ରଚାରରେ ବାହାରିଥିଲେ। ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ସଭାପତି ପାଇଁ ଶୁଭଲକ୍ଷ୍ମୀ ଦାସ ପ୍ରତିଦ୍ୱନ୍ଦିତା କରୁଥିବା ବେଳେ ଉପସଭାପତି ପାଇଁ ରଶ୍ମିତା ତମଙ୍ଗ, ସାଧାରଣ ସମ୍ପାଦକ ପାଇଁ ମାନସୀ ବାରିକ, ସହ-ସମ୍ପାଦକ ପାଇଁ ଶୁଭଲକ୍ଷ୍ମୀ ପାଲ, ଛାତ୍ରୀ ପ୍ରତିନିଧି ପାଇଁ ବର୍ଷା ପ୍ରିୟଦର୍ଶିନୀ, ଆଥଲେଟିକ ଆସୋସିଏସନ ସମ୍ପାଦକ ପାଇଁ ଦିବ୍ୟଜ୍ୟୋତି ନାୟକ ଓ ଡ୍ରାମାଟିକ ସୋସାଇଟି ସମ୍ପାଦକ ପାଇଁ ସ୍ମୃତି ସାଇସ୍ମିତା ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ଏହି ୭ ଜଣଙ୍କ ମଧ୍ୟରୁ ୬ ଜଣ ଛାତ୍ରୀ ଥିବା ବେଳେ ଜଣେ ମାତ୍ର ଛାତ୍ର ରହିଛନ୍ତି।

## ମହିଳୋରୁ ବିସ୍ଫୋରକ ସାମଗ୍ରୀ ଜବତ, ୩ ଗିରଫ



ତିର୍ତ୍ତୋଲ,୧୦।୧୦(ସମିସ): ତିର୍ତ୍ତୋଲ ପୁଲିସ ପଟିଲୋ ପଞ୍ଚାୟତ ମହିଲୋ ଗ୍ରାମର ଅଭିମନ୍ୟୁ ନାୟକ ଓ ନୃସିଂହ ଚରଣ ରାଉତଙ୍କ ଘରେ ଚଢ଼ଉ କରି ବିପୁଳ ପରିମାଣର ବାଣ, ହାତ ତିଆରି ବୋମା, ଗନ୍ ପାଉଡର ଏବଂ ଅନ୍ୟାନ୍ୟ ବିସ୍ଫୋରକ ବସ୍ତୁ ଜବତ କରିଛନ୍ତି। ଏଥିସହିତ ଏହି ଘଟଣାରେ ଏକ ମାମଲା ରୁଜୁ କରି ଘରର ମାଲିକ ଅଭିମନ୍ୟୁ ନାୟକ, ନୃସିଂହ ଚରଣ ରାଉତ ସହ ଜଗତସିଂହପୁର ଥାନା ଚାନ୍ଦପୁର ଗ୍ରାମର ସୁରେଶ ଚନ୍ଦ୍ର ଦାସଙ୍କୁ ଗିରଫ କରିଛନ୍ତି। ପୁଲିସ ଅଭିମନ୍ୟୁ ନାୟକଙ୍କ ଘରୁ ୧୨ଟା ସୁତୁଲି ଦ୍ୱାରା ଆବୃତ ହାତ ବୋମା, ୧.୫ କେଜି ଗନ୍ ପାଉଡର, ୫ କେଜି କଳା ପାଉଡର, ଫ୍ଲାସ ପାଉଡର, କାର କୋଲ ଓ ଏକ ହଳ ହାତ ଗ୍ଲୋଭ, ଜଳନୀୟ ବିସ୍ଫୋରକ ପାଉଡର, ୧.୫ କେଜି ପାଉଡର ସମେତ ଅନ୍ୟ ବିସ୍ଫୋରକ ସାମଗ୍ରୀ ଜବତ କରିଛି। ସେହିପରି ନୃସିଂହ ଚରଣ ରାଉତଙ୍କ ଘରୁ ୨୧ଟା ସୁତୁଲି ହାତ ତିଆରି ବୋମା, ୨ କେଜି ଗନ୍ ପାଉଡର, ୪ କେଜି କଳା ପାଉଡର ସମେତ ଅନ୍ୟ ବିସ୍ଫୋରକ ସାମଗ୍ରୀ ଜବତ କରିଛି। ପୁଲିସର ତଦନ୍ତ ଚାଲିଥିବା ବେଳେ ଅଭିଯୁକ୍ତ ୩ ଜଣଙ୍କୁ ଅଦାଲତ ଚାଲାଣ କରାଯାଇଥିବା ନେଇ ତିର୍ତ୍ତୋଲ ଥାନା ଅଧିକାରୀ ବଂଶୀଧର ପ୍ରଧାନ ସୂଚନା ଦେଇଛନ୍ତି।




## ଏବିଭିପି ପ୍ରାର୍ଥୀଙ୍କ ପ୍ରଚାର ଆରମ୍ଭ

ଜଗତସିଂହପୁର,୧୦।୧୦(ସମିସ): ଜଗତସିଂହପୁର ସଦର ମହକୁମା ସ୍ଥିତ ସ୍ୱାମୀ ବିବେକାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ନାଉଗାଁ ସ୍ଥିତ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନ ପାଇଁ ଏବିଭିପିର ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଆଜି ସନ୍ଧ୍ୟାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହି ଘୋଷଣା କରାଯାଇଥିଲା। ଜଗତସିଂହପୁର ଜିଲ୍ଲା ସଂଯୋଜକ ତଥା ଏସଏଫଡିର ରାଜ୍ୟ ସହ ସଂଯୋଜକ ସତ୍ୟପ୍ରକାଶ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଉପସଭାପତି ଯଥା କଟକ ବିଭାଗ ପ୍ରମୁଖ ତ୍ରୈଲୋଚନ ଦାସ, କଟକ ବିଭାଗ ସଂଗଠନ ମନ୍ତ୍ରୀ ଦେବାଶିଷ ଦାଶ ଯୋଗଦେଇ ଉଭୟ କଲେଜ ପାଇଁ ପ୍ରାର୍ଥୀ ତାଲିକା ଘୋଷଣା କରିଥିଲେ। ଏହି କାର୍ଯ୍ୟକ୍ରମରେ ଖେଲୋ ଭାରତର ରାଜ୍ୟ ସଂଯୋଜକ ଜ୍ୟୋତି ରଞ୍ଜନ ପରିଡା ଏବଂ ଜଗତସିଂହପୁର ସ୍ୱାମୀ ବିବେକାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର ସଭାପତି ପାର୍ଥିନୀ ଶାଶ୍ୱତୀ ସୌମ୍ୟା ସ୍ୱାଇଁ, ଉପ ସଭାପତି ପ୍ରାର୍ଥୀ ସ୍ୱଦେଶ କୁମାର ନାୟକ, ସମ୍ପାଦକ ପ୍ରାର୍ଥୀ ବିଶ୍ୱଜିତ ପ୍ରଧାନଙ୍କ ସମେତ ସମସ୍ତ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ପ୍ରାର୍ଥୀ ମାନେ ଉପସ୍ଥିତ ଥିଲେ।

## 'ସଂସ୍କାର ଭାରତୀ' ଜଗତସିଂହପୁର ଜିଲ୍ଲା କମିଟି ଗଠିତ



ଜଗତସିଂହପୁର,୧୦।୧୦(ସମିସ): ସଂସ୍କାର ଭାରତୀ (ଉତ୍କଳ ପ୍ରାନ୍ତ)ର ଜଗତସିଂହପୁର ଜିଲ୍ଲା କମିଟି ଆଜି ଗଠିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ମଞ୍ଚକଳା, ଦୃଶ୍ୟକଳା ଓ ଐତିହ୍ୟର ବିକାଶ, ସଂରକ୍ଷଣ ତଥା ପ୍ରଚାର ପ୍ରଚାର ପାଇଁ ସଂସ୍କାର ଭାରତୀର ଏହି ନବଗଠିତ ଜିଲ୍ଲାଶାଖା କାର୍ଯ୍ୟ କରିବ। ଆଜି ଜୟବଡ଼ ଜଗନ୍ନାଥ ମନ୍ଦିର ପରିସରରେ ଆୟୋଜିତ ସଂସ୍କାର ଭାରତୀ ଜିଲ୍ଲା ଶାଖାର ବୈଠକରେ ସଂସ୍କାର ଭାରତୀ ଉତ୍କଳ ପୂର୍ବ ପ୍ରାନ୍ତର ଉପାଧ୍ୟକ୍ଷ ନିତାଇ ଚରଣ ନନ୍ଦ, ସଂପାଦକ ଶ୍ରୀକାନ୍ତ ଦାସ ଓ ଜଗତସିଂହପୁର ଜିଲ୍ଲା ପ୍ରଭାରୀ ସଂଜୟ କୁମାର ବରାଳଙ୍କ ଉପସ୍ଥିତିରେ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ରୂପେ ଶିକ୍ଷାବିତ ସୁକାନ୍ତ କୁମାର ଲେଙ୍କା, ଉପସଭାପତି ଭାବେ ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା, ସଂପାଦକ ରଜତ ରଶ୍ମୀ ସ୍ୱାଇଁ, କୋଷାଧ୍ୟକ୍ଷ ରତିକାନ୍ତ ସାହୁ, ମଞ୍ଚକଳା ସଂଯୋଜକ ସାଗରମୟ ସ୍ୱାଇଁ, ଲୋକକଳା ସଂଯୋଜକ ସୌମ୍ୟଶ୍ରୀ ପଟ୍ଟନାୟକ, ଦୃଶ୍ୟକଳା ସଂଯୋଜକ ନରେନ୍ଦ୍ର ମହାରଣା, ଐତିହ୍ୟ ସଂଯୋଜକ ସମ୍ବିତ ସିଂହ, ସାହିତ୍ୟ ବିଭାଗ ସଂଯୋଜକ ତୃପ୍ତିରଞ୍ଜନ ଦାସ, ମାତୃଶକ୍ତି ପ୍ରମୁଖ ଲକ୍ଷ୍ମୀପ୍ରିୟା ମହାନ୍ତି ନୂତନ କର୍ମକର୍ତ୍ତା ରୂପେ ନିର୍ବାଚିତ ହୋଇଥିଲେ। ଉପଦେଷ୍ଟା ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବରିଷ୍ଠ ସଦସ୍ୟ ବିଜୟ କୁମାର ଦତ୍ତ ଓ ଶିକ୍ଷାବିତ ଭଗବାନ ଦାଶ ମନୋନୀତ ହୋଇଛନ୍ତି। ଜଗତସିଂହପୁର ଜିଲ୍ଲା ହେଉଛି ମା' ଶାରଳାଙ୍କ ପୀଠ ତଥା ଆଦିକବି ସାରଳା ଦାସଙ୍କ ସାଧନାସ୍ଥଳୀ। ସଂସ୍କାର ଭାରତୀ ଜଗତସିଂହପୁର ଜିଲ୍ଲା ଶାଖା ଭାରତୀୟ ସଂସ୍କୃତିର ସଂରକ୍ଷଣ ତଥା ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ସହିତ ଯୁବପିଢ଼ିଙ୍କ ମଧ୍ୟରେ ସାଂସ୍କୃତିକ ନବଜାଗରଣ ସୃଷ୍ଟି କରିବା ଲକ୍ଷ୍ୟ ନେଇ ଆଗାମୀ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାକୁ ବୈଠକରେ ବିଶଦ୍ ଭାବେ ଆଲୋଚନା କରାଯାଇଥିଲା।

## କଂଗ୍ରେସର ଗଣତନ୍ତ୍ର ବଞ୍ଚାଅ ପଦଯାତ୍ରା

ରଘୁନାଥପୁର,୧୦।୧୦(ସମିସ): ଜଗତସିଂହପୁର ଜିଲ୍ଲା କଂଗ୍ରେସ ସଭାପତି ଦେବପ୍ରସାଦ ନାୟକଙ୍କ ନିର୍ଦ୍ଦେଶକ୍ରମେ ତିର୍ତ୍ତୋଲ ନିର୍ବାରଣ ମଣ୍ଡଳୀର ରଘୁନାଥପୁର ବ୍ଲକରେ ଆଜି ଗଣତନ୍ତ୍ର ବଞ୍ଚାଅ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ସଭାପତି ଦେବପ୍ରସାଦ ନାୟକ ସଭାପତିତ୍ୱ କରିଥିବା ବେଳେ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ନେତା ହିମାଂଶୁ ଭୂମଣ ମଲ୍ଲିକ ଯୋଗଦାନ କରିଥିଲେ। ରଘୁନାଥପୁର ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡା ସଂଯୋଜନାରେ ଜିଲ୍ଲା ଉପସଭାପତି ପ୍ରଶାନ୍ତ କୁମାର ଦାସ, ବ୍ଲକ ପ୍ରଭାରୀ ଜିତୁ ନାରାୟଣ ସାହୁ, ନାରାୟଣ ନାୟକ, ବସନ୍ତ ଦାସ, ଜଗୁ ଦାସ, ମାନସ ଗୋଚ୍ଛାୟତ, ବସନ୍ତ ସ୍ୱାଇଁ, ସାରଦା ଜେନା, ମୁକ୍ତାର ଅଲ୍ଲୀ ଖାନ, ପ୍ରଦୀପ ସ୍ୱାଇଁ, ବ୍ରଜ ମଲ୍ଲିକ, ତ୍ରିଲୋଚନ ମହାରଣା, ପ୍ରତ୍ୟୁଷ ନାୟକ, ବିନ୍ଦୁସାର ମାହାପାତ୍ର, ସୁବାସ ରାଜସିଂ, ଲିପୁନ ରାୟ, ପ୍ରଭାତ ରାଉତ, ନଭରଞ୍ଜନ ବାରିକ, ଓ ଶତାଧିକ କର୍ମୀ ଯୋଗଦାନ କରିଥିଲେ।

## ସାହିତ୍ୟ ପରିଷଦର ଶାରଦୀୟ ସାହିତ୍ୟ ଆସର




ଜଗତସିଂହପୁର,୧୦।୧୦(ସମିସ): ଜଗତସିଂହପୁର ସାହିତ୍ୟ ପରିଷଦ ପକ୍ଷରୁ ସ୍ଥାନୀୟ ଅଳକା ଆଶ୍ରମ, ଜଗତସିଂହପୁର ଠାରେ ଶାରଦୀୟ ସାହିତ୍ୟ ଆସର ବିଶିଷ୍ଟ କଥାଶିଳ୍ପୀ ତଥା ପରିଷଦର ସଭାପତି ଇଂ. ବିଷ୍ଣୁ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କବି ଅଜୟ କୁମାର ବେହେରାଙ୍କ ସଞ୍ଚାଳନାରେ ଅନୁଷ୍ଠିତ ଏହି ଆସରରେ ବିଶିଷ୍ଟ ନାଟ୍ୟକାର ଡା. କୈଳାସ ମଲ୍ଲିକ, ଶିକ୍ଷାବିତ ବିଜୟ କୁମାର ବିଶ୍ୱାଳ, ବରିଷ୍ଠ କବି ତଥା ଆମ ଗାଁ ସାହିତ୍ୟ ସଂସଦର ପ୍ରତିଷ୍ଠାତା ଅଲେଖ ଚନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇ ଓଡ଼ିଆ ସାହିତ୍ୟରେ ଶାରଦୀୟ ଶୀର୍ଷକ ଆଲୋଚନା କରିଥିଲେ। ପରିଷଦର ସମ୍ପାଦକ ଉମାକାନ୍ତ ନାୟକ କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରଦାନ କରିବା ସହ ବାର୍ଷିକ ଉତ୍ସବ ଓ ମକର ପ୍ରକାଶନ ଉପରେ ଆଲୋଚନା କରିଥିଲେ। ବରିଷ୍ଠ କବୟିତ୍ରୀ ମନୋରମା ଶତପଥୀଙ୍କ ସଂଯୋଜନାରେ ଅନିରୁଦ୍ଧ ପାତ୍ର, ଦୁର୍ଯ୍ୟୋଧନ ମହାନ୍ତି, ନୀଳକଣ୍ଠ ମିଶ୍ର, ହେମନ୍ତ କୁମାର ବାରିକ, ଅଜୟ କୁମାର ବାରିକ, ଶେଷଦେବ ଛୋଟରାୟ, ଗଣେଶ ମହାନ୍ତି, ଅଶୋକା ମହାନ୍ତି, ପରୀକ୍ଷିତ ମହାନ୍ତି, ଅନସୂୟା ଷଡଙ୍ଗୀ, ରବୀନ୍ଦ୍ରନାଥ ବେହେରା, ସନ୍ତୋଷ ଦାସ ଓ ମହମ୍ମଦ ମନସୁର ଅଲ୍ଲୀ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ପରିଷଦର ସଙ୍ଗଠନ ସମ୍ପାଦକ ରମେଶ ଚନ୍ଦ୍ର ବହିରା କବିତା ଗୁଡିକର ସମୀକ୍ଷା କରିଥିଲେ। ପରିଶେଷରେ ପରିଷଦର ଉପ ସଭାପତି ବଂଶୀଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସବ୍ୟସାଚୀ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସ୍ପାରୋ ପ୍ଲେ' ସ୍କୁଲରେ ଦୁର୍ଗୋତ୍ସବ

ଜଗତସିଂହପୁର,୧୦।୧୦(ସମିସ): ଜଗତସିଂହପୁର ସହରର ସାନବଜାର ବସଷ୍ଟାଣ୍ଡ ନିକଟରେ ଥିବା ସ୍ପାରୋ ପ୍ଲେ ସ୍କୁଲରେ ଦୁର୍ଗୋତ୍ସବ ଅତ୍ୟନ୍ତ ଭାବିଭକ୍ତି ଏବଂ ଉତ୍ସାହର ସହିତ ପାଳନ କରାଯାଇଛି। ବିଦ୍ୟାଳୟର ନିର୍ଦ୍ଦେଶିକା ମଧୁସ୍ମିତା ସାହୁଙ୍କ ତତ୍ତ୍ୱାବଧାନରେ ଏବଂ ସମସ୍ତ ଶିକ୍ଷୟିତ୍ରୀ ଓ କର୍ମଚାରୀମାନଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ପାଳନ କରାଯାଇଥିଲା। ଏହି ବିଦ୍ୟାଳୟ ପରିସରକୁ ବହୁତ ସୁନ୍ଦର ଭାବରେ ସଜ୍ଜିତ କରାଯାଇଥିଲା।



ଅବସରରେ ଛାତ୍ରଛାତ୍ରୀ ବିଭିନ୍ନ ଦେବଦେବୀ ଚରିତ୍ର ବେଶରେ ସଜ୍ଜିତ ହୋଇ ଆସିଥିଲେ। ସେହିପରି ପ୍ରତି ଶ୍ରେଣୀର ପିଲାମାନେ ସୁନ୍ଦର ହସ୍ତକଳା ପ୍ରସ୍ତୁତ କରିଥିଲେ। କାହିଁକି ଦଶହରା ପାଳନ କରାଯାଏ ସେ ବିଷୟରେ ଶିକ୍ଷୟିତ୍ରୀ ମାନେ ପିଲାମାନଙ୍କୁ ଉଦାହରଣ ମାଧ୍ୟମରେ ଅବଗତ କରାଇଥିଲେ। ଏହି ଅବସରରେ

## ନୂଆଗାଁରେ କାଳୀପୂଜା ମଣ୍ଡପ ନିର୍ମାଣ କାର୍ଯ୍ୟ ଆରମ୍ଭ



ପାରାଦୀପ,୧୦।୧୦(ସମିସ): ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଓ ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ୍ ପକ୍ଷରୁ ନୂଆଗାଁ ପଞ୍ଚାୟତରେ ଏକ କାଳୀପୂଜା ମଣ୍ଡପ ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଛି। ମଣ୍ଡପ ନିର୍ମାଣ କାର୍ଯ୍ୟ ବର୍ତ୍ତମାନ ଶେଷ ପର୍ଯ୍ୟାୟରେ ପହଞ୍ଚି ପାରିଛି। ଆଗାମୀ କାଳୀପୂଜା ଉତ୍ସବ ପୂର୍ବରୁ ସ୍ଥାନୀୟ ଲୋକଙ୍କ ଦୀର୍ଘଦିନର ଦାବି ପୂରଣ କରିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ନିଆଯାଇଛି। ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଲିମିଟେଡର ସଭାପତି ଅନିଲ କୁମାର ସିଂହଙ୍କ ନେତୃତ୍ୱରେ ଏହି ପଦକ୍ଷେପ କମ୍ପାନୀର ସାମାଜିକ ବିକାଶ ପ୍ରତି ପ୍ରତିବଦ୍ଧତା ଏବଂ ଢିଙ୍କିଆ, ନୂଆଗାଁ ଓ ଗଡ଼କୁଜଙ୍ଗ ଗ୍ରାମ ପଞ୍ଚାୟତର ଲୋକଙ୍କ ଜୀବନଧାରଣର ମାନରେ ଉନ୍ନତି ଆଣିବା ପାଇଁ ଜାରି ରହିଥିବା ପ୍ରୟାସକୁ ପ୍ରତିଫଳିତ କରୁଛି। ସ୍ଥାନୀୟ ଲୋକଙ୍କ ବିକାଶମୂଳକ ଆବଶ୍ୟକତାକୁ ଆଧାର କରି ଏହି ପ୍ରକଳ୍ପ ହାତକୁ ନିଆଯାଇଛି। ଏହି ଅବସରରେ ଆୟୋଜିତ ସମାରୋହରେ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍, ପାରାଦୀପର ଉପସଭାପତି ମନୋଜ ସିଂହ, ଜନସମ୍ପର୍କ ବିଭାଗର ଏଭିପି ସମରେନ୍ଦୁ ପଟ୍ଟନାୟକ ଏବଂ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସଆର) ବିଭାଗର ମୁଖ୍ୟ ଅଭିଜିତ ମହାନ୍ତି ଯୋଗ ଦେଇଥିଲେ। ଏଥିସହ ନୂଆଗାଁ ପଞ୍ଚାୟତର ପ୍ରତିନିଧି ସ୍ମୃତି ମନ୍ତ୍ରୀ, ତାମିଲ ପ୍ରଧାନ, କୁନା ଭୂୟାଁ, ଦିଲ୍ଲୀପ ଦାସ, ଅଜିତ ପ୍ରସାଦ ରାଉତ, ନାରାୟଣ ଜେନାଙ୍କ ସମେତ ଅନ୍ୟାନ୍ୟ ସ୍ଥାନୀୟ ନେତୃବୃନ୍ଦ ଓ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ। ନବନିର୍ମିତ କାଳୀପୂଜା ମଣ୍ଡପଟି ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ କାଳୀପୂଜା ପାଳନ ଓ ବିଭିନ୍ନ ସାମାଜିକ ତଥା ସାଂସ୍କୃତିକ ସମାବେଶ ଆୟୋଜନ କରିବାରେ ଏକ ଉତ୍ସର୍ଗୀକୃତ ସ୍ଥାନ ଭାବେ କାର୍ଯ୍ୟ କରିବ।

# ବିଭିନ୍ନ ସ୍ଥାନରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ

ଜଗତସିଂହପୁର,୧୦।୧୦(ସମିସ)

ସ୍ଥାନୀୟ ପୁରୋହିତପୁରସ୍ଥ ବୀଣାପାଣି କୋର୍ଟ ୟାର୍ଡ ପରିସରରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଜଗତସିଂହପୁର ବରିଷ୍ଠ ନାଗରିକ ମହାମଞ୍ଚ ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ମହାମଞ୍ଚର ସଭାପତି ବରିଷ୍ଠ ଶିକ୍ଷାବିତ ନିକୁଞ୍ଜ କିଶୋର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ରାଜ୍ୟ ଓ ଜାତୀୟ ଶିକ୍ଷକ ସମ୍ମାନରେ ସମ୍ମାନିତ ପ୍ରାକ୍ତନ ପ୍ରଧାନ ଶିକ୍ଷକ ତଥା ପ୍ରାକ୍ତନ ଜିଲ୍ଲା ବିଜ୍ଞାନ ପରିଦର୍ଶକ ସୁଭାଷ ଚନ୍ଦ୍ର ରାଉତ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ପ୍ରଧାନଶିକ୍ଷକ ପଦ୍ମନାଭ ପଣ୍ଡା, ଅବସରପ୍ରାପ୍ତ ପୁଲିସ ସବଇନ୍ସପେକ୍ଟର ଭଗବତ ମୁଦୁଲି, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ପ୍ରାକ୍ତନ କର୍ମଚାରୀ ବସନ୍ତ କୁମାର ଦାଶ, ଜିଲ୍ଲା କୋର୍ଟର ବରିଷ୍ଠ କର୍ମଚାରୀ ଶରତ ଚନ୍ଦ୍ର ସାହୁ, ପ୍ରାକ୍ତନ ମୃତ୍ତିକା ସଂରକ୍ଷଣ କାର୍ଯ୍ୟାଳୟର କର୍ମଚାରୀ ବିଭୁତି ଭୂଷଣ ବସ୍ତୁ, ଯୁବ ନେତା ବିବେକାନନ୍ଦ ଗାଆଣ, ପ୍ରଭାତ କୁମାର ବେହେରା, ଆର୍ତ୍ତତ୍ରାଣ ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରଥିଲେ। ଇଂ. ମାଧବାନନ୍ଦ ଗୋଚ୍ଛାୟତ ଧନ୍ୟବାଦ ପ୍ରଦାନ କରିଥିଲେ।




**ଜଗତସିଂହପୁର:** ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ଓଡ଼ିଶାଗଡ଼ ସ୍ଥିତ ପ୍ରଫୁଲ୍ଲ ପାଠାଗାର ପରିସରରେ ଶିକ୍ଷାବିତ ରବୀନ୍ଦ୍ରନାଥ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ସଭାରେ ଶିକ୍ଷାବିତ ବଂଶୀଧର ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ବରିଷ୍ଠ ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷ୍ୟାବିତ ରାମଚନ୍ଦ୍ର ଆଚାର୍ଯ୍ୟ, ଆଇନଜୀବୀ ଶିବପ୍ରସାଦ ମାଝୀ, ସତ୍ୟବାଦୀ ଦାସ, ବିଭୁତି ଭୂଷଣ ଲେଙ୍କା, ସତ୍ୟବାଦୀ ସାହୁ, ସଞ୍ଜୟ କୁମାର ସାମନ୍ତ ସିଂହାର, ପ୍ରତାପ କୁମାର ରାଉତରାୟ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଅଜୟ କୁମାର ପତି ଧନ୍ୟବାଦ ଅର୍ପଣ କରିଥିଲେ।



**ପାରାଦୀପ:** ଉତ୍କଳ ସମ୍ମିଳନୀ ପାରାଦୀପ ଆନୁକୂଲ୍ୟରେ ସଭାପତି ଧ୍ରୁବଚରଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ପାରାଦୀପର ୧୭ ନମ୍ବର ୱାର୍ଡରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୮ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରେମଲତା ବାରିକ ସଭା ପରିଚାଳନା କରିଥିଲେ ଉପସ୍ଥିତ ସମସ୍ତ ଅତିଥି ଓ ସଦସ୍ୟମାନେ ସମବେତ କଣ୍ଠରେ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ଏହି ଅବସରରେ ନଗେନ୍ଦ୍ରନାଥ ସ୍ୱାଇଁ, ସନ୍ତୋଷ କୁମାର ସାମଲ, ସମ୍ପାଦକ ଡ. ଅରବିନ୍ଦ ନାୟକ ଓ ଉପସଭାପତି ତୁଳସୀ ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ନଳିନୀପ୍ରଭା ସାହୁ, ନିହାରିକା ବାରିକ, ପ୍ରତିମା ମହାପାତ୍ର, ଲିପି, ହର ପ୍ରିୟା ପଟ୍ଟନାୟକ ଓ ବର୍ଷା ସାହୁଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ। ଉପସ୍ଥିତ କବୟିତ୍ରୀ ଓ କବିମାନେ ନିଜ ନିଜର ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଗୋପବନ୍ଧୁ ଦାସଙ୍କ ତ୍ୟାଗ, ସେବା ଓ ଓଡ଼ିଆ ଭାଷା ପ୍ରତି ଅବଦାନକୁ ସ୍ମରଣ କରି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଏହି ଜୟନ୍ତୀ ଅବସରରେ ଆହ୍ୱାନ ଦିଆଯାଇଥିଲା। ଏହି ଅବସରରେ ମହିଳା ଟ୍ରଷ୍ଟ କଲ୍ୟାଣର ସଭାନେତ୍ରୀ ଓ ଉର୍ମିଳା ମହାନ୍ତି ଉପସ୍ଥିତ ଥିଲେ। ଶେଷରେ ଉର୍ମିଳା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଶେଷହେଲା ପ୍ରାର୍ଥିପତ୍ର ପ୍ରତ୍ୟାହାର ପ୍ରକ୍ରିୟା
# ମଇଦାନରେ ୪୧ ପ୍ରାର୍ଥୀ, ନିର୍ଦ୍ୱନ୍ଦ୍ୱରେ ୬ ନିର୍ବାଚିତ

ଢେଙ୍କାନାଳ,୧୦ ।୧୦(ସମିସ)

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଥିବାବେଳେ ସାଧାରଣ ସମ୍ପାଦକ ଭାବେ ନାମାଙ୍ଗନ କରିଥିବା ପ୍ରୀତିପ୍ରଜ୍ଞା ବେଉରା ନାମାଙ୍କନ ପ୍ରତ୍ୟାହାର କରିଛନ୍ତି । ଫଳରେ ନିର୍ବାଚନ ମଇଦାନରେ ୪୧ ଜଣ ରହିଛନ୍ତି । ସେମନଙ୍କ ମଧ୍ୟରୁ ୬ଜଣ ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଥିବା ଜଣାପଡ଼ିଛି । ସଭାପତି ପାଇଁ ସ୍ୱପ୍ନାରାଣୀ ସାହୁ, ଶିବାନନ୍ଦ ବିଶ୍ୱାଳ, ବିଷ୍ଣୁପ୍ରସାଦ ସାହୁ ଏବଂ ଆଶୁତୋଷ ରାଉଳ ନାମାଙ୍କନ କରିଛନ୍ତି । ସେହିପରି ଉପସଭାପତି ପାଇଁ ବିଷ୍ଣୁ ପ୍ରସାଦ ସାମଲ, ସ୍ମୃତିରାଣୀ ମହାନ୍ତି, ସ୍ୱୟଂଶ୍ରୀ ଧୀର, ସୃଷ୍ଟିସମୀକ୍ଷା ଜେନା, ସାଧାରଣ ସମ୍ପାଦକ ପାଇଁ ପାୟଲ ପାତ୍ର, ମଦନ ମୋହନ ଦାସ, ରାକେଶ ଓଝା, ଅଭିଜିତ ମହାନ୍ତି, ସହକାରୀ ସାଧାରଣ ସମ୍ପାଦକ ଭାବେ ଲୋକେଶ କୁମାର ପୃଷ୍ଟି, ମୋନିଷା ପ୍ରଧାନ, ସାହିଲଉଦିନ ଖାନ, ଶୁଭମ ପ୍ରଧାନ, ଡ୍ରାମାଟିକ ସେକ୍ରେଟାରୀ ପାଇଁ ବୈଶାଖୀ ପଟ୍ଟନାୟକ, ଜ୍ଞାନଜିତ ନାୟକ, ତନିଶ କୁମାର ସାହୁ ଓ ଆୟୁଷ ଅଭିନନ୍ଦନ ନାୟକ, ସହକାରୀ ଡ୍ରାମାଟିକ ସେକ୍ରେଟାରୀ ପାଇଁ ବୀରେନ୍ଦ୍ର କୁମାର ନାଏକ, ଶୁଭମ ମହାପାତ୍ର, ସ୍ମୃତି ନନ୍ଦ, ଆଥଲେଟିକ କ୍ଲବ ସେକ୍ରେଟାରୀ ପାଇଁ ଅଭିଷେକ ପଣ୍ଡା, ସତ୍ୟପ୍ରିୟା ପଟ୍ଟନାୟକ, ଶିବମ ରାୟ, କେଶବ ମଲିକ, ସହକାରୀ ଆଥଲେଟିକ କ୍ଲବ ପାଇଁ ସୂର୍ଯ୍ୟନାରାୟଣ ଭୁତିଆ, ଓମପ୍ରକାଶ ପ୍ରଧାନ, ଡିଏସଏ ପାଇଁ ଶିବାଂଶ୍ରୀ ନାଏକ, ପ୍ରୀତେଶ ଦାସ, ଗର୍ଲସ କମନରୁମ ପାଇଁ ରିମଝିମ ପ୍ରିୟଦର୍ଶିନୀ, ରତ୍ନପର୍ଣ୍ଣା ମଲିକ, କମର୍ସ ସୋସାଇଟି ପାଇଁ ଆଶୁତୋଷ ସାହୁ ଏବଂ ସାଇ ସାମର୍ଥ୍ୟ ମଇଦାନରେ ରହିଛନ୍ତି । ସୋସିଆଲ ସର୍ଭିସ ଗିଲ୍ଡ ସମ୍ପାଦକ ପାଇଁ ସୌମ୍ୟାସ୍ୱରୂପା ରାଉତ, କମନ ରୁମ ସମ୍ପାଦକ ପାଇଁ ସତ୍ୟଜିତ ମୁର୍ମୁ, ସହକାରୀ କମନରୁମ ସମ୍ପାଦକ ପାଇଁ କେଆର ସାଗର ସୁମନ, ସାଇନ୍ସ ସୋସାଇଟି ପାଇଁ ରୁଦ୍ରପ୍ରସାଦ ପଣ୍ଡା, ଆଟର୍ସ ସୋସାଇଟି ପାଇଁ ଆଦିତ୍ୟ ପ୍ରକାଶ ପୁହାଣ, କ୍ଲାସ ରିପ୍ରେଜେନଟେଟିଭ ପାଇଁ ବୈଷ୍ଣବୀ ମହାରଣା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି ।

## ଛାତ୍ର ସଂସଦ ନିର୍ବାଚନରେ ୨୩ ପ୍ରାର୍ଥୀ, ୨ ପ୍ରତ୍ୟାହାର

**ଭୁବନ,୧୦ ।୧୦(ସମିସ):** ଭୁବନ ବାଜିରାଉତ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ନେଇ ବିଭିନ୍ନ ପଦପଦବୀ ପାଇଁ ନାମାଙ୍କନ ପ୍ରକ୍ରିୟା ଶେଷ ହୋଇଛି । ଫଳରେ ୨୫ ଜଣଙ୍କ ନାମାଙ୍କନ କାଏମ ରହିଥିଲା । ଏଥିମଧ୍ୟରୁ ଦୁଇଜଣ ପ୍ରାର୍ଥୀ ପ୍ରତ୍ୟାହାର କରିବା ପରେ ଏବେ ୨୩ ପ୍ରାର୍ଥୀ ମଇଦାନରେ ରହିଛନ୍ତି । ସଭାପତି ପଦ ପାଇଁ ଶୁଭମ ଦାସ ଓ ସାଧାରଣ ସମ୍ପାଦକ ପଦ ପାଇଁ ତେଜସ୍ୱୀ ନାୟକ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଛନ୍ତି । ସଭାପତି ପଦ ପାଇଁ ପ୍ରଜ୍ଞାରଞ୍ଜନ ସାହୁ ଓ ସ୍ୱର୍ଣ୍ଣଲକ୍ଷ୍ମୀ ବାରିକ, ଉପସଭାପତି ପଦ ପାଇଁ ଲିପ୍ସା ପ୍ରିୟଦର୍ଶିନୀ ପାତ୍ର ଓ ଚିନ୍ମୟୀ ପ୍ରଧାନ, ସାଧାରଣ ସମ୍ପାଦକ ପଦ ପାଇଁ ଜ୍ଞାନରଞ୍ଜନ ଗୁରୁ ଓ ରୂପାଲି ଦାସ ଏବଂ ସହକାରୀ ସାଧାରଣ ସମ୍ପାଦକ ପଦ ପାଇଁ ପୂର୍ଣ୍ଣିମା କୁଣ୍ଡଲ ଓ ଯସପ୍ରୀତ ସିଂହ ପ୍ରାର୍ଥୀ ହୋଇଛନ୍ତି । ଏସ୍‌ଏସ୍‌ଜି ସମ୍ପାଦକ ପଦ ପାଇଁ ବିଶ୍ୱମୟ ବେହେରା, ଆଥଲେଟିକ୍ସ ସହକାରୀ ସମ୍ପାଦକ ପଦ ପାଇଁ ଲକ୍ଷ୍ମୀପ୍ରିୟା ପାତ୍ର ଓ ଅନୁସୟା ମଲ୍ଲିକ ଏବଂ ଆଥଲେଟିକ୍ସ ସମ୍ପାଦକ ପଦ ପାଇଁ ବିଶ୍ୱଜିତ ନାୟକ, ଶିବାନନ୍ଦ ପୋଥାଲ ଓ ସନ୍ତୋଷ କୁମାର ସାହୁ ନାମାଙ୍କନ ଦାଖଲ କରିଥିଲେ । ସେହିପରି ବାଳକ କମନ୍ ରୁମ୍ ସମ୍ପାଦକ ପଦ ପାଇଁ ବରୁଣ ମଲ୍ଲିକ ଓ ଜୟନ୍ତ ମେହେଣା, ଡିଏସ୍‌ଏ ସମ୍ପାଦକ ପଦ ପାଇଁ ଜଗବନ୍ଧୁ ବେହେରା ଓ ପିଙ୍କୁ ପୃଷ୍ଟି, ଡ୍ରାମାଟିକ୍ ସହକାରୀ ସମ୍ପାଦକ ପଦ ପାଇଁ ପୂଜାରାଣୀ ପଟ୍ଟନାୟକ, ଡ୍ରାମାଟିକ୍ ସମ୍ପାଦକ ପଦ ପାଇଁ ରୁଦ୍ରନାରାୟଣ ସ୍ୱାଇଁ ଓ ଅଙ୍କିତା ପଣ୍ଡା ଏବଂ ବାଳିକା କମନ୍ ରୁମ୍ ସମ୍ପାଦକ ପଦ ପାଇଁ ସୁନିତା ବାରିକ ଓ ଜ୍ୟୋତିଷ୍ମାରାଣୀ ମହାନ୍ତ ପ୍ରାର୍ଥୀ ହୋଇଛନ୍ତି । ନିର୍ବାଚନ ଅଧିକାରୀ ଅନିଲ କୁମାର ଧୀର ପ୍ରକାଶ କର ନିର୍ବାଚନ ସମ୍ପର୍କିତ ସୂଚନା ପ୍ରଦାନ କରିଥିଲେ ।

## ୫୫ନଂ ଜାତୀୟ ରାଜପଥରେ ଦୁର୍ଘଟଣା
# ଟ୍ରକ-ବସ୍ ଧକ୍କା, ୩ ଗୁରୁତର





**ଓଡ଼ାପଡ଼ା,୧୦ ।୧୦(ସମିସ):** ୫୫ନଂ ଜାତୀୟ ରାଜପଥର ମୋଟଙ୍ଗା ଥାନା ନିମବାହାଳି ଛକରେ ବସ୍ ଓ ଟ୍ରକ ଧକ୍କା ହୋଇ ବସରେ ଯାତ୍ରା କରୁଥିବା ୩ ଜଣ ଗୁରୁତର ଆହତ ହୋଇଛନ୍ତି । ନୀଳମାଧବ ନାମକ ଘରୋଇ ବସ ସଦର ଥାନା ଇନ୍ଦପୁର ଗ୍ରାମରୁ ଟାଟା ଷ୍ଟିଲ ମେରାମଣ୍ଡଳୀକୁ ଠିକା ସଂସ୍ଥା କର୍ମଚାରୀ ଓ କେତେକ ଶ୍ରମିକଙ୍କୁ ନେଇ ଯାଉଥିଲା । ଶନିବାର ଭୋର ୫ଟାରେ ନିମବାହାଳି ଛକରେ ଅନୁଗୋଳ ଆଡ଼କୁ ଯାଉଥିବା ଅଜଣା ଟ୍ରକ ପଛରେ ବସ୍ ଧକ୍କା ହୋଇଥିଲା । ବସରେ ୫୦ରୁ ଉର୍ଦ୍ଧ୍ୱ କର୍ମଚାରୀ ଥିଲେ । ସେମାନଙ୍କ ମଧ୍ୟରୁ ଇନ୍ଦିପୁର ଗାଁର ସନ୍ତୋଷ ଓରଫ ଚନ୍ଦନ ପୃଷ୍ଟି, ରାକେଶ ସାହୁ ଓ ଚାଇଁପୁର ସୁରତ ଗାଁର ମୁନା ମହାନ୍ତି ଗୁରୁତର ଆହତ ହୋଇଛନ୍ତି । ଚନ୍ଦନଙ୍କ ହାତ କଟି ଶରୀରରୁ ଅଲଗା ହୋଇଯାଇଛି । ସ୍ଥାନୀୟ ଲୋକଙ୍କ ସହାୟତାରେ ସେମାନଙ୍କୁ ଉଦ୍ଧାର କରାଯାଇ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟ ପଠାଯାଇଛି ।

## ବନ୍ୟପ୍ରାଣୀ ସପ୍ତାହ ପାଳିତ



**ହିନ୍ଦୋଳ,୧୦ ।୧୦(ସମିସ):** ହିନ୍ଦୋଳ ଜଙ୍ଗଲ ପରିବେଶ ସୁରକ୍ଷା ମଞ୍ଚ ପକ୍ଷରୁ ୭୨ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଛି । କଂସରା ଉଚ୍ଚ ବିଦ୍ୟାଳୟ, ନବପଲ୍ଲୀ ଉଚ୍ଚ ବିଦ୍ୟାଳୟ, କନ୍ତାମିଲା ଉଚ୍ଚ ବିଦ୍ୟାଳୟ, କାଠଖୁମ୍ପା ଉଚ୍ଚ ବିଦ୍ୟାଳୟ ସମେତ ନୂଆକୋଟ, ଗୁରୁଜାଙ୍ଗ, କଂସରା ପାଇକ ପୁରୁଣାକୋଟ, ଦଣ୍ଡିରୀ, ବାହାଲୁଣ୍ଡା ଟାଙ୍ଗିଆଘସା, ଝାଡୁବେରେଣୀ ଏବଂ କନ୍ତାମିଲା ଆଦି ଗ୍ରାମ ଗୋଷ୍ଠୀଙ୍କୁ ନେଇ ସଭା ମାନ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ଗ୍ରାମବାସୀଙ୍କ ସହ ଜଙ୍ଗଲ ପରିବେଶ ସୁରକ୍ଷା ମଞ୍ଚ ସଦସ୍ୟମାନେ ବିଭିନ୍ନ ସ୍ଥାନରେ ଉପସ୍ଥିତ ଥିଲେ ।

## ଚକ୍ଷୁଦାନ କରି ଉଦାହରଣ ସାଜିଲେ ଉଦୟ



**ଗଁଦିଆ,୧୦ ।୧୦(ସମିସ):** ନିଜର ଶେଷ ଇଚ୍ଛାକୁ ପରିବାର ଲୋକେ ସାମ୍ମାନ ଜଣାଇ ନିଜର ନେତ୍ର ଦାନ କରିଛନ୍ତି । ଗଁଦିଆ ଏନଏସି ଆଙ୍କୁର୍ଦା ଗ୍ରାମର ଉଦୟନାଥ ସାହୁ (୬୧) ରାଜଧାନୀ ଭୁବନେଶ୍ୱରରେ ଶ୍ରମିକ ଭାବେ କୋଠାବାଡ଼ି ନିର୍ମାଣ କାର୍ଯ୍ୟ କରୁଥିଲେ । ୮ ତାରିଖ ଦିନ ଏକ ବହୁତଳ ବିଶିଷ୍ଟ କୋଠାରେ କାର୍ଯ୍ୟରତ ସମୟରେ ହଠାତ ବନ୍ଧାଯାଇଥିବା ଭାଡ଼ାରୁ ଏକ ବାଉଁଶ ତାଙ୍କର ମୁଣ୍ଡରେ ପଡ଼ିଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ଏମ୍ସ ହସ୍ପିଟାଲ ନିଆଯାଇଥିଲେ ମଧ୍ୟ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଛି । ପରିବାର ସଦସ୍ୟ ମେଡିକାଲରେ ପହଞ୍ଚି ଉଦୟଙ୍କ ଶେଷଇଚ୍ଛାକୁ ସାମ୍ମାନ ଜଣାଇ ତାଙ୍କର ଦୁଇ ଚକ୍ଷୁ ଦାନ କରିବାକୁ ସହମତି ଜଣାଇଥିଲେ । ପରେ ଅସ୍ତ୍ରୋପଚାର କରାଯାଇ ତାଙ୍କ ଚକ୍ଷୁ ବାହାର କରାଯାଇଥିଲା । ମୃତଦେହ ଗାଁକୁ ଅଣାଯାଇ ଶୋକାକୁଳ ପରିବେଶରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି ।

## ସାଙ୍ଗଠନିକ ବୈଠକରେ ଯୋଗ ଦେଲେ ସାଂସଦ



**ଖଜୁରିଆକଟା,୧୦ ।୧୦(ସମିସ):** ସାଂସଦ ରୁଦ୍ରନାରାୟଣ ପାଣିଙ୍କ ଓଡ଼ାପଡ଼ା ଗସ୍ତ ସମୟରେ ହିନ୍ଦୋଳ ରୋଡଠାରେ ଅନୁଷ୍ଠିତ ବିଜେପିର ସାଙ୍ଗଠନିକ ବୈଠକରେ ଯୋଗଦେଇ ଆଲୋଚନା କରିଛନ୍ତି । ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ନିଜ ନିଜ ମଧ୍ୟରେ ଥିବା ମତଭେଦକୁ ଭୁଲି ଦଳୀୟ ପ୍ରାର୍ଥୀଙ୍କୁ ଜୟଯୁକ୍ତ କରିବା ପାଇଁ ଗୁରୁ ମନ୍ତ୍ର ଦେଇଥିଲେ । ଏହା ସହିତ ଜନସାଧାରଣଙ୍କ ଠାରୁ ଆପତ୍ତି ଅଭିଯୋଗ ଶୁଣି ବିଭିନ୍ନ ବିଭାଗର ଅଧିକାରୀଙ୍କ ସହିତ ଆଲୋଚନା କରି ସମାଧାନ କରିବା ପାଇଁ ପରାମର୍ଶ ଦେଇଥିଲେ । ବାଙ୍ଗୁରସିଂହ ଗ୍ରାମକୁ ଯାଇଥିବା ରାସ୍ତାରେ ଥିବା ରେଳ ଫାଟକ ଉପରେ ଏକ ଓଭରବ୍ରିଜ ନିର୍ମାଣ କରିବା ପାଇଁ ଗ୍ରାମବାସୀ ଦାବି ଜଣାଇଥିଲେ । କାର୍ଯ୍ୟକ୍ରମରେ ଦଳର କର୍ମକର୍ତ୍ତା ସହଦେବ ପୃଷ୍ଟି, ପ୍ରଶାନ୍ତ ପ୍ରଧାନ, ମନୋଜ ମହାରଣା, ସୁଜନ ନାଏକ, ରଣଜିତ୍ ନାୟକ, ପଙ୍କଜ ଲୋଚନ ଦାସ, ପ୍ରଦୀପ ସାହୁ, ତପନ ମହାପାତ୍ର, ସମରଜିତ ପଟ୍ଟନାୟକ, ସତ୍ୟରଞ୍ଜନ ମିଶ୍ରଙ୍କ ସହ ଅନ୍ୟ କର୍ମୀମାନେ ଉପସ୍ଥିତ ଥିଲେ ।

## ଦଶହରା ପୂର୍ବରୁ ରାସ୍ତାଘାଟ ତଦାରଖ



**ଭୁବନ,୧୦ ।୧୦(ସମିସ):** ଭୁବନରେ ଆସନ୍ତା ୨୧ ତାରିଖରେ ଦଶହରା ଓ ୨୨ ତାରିଖରେ ଭସାଣି ଯାତ୍ରା ଅନୁଷ୍ଠିତ ହେବ । ଏହାକୁ ଦୃଷ୍ଟିରେ ରଖି ଭୁବନ ଦଶହରା କମିଟି ଓ ପୁଲିସ ଟିମ୍? ପକ୍ଷରୁ ବିଭିନ୍ନ ସାହି ପରିଦର୍ଶନ କରାଯାଇ ରାସ୍ତାଘାଟର ସ୍ଥିତି ଯାଞ୍ଚ କରାଯାଇଥିଲା । ବିଭିନ୍ନ ସାହିରୁ ଆସୁଥିବା ବଳଦ ଯାତ୍ରା ଓ ଦୁର୍ଗା ମେଢ଼ ଯେପରି ସୁବ୍ୟବସ୍ଥିତ ଭାବେ ମୁଖ୍ୟ ଯାତ୍ରାରେ ସାମିଲ ହୋଇପାରିବେ, ସେଥିପାଇଁ ରାସ୍ତାଘାଟ ତଦାରଖ କରାଯାଇଥିଲା । ଏହି ପରିଦର୍ଶନରେ ଥାନା ଅଧିକାରୀ ରେଣୁବାଳା ସାହୁଙ୍କ ସମେତ ପୁଲିସ ଟିମ୍?, ନଗରପାଳ ସୁବେନ୍ଦୁ ସାହୁ, ବଳଦ ଯାତ୍ରା କମିଟିର ସଭାପତି ଦିଲୀପ କୁମାର ଦାସ, ସମୀର କୁମାର ସାହୁ, ଅଜୟ କୁମାର ସେଠୀ, ଧିରେନ ପୃଷ୍ଟି, ନିରଞ୍ଜନ ଗୁରୁ ଓ ବିଳାସ ନାୟକଙ୍କ ସମେତ କମିଟିର ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

## ମହାବିଦ୍ୟାଳୟରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ

ଗଁଦିଆ,୧୦ ।୧୦(ସମିସ): ଯୋରନ୍ଦାସ୍ଥିତ ମହିମା ମହାବିଦ୍ୟାଳୟର ଶକ୍ତିଶ୍ରୀ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ କାର୍ଯ୍ୟକ୍ରମ ଅଧ୍ୟକ୍ଷ ପ୍ରହଲ୍ଲାଦ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ମହାବିଦ୍ୟାଳୟର ମନସ୍ତତ୍ତ୍ୱ ବିଜ୍ଞାନ ବିଭାଗର ସହାୟକ ପ୍ରଫେସର ଅକ୍ଷୟ କୁମାର ସେଠ ମୁଖ୍ୟଅତିଥି ତଥା ପ୍ରଶିକ୍ଷକ ରୂପେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାନସିକ ସ୍ୱାସ୍ଥ୍ୟ, ମାନସିକ ସନ୍ତୁଳନ, ମାନସିକ ସମସ୍ୟା ଏବଂ ଏହାର ସମାଧାନ ଉପାୟ ସମ୍ପର୍କରେ ଅବଗତ କରିଥିଲେ । ଚିକିତ୍ସାମୂଳକ ମନୋବିଜ୍ଞାନୀ ସୋମାଲି ସାହୁ, ଏବଂ ମନୋବୈଜ୍ଞାନିକ ସାମାଜିକ କର୍ମୀ ସସ୍ମିତା ମହାନ୍ତି ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ । ଶକ୍ତିଶ୍ରୀ ସଂଯୋଜିକା ଡ. ଶକୁନ୍ତଳା ଭୂୟାଁ ଅତିଥି ପରିଚୟ ପ୍ରଦାନ ଏବଂ କାର୍ଯ୍ୟକ୍ରମର ଆଭିମୁଖ୍ୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅଧ୍ୟକ୍ଷ ସ୍ୱାଇଁ ସାମାଜିକ ଗଣମାଧ୍ୟମର ଦୁରୁପଯୋଗ ଏବଂ ଛାତ୍ରଛାତ୍ରୀମାନେ ବହୁଳ ଭାବେ ଏଗୁଡ଼ିକୁ ବ୍ୟବହାର କରି କିଭଳି ଠକାମିର ଶିକାର ହେଉଛନ୍ତି ସେ ସମ୍ପର୍କରେ କହିଥିଲେ । ଗୀତାଞ୍ଜଳି ମହାରଣା, ସୁଚିସ୍ମିତା ତ୍ରିପାଠୀ, ମମତା ପଣ୍ଡା, ଗୀତାଞ୍ଜଳି ସାହୁ, ବିଷ୍ଣୁପ୍ରିୟା ମହାପାତ୍ର, ବିନୋଦିନୀ ଦେହୁରି, ରଞ୍ଜିତ ଚିନରା, କାଳନ୍ଦି ଚରଣ ପଣ୍ଡା, ସରୋଜ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

# କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି



**ଢେଙ୍କାନାଳ,୧୦ ।୧୦(ସମିସ):** ସଦର ବ୍ଲକ୍ ମଧୁସାହୁପାଟଣା ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଛି । ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିତର୍କ, ପ୍ରବନ୍ଧ, କୁଇଜ୍, ଚିତ୍ରାଙ୍କନ, ସୃଜନଶୀଳ ଲିଖନ, ବକ୍ତୃତା, ସଙ୍ଗୀତ, ଶ୍ରୁତଲିଖନ, ହସ୍ତାକ୍ଷର, ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ, ପିଏମ୍ ପୋଷଣ ଚିତ୍ରକଳା ଓ ଶିଳ୍ପକଳା ଆଦି ପ୍ରତିଯୋଗିତା ହୋଇଥିଲା । ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କାକୁଡ଼ିଭାଗ ସରପଞ୍ଚ ରୀନା ସାହୁ, ମୁଖ୍ୟବକ୍ତା ଭାବେ ପ୍ରଧାନଶିକ୍ଷକ ବିଷ୍ଣୁ କୁମାର ମଲ୍ଲିକ, ସମ୍ମାନିତ ଅତିଥି ଭାବେ ମଧୁସାହୁପାଟଣା ସମିତିସଭ୍ୟା ଗୀତାଞ୍ଜଳି ସାହୁ, ପ୍ରାକ୍ତନ ସିଆର୍‌ସିସି ଶଶାଙ୍କ ଶେଖର ନାୟକ ଓ କମିଟି ଅଧ୍ୟକ୍ଷ ନକୁଳ ସାହୁ ଯୋଗଦେଇଥିଲେ । ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭା ଚିହ୍ନଟ କରି ତାକୁ ବିକଶିତ କରିବାରେ ସୁରଭି କାର୍ଯ୍ୟକ୍ରମ ଏକ ପ୍ରକୃଷ୍ଟ ମାଧ୍ୟମ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ବରିଷ୍ଠ ବର୍ଗ ବିତର୍କରେ ଲକ୍ଷ୍ମୀପ୍ରିୟା ସାହୁ, ପ୍ରବନ୍ଧ ଓ କୁଇଜ୍‌ରେ ଶିବାନୀ ଦଳେଇ, ଚିତ୍ରାଙ୍କନରେ ଶୁଭଲକ୍ଷ୍ମୀ ସାହୁ, ସୃଜନଶୀଳ ଲିଖନରେ କାଜଲ କିରଣ ସ୍ୱାଇଁ, ବକ୍ତୃତାରେ ଶୁଭରଞ୍ଜନ ରାଉତ, ସଙ୍ଗୀତରେ ଶିବାନୀ ମହାପାତ୍ର, ପିଏମ୍ ପୋଷଣ ଚିତ୍ରକଳାରେ ଅମିତ୍ ବାରିକ ଓ ଶିଳ୍ପକଳାରେ ଅର୍ପିତା ସାମଲ ପ୍ରଥମ ସ୍ଥାନ ଅଧିକାର କରିଥିଲେ । କନିଷ୍ଠ ବର୍ଗ ଚିତ୍ରାଙ୍କନାରେ ଅରବିନ୍ଦ ବେହେରା, କୁଇଜ୍‌ରେ ସାଇକ୍ରିଷ୍ଣା ପଣ୍ଡା, ସୃଜନଶୀଳ ଲିଖନରେ ଅମରଜ୍ୟୋତି ସାହୁ, ବକ୍ତୃତାରେ ଅଂଶୁମାନ ଦାସ, ସଙ୍ଗୀତରେ ଦେବାଶିଷ ନାୟକ, ଶ୍ରୁତଲିଖନ ଓ ହସ୍ତାକ୍ଷରରେ ରିତେଶ ପ୍ରସାଦ ସାହୁ, ପିଏମ୍ ପୋଷଣ ଚିତ୍ରକଳାରେ ଆଶିଷ କୁମାର ସାହୁ ଓ ଶିଳ୍ପକଳାରେ ଅର୍ପିତା ପ୍ରିୟଦର୍ଶିନୀ ସାମଲ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ସର୍ବକନିଷ୍ଠ ବର୍ଗ ଚିତ୍ରାଙ୍କନରେ ବିଦୁସ୍ମିତା ସାହୁ, ଗଳ୍ପପଠନରେ ସୌମ୍ୟଜିତ୍ ରାଉତ, ଅଙ୍କଦୌଡ଼ରେ ରତ୍ନରାଜ ସାହୁ, ଗଣିତ କୁଇଜ୍‌ରେ ରାନୀ ରାଉତ, ଦିବ୍ୟାଙ୍ଗ ବର୍ଗ ଚିତ୍ରାଙ୍କନ ଓ ସଙ୍ଗୀତରେ ଶୁଭମ୍ ସାହୁ ଓ ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସାଇଶ୍ରୀ ଓ ସାଥୀ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ସିଆର୍‌ସିସି ଅର୍ଜୁନ ନାୟକଙ୍କ ତତ୍ତ୍ୱାବଧାନରେ ଶିକ୍ଷକ ସୌରଭ ରାୟ, ଚନ୍ଦ୍ରକାନ୍ତ ବେହେରା, ସନ୍ତୋଷ ଧଳ, ରାଜେଶ ମହାନ୍ତି, ପ୍ରଭାତ ମିଶ୍ର, ଦିଲୀପ ପଣ୍ଡା, ଶରତ ବେହେରା, ବିଶ୍ୱଜିତ୍ ମହାମାନସିଂ, ଅର୍ଜୁନ ସାହୁ, ରଞ୍ଜନ ପ୍ରଧାନ, ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ସାହୁ, ସ୍ୱର୍ଣ୍ଣପ୍ରଭା ମିଶ୍ର, ମାନସୀ ଦାସ, ରୂପଶ୍ରୀ ପରିଡ଼ା, କଳ୍ପନା ବାରିକ, ମିନତୀ ସାହୁ ଓ ନିରୁପମା ପୃଷ୍ଟି ପ୍ରମୁଖ ବିଚାରକ ଭାବେ ଯୋଗଦେଇଥିଲେ । ଶିକ୍ଷକ ପ୍ରଦ୍ୟୁମ୍ନ ଦାଶ ମଞ୍ଚ ସଞ୍ଚାଳନ କରିଥିବାବେଳେ ସିଆର୍‌ସିସି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ମହିମା ମହାବିଦ୍ୟାଳୟ
# ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା




**ଗଁଦିଆ,୧୦ ।୧୦(ସମିସ):** ଗଁଦିଆ ବ୍ଲକ ଯୋରନ୍ଦା ମହିମାଗାଦିସ୍ଥିତ ମହିମା ମହାବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରଛାତ୍ରୀର ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଛି । ଅଧ୍ୟକ୍ଷ ପ୍ରହଲ୍ଲାଦ କୁମାର ସ୍ୱାଇଁ ଏଥିରେ ସଭାପତିତ୍ୱ କରିଥିଲେ । ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଜିତେନ୍ଦ୍ରୀୟ ଶତପଥୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ଛାତ୍ରଛତ୍ରୀଙ୍କୁ ସେମାନଙ୍କ ଭବିଷ୍ୟତ ଗଠନ ନିମନ୍ତେ ଉଦବୋଧନ ଦେଇଥିଲେ । ନିମନ୍ତ୍ରିତ ଅତିଥି ଭାବେ ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପିକା ସନ୍ଧ୍ୟାରାଣୀ ବେହେରା, ଅଧ୍ୟାପିକା ଜୟଶ୍ରୀ ମହାନ୍ତି, କାଦମ୍ବିନୀ ପରିଡା, ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପିକା ଶ୍ରଦ୍ଧାଞ୍ଜଳି ସାହୁ, ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ଆଦିତ୍ୟ ନାରାୟଣ ବେହେରା ଓ ପ୍ରାଣୀ ବିଜ୍ଞାନ ବିଭାଗ ଅଧ୍ୟାପିକା ସୌମ୍ୟା ପ୍ରିୟଦର୍ଶିନୀ, ଡେମୋନଷ୍ଟ୍ରେଟର ସୁବ୍ରତ ଦେହୁରୀ ଓ ଯୁକ୍ତ ୩ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବର୍ଷ ଛାତ୍ରଛାତ୍ରୀ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରାଣୀ ବିଭାଗର ସହଯୋଗୀ ବନଜ ରାଉତ ସହଯୋଗ କରିଥିଲେ । ୩ ତୃତୀୟ ବର୍ଷ ଛାତ୍ରୀ ଅର୍ପିତା ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

# ପାନୀୟ ଜଳ ସମସ୍ୟାକୁ ନେଇ ଅସନ୍ତୋଷ

**ହିନ୍ଦୋଳ,୧୦ ।୧୦(ସମିସ):** ହିନ୍ଦୋଳ ବ୍ଲକ ଅନ୍ତର୍ଗତ ନୁଆବଗ ପଞ୍ଚାୟତର ବାହାଲୁଣ୍ଡା ଗ୍ରାମରେ ପାନୀୟ ଜଳ ସମସ୍ୟା ଦୀର୍ଘ ବର୍ଷରୁ ଲାଗିରହିଛି । ଯାହାକି ସକାଳ ସମୟରେ ଯେକେହି ଆସିଲେ ସ୍ପଷ୍ଟ ଦେଖିପାରିବେ । କିଛି ବର୍ଷ ପୂର୍ବରୁ ଗ୍ରାମର ଶେଷଭାଗରେ ବୋର୍ ୱେଲ କରି ଗ୍ରାମବାସୀଙ୍କୁ ପାଣି ଯୋଗାଇବାର ପ୍ରୟାସ କରାଯାଇଛି । ମାତ୍ର ଏଠାରୁ ଯୋଗାଇ ଦିଆଯାଉଥିବା ପାଣି ସମୁଦ୍ରକୁ ଶଙ୍ଖେ ସଦୃଶ । କିଛି ସମୟ ପାଣି ଯୋଗାଇବା ପରେ ଏହି ବୋର୍ ୱେଲ ଖାଲି ହୋଇଯାଉଛି । ଫଳରେ ଗ୍ରାମର କେବଳ କିଛି ଲୋକ ଏହି ପାଣିଦ୍ୱାରା ପାଳି ଅନୁସାରେ ଉପକୃତ ହୁଅନ୍ତି । ଅନ୍ୟ ପ୍ରାୟ ସମସ୍ତ ଲୋକ ନଳକୂପ ଉପରେ ନିର୍ଭର କରିଥାନ୍ତି । ମାତ୍ର ନଳକୂପ ଖରାପ ହେଲେ ମରାମତି କରିବା ପାଇଁ ଦୀର୍ଘ ଦିନ ଅପେକ୍ଷା କରିବାକୁ ପଡୁଛି । ଫଳରେ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବାହାଲୁଣ୍ଡା ଗ୍ରାମ ତୋଟା ସାହିରେ ପ୍ରାୟ ୧୨୦ ପରିବାର ରହିଛନ୍ତି । ଏ ସାହିରେ ଦୁଇଟି ନଳକୂପ ରହିଛି ରାସ୍ତା ପାଖରେ ଥିବା ନଳକୂପର ପାଣି ପାନୀୟ ଅନୁପଯୁକ୍ତ । ଆଉଗୋଟିଏ ନଳକୂପ କେନାଲ ପାର୍ଶ୍ୱରେ ଗୌରଙ୍ଗ ପଟ୍ଟନାୟକଙ୍କ ଘର ପାଖରେ ରହିଛି । ଯାହାକି ଦୀର୍ଘ ଏକ ସପ୍ତାହରୁ ଅଧିକ ଦିନ ହେଲାଣି ଅଚଳ ହୋଇ ପଡ଼ିଛି । ଏନେଇ ପଞ୍ଚାୟତରେ ବାରମ୍ବାର ଅଭିଯୋଗ ପରେ ମଧ୍ୟ ଏହା ଠିକ ହୋଇପାରୁନାହିଁ । ଲୋକସେବା କରିବାକୁ ଆସିଥିବା ନେତା ନିଜ ସେବାରେ ବ୍ୟସ୍ତ ରହି ଲୋକଙ୍କ ଅସୁବିଧା ପ୍ରତି ଆଖି ବୁଜି ଦେଇଥିବା ଅଭିଯୋଗ ହୋଇଛି । ଫଳରେ ଲୋକମାନେ ନାହିଁ ନ ଥିବା ଦୁର୍ଦ୍ଦଶାର ଶିକାର ହେଉଛନ୍ତି । ଯଥାଶୀଘ୍ର ପ୍ରଶାସନିକ ଅଧକାରୀ ମାନେ ଏଥିପ୍ରତି ଯତ୍ନବାନ ନ ହେଲେ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିବାକୁ ବାଧ୍ୟ ହେବେବୋଲି ସାହି ବାସିନ୍ଦା ପ୍ରକାଶ କରିଛନ୍ତି ।

# ଦୁଇଦିନ ଧରି ବୃଦ୍ଧଙ୍କ ପତ୍ତା ମିଳୁନି, ଚିନ୍ତାରେ ପରିବାର



**ଗଁଦିଆ,୧୦ ।୧୦(ସମିସ):** ଗଁଦିଆ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ଦଣ୍ଡେଇବେରେଣି ରାଜସ୍ୱ ଗ୍ରାମ ଅଧୀନ ଠାକୁରାପାଳ ପଡା ଗ୍ରାମର ଜନୈକ ବୃଦ୍ଧ ଦୁଇଦିନ ଧରୀ ନିଖୋଜ ରହିଥିବାର ଜଣାପଡ଼ିଛି । ଏନେଇ ପରିବାର ସଦସ୍ୟ ଚିନ୍ତାରେ ରହିଛନ୍ତି । ଉକ୍ତ ପଡା ଗ୍ରାମର ଶଙ୍କର୍ଷଣ ପୁହାଣ ୭୨ବର୍ଷ ଶନିବାର ସକାଳ ସମୟରେ ଘରୁ ଚା ପାନ କରି ନିଜର ଧାନ କ୍ଷେତକୁ ଯାଇଥିଲେ । ମାତ୍ର ମଧ୍ୟାନ୍ତର ସୁଦ୍ଧା ଘରକୁ ନଫେରିବାରୁ ପରିବାର ପକ୍ଷରୁ ପାଖା ଲୋକଙ୍କୁ ଖବର ଦେବା ସହିତ ବହୁତ ଖୋଜାଖୁଜି କରିଥିଲେ । ତତ ସହିତ ଉକ୍ତ ଗ୍ରାମରେ ଥିବା ବେଆଇନ ଭାବେ ଉତୋଳନ ହେଉଥିବା ମାଙ୍କଡା ପଥର ପାତାଳ ଖୁମ୍ପି ଖାଦାନ ଗୁଡ଼ିକରେ ଖୋଜା ଖୁଜି କରିଥିଲେ । ତାଙ୍କର କୌଣସି ସନ୍ଧାନ ନମିଳିବାରୁ ଗଁଦିଆ ଅଗ୍ନିଶମ ବାହିନୀ, ଓଡ୍ରାଫ ଟିମକୁ ଜଣାଇଥିଲେ । ଉକ୍ତ ଗ୍ରାମରେ ଥିବା ଶହ ଶହ ସଂଖ୍ୟାରେଥିବା ଗଭୀର ବେଆଇନ ପାଣି ଭର୍ତ୍ତି ଖାଦାନରେ କଲେ ବୁଡି ଯାଇଥିବେ ସେଥିପାଇଁ ଗତକାଲି ଠାରୁ ଆଜି ସନ୍ଧ୍ୟା ପର୍ଯ୍ୟନ୍ତ କର୍ମଚାରୀ ମାନେ ଖୋଜି ଚାଲିଛନ୍ତି କିନ୍ତୁ ଏବେ ସୁଦ୍ଧା ତାଙ୍କର ସନ୍ଧାନ ମିଳି ପାରିନାହିଁ ବୋଲି ତାଙ୍କର ପରିବାର ଠାରୁ ଜଣାଯାଇଛି ।

## ହସ୍ପିଟାଲରେ ଲୋ-ଭୋଲଟେଜ୍ ସମସ୍ୟା ନେଇ ଅସନ୍ତୋଷ
# ପୃଥକ ଟ୍ରାନ୍ସଫର୍ମର ସ୍ଥାପନ ପାଇଁ ସିଡିଏମ୍‌ଓଙ୍କୁ ଅନୁରୋଧ

ଢେଙ୍କାନାଳ,୧୦ ।୧୦(ସମିସ)




ଗଁଦିଆ ବ୍ଲକ ଖଙ୍କିରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଗତ ୬ ମାସ ଧରି ଲୋ-ଭୋଲଟେଜ୍ ସମସ୍ୟାକୁ ନେଇ ଏଠାରେ ସ୍ୱାସ୍ଥ୍ୟସେବା ବାଧାପ୍ରାପ୍ତ ହେଉଛି । ଏହାର ସ୍ଥାୟୀ ସମାଧାନ ପାଇଁ ପୃଥକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ସ୍ଥାପନ ନିମନ୍ତେ ସିଡିଏମଓଙ୍କୁ ଅନୁରୋଧ କରାଯାଇଛି । ଏଥିପାଇଁ ବିଦ୍ୟୁତ୍ ବିଭାଗ ପକ୍ଷରୁ ୧ ଲକ୍ଷ ୯୮ ହଜାର ୮୮୧ ଟଙ୍କାର ଡିମାଣ୍ଡ ନୋଟ୍ ପ୍ରସ୍ତୁତ ହୋଇଥିବାରୁ ଉକ୍ତ ଅର୍ଥ ମଞ୍ଜୁର କରିବାକୁ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ କୃଷ୍ଣଚନ୍ଦ୍ର ରାୟ ନିବେଦନ କରିଛନ୍ତି । ଲୋ-ଭୋଲଟେଜ୍ ଯୋଗୁଁ ସ୍ୱାସ୍ଥ୍ୟକେନ୍ଦ୍ରରେ କମ୍ପ୍ୟୁଟର ଓ ଇଣ୍ଟରନେଟ୍ ସେବା କାର୍ଯ୍ୟ କରୁନାହିଁ । ଫଳରେ ଅନଲାଇନ୍ ତଥ୍ୟ ପ୍ରବେଶ ଓ ସରକାରୀ ରିପୋର୍ଟ ପ୍ରସ୍ତୁତିରେ ବିଳମ୍ବ ହେଉଛି । ସେହିପରି ଲାବୋରେଟୋରିର ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରପାତି ଚାଲିପାରୁ ନ ଥିବାରୁ ରୋଗୀଙ୍କ ଆବଶ୍ୟକ ପରୀକ୍ଷାରେ ସମସ୍ୟା ଦେଖାଦେଉଛି । ଏପରିକି ପାଣି ପମ୍ପ ଚାଲିପାରୁ ନ ଥିବାରୁ ପାଣିମୁନ୍ଦେ ପାଇଁ ମଧ୍ୟ ରୋଗୀ ଓ ସମ୍ପର୍କୀୟମାନେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି । ଏହି ସ୍ୱାସ୍ଥ୍ୟକେନ୍ଦ୍ର ନିୟୁ ଇଣ୍ଡିଆ ଏନ୍‌ଜିଓ ମୋଡ୍‌ରେ ୨୪ ଘଣ୍ଟିଆ ଜରୁରୀକାଳୀନ ସେବା ପ୍ରଦାନ କରୁଥିବାରୁ ସ୍ୱାସ୍ଥ୍ୟକର୍ମୀମାନେ ପରିସରରେ ରହୁଛନ୍ତି । କିନ୍ତୁ ଲୋ-ଭୋଲଟେଜ୍ ଯୋଗୁଁ ସେମାନଙ୍କ ଘରେ ପଙ୍ଖା ଓ ଆଲୋକ ଠିକ୍ ଭାବେ କାମ କରୁନାହିଁ । ଏହା ସେମାନଙ୍କ ଦୈନନ୍ଦିନ ଜୀବନ ସହ କାର୍ଯ୍ୟକ୍ଷମତାକୁ ମଧ୍ୟ ପ୍ରଭାବିତ କରୁଛି । ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ନୂତନ ବିଦ୍ୟୁତ୍ ସଂଯୋଗ ପାଇଁ ଆବେଦନ କରାଯିବା ପରେ ବିଦ୍ୟୁତ୍ ବିଭାଗ ଯାଞ୍ଚ କରି ଡିମାଣ୍ଡ ନୋଟ୍ ଜାରି କରିଛି । ଡିମାଣ୍ଡ ନୋଟ୍ ନମ୍ବର ୦୦୫୦୧୩୮୫୪୨୧ ଅନୁଯାୟୀ ଦେୟ ରାଶି ୧,୯୮,୮୮୧ ଟଙ୍କା ରହିଛି । ଏହାର ଦେୟ ଅକ୍ଟୋବର ୮ ତାରିଖ ଥିଲା । ତେଣୁ ରୋଗୀଙ୍କୁ ନିରବଚ୍ଛିନ୍ନ ସ୍ୱାସ୍ଥ୍ୟସେବା ଯୋଗାଇବା ଏବଂ ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ପୃଥକ ଟ୍ରାନ୍ସଫର୍ମର ସ୍ଥାପନ ପାଇଁ ଆବଶ୍ୟକ ଅର୍ଥ ତୁରନ୍ତ ମଞ୍ଜୁର କରିବାକୁ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ସିଡିଏମଓଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି ।

## ପରଜଙ୍ଗ ମହାବିଦ୍ୟାଳୟରେ ପ୍ରାର୍ଥିପତ୍ର ଦାଖଲ

**ପରଜଙ୍ଗ,୧୦ ।୧୦(ସମିସ):** ଗଡ଼ପରଜଙ୍ଗ ମହାବିଦ୍ୟାଳୟରେ ଛାତ୍ରସଂସଦ ନିର୍ବାଚନ ପାଇଁ ଶୁକ୍ରବାର ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଶେଷ ହୋଇଛି । ପରେ ନାମାଙ୍କନ ଯାଞ୍ଚ କରାଯାଇ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି । ସଭାପତି ପଦ ପାଇଁ ଶୁଭ ସମ୍ବିତ ସାହୁ, ସ୍ୱର୍ଣ୍ଣପ୍ରଭା ଗଡ଼ନାୟକଙ୍କ ମଧ୍ୟରେ ସିଧାସଳଖ ମୁକାବିଲା ହେବାକୁ ଯାଉଛି । ସେହିପରି ସାଧାରଣ ସମ୍ପାଦକ ପଦ ପାଇଁ ଉପେନ୍ଦ୍ର ନାୟକ ସ୍ୱାଗତିକା ବାଇ, ଉପସଭାପତି ପଦ ପାଇଁ ଶକ୍ତି ସାହୁ ଓ ବିଦୁସ୍ମିତା ବେହେରା, ସାଂସ୍କୃତିକ ସମ୍ପାଦକ ପାଇଁ ସତ୍ୟଜିତ ଭୂତିଆ ଓ ଲିପା ସାହୁଙ୍କ ନାମାଙ୍କନ କାଏମ ରହିଛି । ଦୀର୍ଘବର୍ଷ ୮ ପରେ ନିର୍ବାଚନ ହେଉଥିବାରୁ କୌଣସି ଅପ୍ରୀତିକର ପରିସ୍ଥିତି କିମ୍ବା ଗଣ୍ଡଗୋଳ ଯେପରି ନ ଘଟେ, ସେଥିପାଇଁ କଲେଜ କର୍ତ୍ତୃପକ୍ଷ ଏବଂ ପରଜଙ୍ଗ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି ।

ସକାଳ
THE SAKALA



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୬.୬୩ ● ପାଉଣ୍ଡ ୧୨୭.୯୦
- ୟୁରୋ ୧୦୮.୫୦ ● ୟେନ୍ ୦.୬୧

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୩୮,୮୦୦ (ଭୁବନେଶ୍ୱର)
- ରୁପା : ୨,୪୫,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ 77,472.00
- ନିଫ୍ଟି 22,590.00



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦



## ସିଜେପି ବିକ୍ଷୋଭ ରୋକିବା ପ୍ରୟାସରେ ଦିଲ୍ଲୀ ଅଚଳ

# ଦୁଇ ହଜାର କୋଟିର କାରବାର ଠପ୍

ନୂଆଦିଲ୍ଲୀ,୧୦।୧୦(ଏଜେନ୍ସି): ଦିଲ୍ଲୀରେ କକ୍ରୋଚ ଜନତା ପାର୍ଟି (ସିଜେପି)ର ବିକ୍ଷୋଭ ପ୍ରଦର୍ଶନକୁ ନଜରରେ ରଖି କେନ୍ଦ୍ର ସରକାର ରାଜଧାନୀରେ କଠୋର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଦିଲ୍ଲୀର ୪୫ଟି ମେଟ୍ରୋ ଷ୍ଟେସନକୁ ବନ୍ଦ କରାଯାଇଛି। ଏଥିଯୋଗୁ ଖାନ୍ ମାର୍କେଟ୍ , ସଦର ବଜାର, ଚାନ୍ଦନୀ ଚୌକ, ଚାଓ୍ୱରୀ ବଜାର, କନଟ୍ ପ୍ଲେସ୍, କାରୋଲ ବାଗ, ଲାଜପତ ରାୟ ମାର୍କେଟ୍ ଏବଂ ଭାଗୀରଥ ପ୍ଲେସ୍ ସମେତ ଦିଲ୍ଲୀର ପ୍ରମୁଖ ବଜାରଗୁଡ଼ିକରେ ଶନିବାର ବ୍ୟବସାୟୀମାନେ ଦୋକାନ ବଜାର ବନ୍ଦ କରିବାକୁ ବାଧ୍ୟ ହୋଇଥିଲେ। କେବଳ ଏଥିକି ନୁହେଁ ଦିଲ୍ଲୀରେ ଆଜି ବଡ଼ା ସୁରକ୍ଷା କାରଣରୁ ହୋଟେଲ, ରେସ୍ତୋରାଁ ଏବଂ ସିନେମା ହଲ୍ ଗୁଡିକ ବୁକିଂ ବାତିଲ୍ କରିଛନ୍ତି। ଏଥିଯୋଗୁ ଯୋଗୁଁ ବ୍ୟବସାୟୀମାନେ ପ୍ରାୟ ୨୦୦୦ କୋଟି ଟଙ୍କାର ବ୍ୟବସାୟିକ କ୍ଷତି ସହିଥିବା ଅନୁମାନ କରାଯାଉଛି। ଅପରପକ୍ଷେ ୫୦ରୁ ଅଧିକ ଟ୍ରେନ୍ ବାତିଲ୍ ଯୋଗୁ ବିମାନ ଭଡ଼ା ଦ୍ୱିଗୁଣ ହୋଇଯାଇଛି।





- ପେଟ୍ରୋଲ ପମ୍ପ ବନ୍ଦ
- ଟ୍ରେନ୍ ବାତିଲ ଯୋଗୁ ବିମାନ ଭଡ଼ା ଦ୍ୱିଗୁଣିତ
- ହୋଟେଲ, ରେସ୍ତୋରାଁ, ସିନେମା ହଲ୍ ପାଇଁ ବୁକିଂ ବାତିଲ

ସରକାରଙ୍କ କଡ଼ା ସୁରକ୍ଷା ବ୍ୟବସ୍ଥାରେ ପ୍ରବଳ ବିକ୍ଷୋଭ ଆଶଙ୍କାରେ ରାଜଧାନୀର ଅନ୍ୟ ବଜାରଗୁଡ଼ିକରେ ମଧ୍ୟ ବ୍ୟବସାୟ କାରବାର ପ୍ରାୟ ଶୂନ୍ୟ ରହିଥିଲା। ରାଜ୍ୟ ବାହାରୁ ପ୍ରତିଦିନ ୩ରୁ ୪ ଲକ୍ଷ ଲୋକ ଖରିଦାରି ପାଇଁ ଦିଲ୍ଲୀ ଆସିଥାନ୍ତି। ଆଜି ସେମାନେ କାରବାର ବାତିଲ୍ କରିଛନ୍ତି। ସୁରକ୍ଷା ଏବଂ ଟ୍ରାଫିକ୍ ଜାମ୍ ଭୟରେ, ଦିଲ୍ଲୀବାସୀ ମଧ୍ୟ ଆଜି କୌଣସି ଖରିଦାରିରୁ ନିବୃତ୍ତ ରହିଥିଲେ। ଅଧିକାଂଶ ପ୍ରମୁଖ ମେଟ୍ରୋ ଷ୍ଟେସନ୍ ବନ୍ଦ ରହିଛି, ଯାହା ଫଳରେ ଯାତାୟାତ ବାଧାପ୍ରାପ୍ତ ହେଉଛି। ପେଟ୍ରୋଲ୍ ପମ୍ପଗୁଡ଼ିକ ମଧ୍ୟ ବନ୍ଦ ରହିଥିଲା। ହୋଟେଲ୍, ରେସ୍ତୋରାଁ, ସିନେମା ହଲ୍, ବିଉଟି ପାର୍ଲର ଏବଂ ସେଲୁନ୍‌ରେ ବୁକିଂ ବାତିଲ କରାଯାଇଛି। ଏହି ସମୟରେ, ଖାନ ମାର୍କେଟ୍ ବ୍ୟବସାୟୀ ସଂଘର ସଭାପତି ସଞ୍ଜୀବ ମେହରା କହିଛନ୍ତି ଯେ ସେମାନେ ସ୍ୱେଚ୍ଛାକୃତ ଭାବରେ ବଜାର ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଯେତେବେଳେ ପ୍ରତିବାଦକାରୀମାନଙ୍କୁ ନିକଟରେ ଅଟକାଯାଏ ସେତେବେଳେ ଖାନ ମାର୍କେଟ୍ ପ୍ରଥମେ ପ୍ରଭାବିତ ହୋଇଥାଏ। ଏଥିରେ ଦୋକାନ ଏବଂ ସମ୍ପତ୍ତିର କ୍ଷତି ହେବାର ଆଶଙ୍କା ବଢ଼ିଥାଏ। ଗୋଟିଏ ଦିନ କାବରାର ବନ୍ଦ ହେବା ଦ୍ୱାରା ପ୍ରତି ଦୋକାନ ପିଛା ୧ରୁ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କ୍ଷତି ହୋଇଥାଏ। ଫଳମୂଳ ଏବଂ କିରାଣା ଭଳି ନଷ୍ଟ ହେଉଥିବା ଜିନିଷ କ୍ଷତିକୁ ଆହୁରି ବଢ଼ାଇ ଦିଏ।

ଏସବୁ ବ୍ୟତୀତ ଏହି କଟକଣା ଲାଗୁ ଯୋଗୁ ଦିଲ୍ଲୀକୁ ଏବଂ ସେଠାରୁ ବିଭିନ୍ନ ଗନ୍ତବ୍ୟ ସ୍ଥଳକୁ ଯାଉଥିବା ଅନେକ ଟ୍ରେନ୍ ବାତିଲ କରାଯାଇଛି। ଏହା ଫଳରେ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରକୁ ଏବଂ ସେଠାରୁ ଶେଷ ମୁହୂର୍ତ୍ତରେ ବିମାନ ବୁକିଂ ବୃଦ୍ଧି ପାଇଛି। କିଛି ରୁଟରେ ବିମାନ ଭଡ଼ା ଆକାଶଛୁଆଁ ହୋଇଛି। ଏପରିକି ବିଭିନ୍ନ ରୁଟ୍‌ରେ ବିମାନ ଭଡ଼ା ଦ୍ୱିଗୁଣ ହୋଇଯାଇଛି। ଯଦି ପ୍ରତିବାଦ ଏବଂ ଯାତାୟାତ ଉପରେ କଟକଣା ଦୀର୍ଘ ସମୟ ପର୍ଯ୍ୟନ୍ତ ଜାରି ରହେ, ତେବେ ବିମାନ ଭଡ଼ା ଆହୁରି ବୃଦ୍ଧି ପାଇପାରେ। କେବଳ ଶନିବାର ପାଇଁ ବାରାଣସୀ-ଦିଲ୍ଲୀ ରୁଟରେ ସ୍ୱଟ୍ ଭଡ଼ା ଏକ ମାସ ପୂର୍ବେ ତୁଳନାରେ ୧୫% ଅଧିକ ରହିଛି। ଏ ପର୍ଯ୍ୟନ୍ତ, ବିମାନ ଚାହିଦାରେ କୌଣସି ଉଲ୍ଲେଖନୀୟ ବୃଦ୍ଧି ହୋଇନାହିଁ। ଶନିବାର ପାଇଁ ଓଟିଏ ସାଇଟଗୁଡ଼ିକରେ ବାରାଣସୀ-ଦିଲ୍ଲୀ ପାଇଁ ଏକପାଖିଆ ଭଡ଼ା ୬୨୦୦ ରୁ ୧୪,୦୦୦ ଟଙ୍କା ପର୍ଯ୍ୟନ୍ତ ଥିଲା, ଯାହା ସାଧାରଣ ଅପେକ୍ଷା ଅଧିକ। ଏହି ସମୟରେ, ଶୁକ୍ରବାର ଅମୃତସରରୁ ବିମାନ ଭଡା ଦ୍ରୁତ ଗତିରେ ବୃଦ୍ଧି ପାଇଛି। କିଛି ବିମାନ ଭଡ଼ା ୮୦୦୦ ଟଙ୍କାରେ ପହଞ୍ଚିଛି, ଯେତେବେଳେ କି ସାଧାରଣ ଏକ-ପାଖ ଭଡା ପ୍ରାୟ ୪୦୦୦ ଟଙ୍କା। ଶନିବାର ଦିନ ଲୁଧିଆନାରୁ ନୂଆଦିଲ୍ଲୀ ବିମାନ ଭଡା ୧୨୯୮୭ ଟଙ୍କାକୁ ବୃଦ୍ଧି ପାଇଥିଲା।

## ଖାଲି ହେଉଛି ବୈଦେଶିକ ମୁଦ୍ରା ଭଣ୍ଡାର

### ୧୨ ବିଲିଅନ ଡଲାର ହ୍ରାସ,କମୁଛି ଗଚ୍ଛିତ ସୁନା !

ନୂଆଦିଲ୍ଲୀ,୧୦।୧୦(ଏଜେନ୍ସି): ସମ୍ପ୍ରତି ଦେଶ ଏକ ବଡ଼ ସଙ୍କଟ ଦେଇ ଗତି କରୁଛି। ବଜାର ଦର ବଢୁଛି, ଶେୟାର ବଜାର ଖସୁଛି। ମହଙ୍ଗା ଆମଦାନୀ ଯୋଗୁ ଉଭୟ ସୁନା ଓ ବୈଦେଶିକ ମୁଦ୍ରା ଭଣ୍ଡାର ଧୀରେ ଧୀରେ ଖାଲି ହେବାରେ ଲାଗିଛି। ଶୁକ୍ରବାର ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ଜାରି ହୋଇଥିବା ନୂଆ ରିପୋର୍ଟରେ ଏଭଳି କିଛି ସୂଚନା ଦିଆଯାଇଛି।

ଆର୍‌ବିଆଇ ରିପୋର୍ଟ ଅନୁଯାୟୀ, ଅକ୍ଟୋବର ୨ରେ ଶେଷ ହୋଇଥିବା ସପ୍ତାହରେ ଭାରତର ବିଦେଶୀ ମୁଦ୍ରା ଭଣ୍ଡାର ୧୨.୯୫ ବିଲିୟନ ଡଲାର ହ୍ରାସ ପାଇ





୭୩୪.୬୦ ବିଲିୟନ ଡଲାରକୁ ଖସିଆସିଛି। ବିଦେଶୀ ମୁଦ୍ରା ସମ୍ପତ୍ତି ଏବଂ ସ୍ୱର୍ଣ୍ଣ ଭଣ୍ଡାରରେ ହ୍ରାସ ଯୋଗୁ ଫୋରେକ୍ସ ରିଜର୍ଭ କମିଥିବା ଆର୍‌ବିଆଇ କହିଛି। ଏହାର ପୂର୍ବ ସପ୍ତାହରେ ମଧ୍ୟ ଭାରତର ବିଦେଶୀ ମୁଦ୍ରା ଭଣ୍ଡାରରେ ହ୍ରାସ ଦେଖିବାକୁ ମିଳିଥିଲା। ସେପ୍ଟେମ୍ବର ୨୫ରେ ଶେଷ ହୋଇଥିବା ସପ୍ତାହରେ ବିଦେଶୀ ମୁଦ୍ରା ଭଣ୍ଡାର ୧୮.୩୪ ବିଲିୟନ ଡଲାର ହ୍ରାସ ପାଇ ୭୪୭.୫୬ ବିଲିୟନ ଡଲାର ରହିଥିଲା। ତେବେ ସେପ୍ଟେମ୍ବର ମାସରେ ଭାରତର ବିଦେଶୀ ମୁଦ୍ରା ଭଣ୍ଡାର ଭଲ ପ୍ରଦର୍ଶନ କରିଥିଲା। ସେପ୍ଟେମ୍ବର ୪ରେ ଶେଷ ହୋଇଥିବା ସପ୍ତାହରେ ଫରେକ୍ସ ରିଜର୍ଭ ୭୮୫.୭୦ ବିଲିଅନ ଡଲାରର ସର୍ବକାଳୀନ ସର୍ବୋଚ୍ଚ ସ୍ତରରେ ଛୁଇଁଥିଲା। ପ୍ରବାସୀ ଭାରତୀୟଙ୍କ ଠାରୁ ହୋଇଥିବା ପ୍ରବଳ ନଗଦ ପ୍ରବାହ ଯୋଗୁ ଏହି ଫରେକ୍ସ ରିଜର୍ଭ ବଢ଼ିଥିଲା।

ଶୁକ୍ରବାର ଆର୍‌ବିଆଇ ଜାରି କରିଥିବା ସଦ୍ୟତମ ତଥ୍ୟ ଅନୁସାରେ ଅକ୍ଟୋବର ୨ରେ ଶେଷ ହୋଇଥିବା ସପ୍ତାହ ପାଇଁ ବିଦେଶୀ ମୁଦ୍ରା ସମ୍ପତ୍ତି ୧୦.୬୬ ବିଲିୟନ୍ ଡଲାର୍ କମି ୬୦୪.୭୪ ବିଲିୟନ୍ ଡଲାର୍‌କୁ ହ୍ରାସ ପାଇଛି। କେବଳ ବିଦେଶୀ ମୁଦ୍ରା ଭଣ୍ଡାର ନୁହେଁ ସପ୍ତାହ ମଧ୍ୟରେ ଦେଶର ସୁନା ଭଣ୍ଡାରରେ ମଧ୍ୟ ବଡ଼ ହ୍ରାସ ଦେଖିବାକୁ ମିଳିଛି।

## ନିଦ ହଜାଇଲାଣି ମୁଦ୍ରା ମୂଲ୍ୟରେ ହ୍ରାସ

# ଶହେ ସ୍ତର ଛୁଇଁବ ଟଙ୍କା

### ଡଲାର, ତେଲ, ବଣ୍ଡ, ଏଫ୍‌ଆଇଆଇ ଚାପ

ନୂଆଦିଲ୍ଲୀ,୧୦।୧୦(ଏଜେନ୍ସି): ସମ୍ପ୍ରତି ଦେଶରେ କକ୍ରୋଚ ଜନତା ପାର୍ଟି (ସିଜେପି) ଆନ୍ଦୋଳନ ଯୋଗୁ ସରକାର ହରଡଘଣାରେ ପଡିଥିବାବେଳେ ଏବେ ଆଉ ଏକ ବଡ଼ ଚିନ୍ତା ସରକାରଙ୍କ ନିଦ ହଜାଇଲାଣି। ଭାରତୀୟ ମୁଦ୍ରା 'ଟଙ୍କା' ସମ୍ପ୍ରତି ଆମେରିକୀୟ ଡଲାର ତୁଳନାରେ ବହୁତ ହ୍ରାସ ପାଇବାରେ ଲାଗିଛି। ଏପରି ସ୍ଥିତି ଜାରି ରହିଲେ , ଖୁବ୍ ଶୀଘ୍ର ଏହା ୧୦୦ ଟଙ୍କା ସ୍ତର ଛୁଇଁଯିବ। ଟଙ୍କାର ହ୍ରାସର ଅନେକ କାରଣ ଅଛି। ଏଥିରେ ଡଲାରର ଶକ୍ତିଶାଳୀ ହେବା, ତୈଳ ମୂଲ୍ୟରେ ବୃଦ୍ଧି, ଭାରତୀୟ ବଜାରରୁ ବିଦେଶୀ ନିବେଶକଙ୍କ ବିକ୍ରି ଏବଂ ଆମେରିକୀୟ ଟ୍ରେଜେରୀ ଇଲ୍ଡରେ ବୃଦ୍ଧି ଅନ୍ତର୍ଭୁକ୍ତ। ଶୁକ୍ରବାର ଆମେରିକୀୟ ମୁଦ୍ରା ତୁଳନାରେ ଟଙ୍କା ୧୭ ପଇସା ବୃଦ୍ଧି ପାଇ ପ୍ରତି ଡଲାର ୯୬.୭୧ ଟଙ୍କାରେ ବନ୍ଦ ହୋଇଛି। ତଥାପି, ସାମ୍ପ୍ରତିକ ହ୍ରାସକୁ ଦୃଷ୍ଟିରେ ରଖି ଏହା ବିଶ୍ୱାସ କରାଯାଉଛି ଯେ ଆଗାମୀ ଦିନରେ ଟଙ୍କା ୧୦୦ ସ୍ତରକୁ ଖସିଯାଇପାରେ। ତେବେ ଏଠାରେ ପ୍ରଶ୍ନ ହେଉଛି, ଭାରତର ଦୃଢ଼ ପୁଞ୍ଜି ଆକର୍ଷଣ କ୍ଷମତା ସତ୍ତ୍ୱେ ନିବେଶକମାନେ ଟଙ୍କାର ବିନିମୟ ମୂଲ୍ୟରେ ଆହୁରି ହ୍ରାସ କାହିଁକି ?



ଅନେକ ବିଶ୍ଳେଷକ ହେଜିଂ ପ୍ୟାଟର୍ଣ୍ଣ ଏବଂ ମୁଦ୍ରା ଆକଳନ ଆଧାରରେ ଟଙ୍କା ଉପରେ ଆହୁରି ଚାପ ପଡ଼ିବ ବୋଲି ପୂର୍ବାନୁମାନ କରୁଛନ୍ତି। ଟଙ୍କା ଉପରେ ଚାପର ଏକ ପ୍ରମୁଖ କାରଣ ଅଶୋଧିତ ତୈଳର ମୂଲ୍ୟ। ଭାରତ ଏହାର ପ୍ରାୟ ୯୦% ଅଶୋଧିତ ତୈଳ ଆମଦାନୀ କରେ, ତେଣୁ ତୈଳ ମୂଲ୍ୟରେ ନିରନ୍ତର ବୃଦ୍ଧି ବାଣିଜ୍ୟ ସନ୍ତୁଳନକୁ ଖରାପ କରେ ଏବଂ ଡଲାରର ଚାହିଦା ବୃଦ୍ଧି କରେ। ଅଶୋଧିତ ତୈଳ ମୂଲ୍ୟରେ ୧ ଡଲାର ବୃଦ୍ଧି ଭାରତର ବାର୍ଷିକ ଆମଦାନୀ ବିଲ୍ ପ୍ରାୟ ୧୮,୦୦୦ କୋଟି ଟଙ୍କା ବୃଦ୍ଧି କରେ। ତୈଳ ମୂଲ୍ୟ ସହିତ ଡଲାରର ସୁଦୃଢ଼ତା, ଆମେରିକୀୟ ବଣ୍ଡ ଇଲ୍ଡ ଏବଂ ବିଦେଶୀ ପ୍ରବାହ ଏକକାଳୀନ ଟଙ୍କା ଉପରେ ଚାପ ସୃଷ୍ଟି କରୁଛି।

ବ୍ୟାଙ୍କ ଅଫ୍ ବରୋଦାର ମୁଖ୍ୟ ଅର୍ଥନୀତିଜ୍ଞ ମଦନ ସବନଭିସ୍ କହିଛନ୍ତି ଯେ ଟଙ୍କା ମୂଲ୍ୟରେ ଆସନ୍ତା ବର୍ଷ ଆଉ ୩-୪% ହ୍ରାସ ପାଇପାରେ। ସେ ଚେତାବନୀ ଦେଇଛନ୍ତି ଯେ ଏହା ମୁଦ୍ରାସ୍ଫୀତି ବୃଦ୍ଧି କରିବ।

## ବ୍ରହ୍ମପୁରରେ ଆଦିତ୍ୟ ବିର୍ଲା ହାଉସିଂ ଫାଇନାନ୍ସର ନୂତନ ଶାଖା

ଭୁବନେଶ୍ୱର,୧୦।୧୦(ସମିସ):ଆଦିତ୍ୟ ବିର୍ଲା ହାଉସିଂ ଫାଇନାନ୍ସ ଲିମିଟେଡ (ଏବିଏଚଏଫଏଲ) ପକ୍ଷରୁ ବ୍ରହ୍ମପୁରଠାରେ ଏକ ନୂତନ ଶାଖାର ଶୁଭାରମ୍ଭ କରାଯାଇଛି। ଏହି ନୂତନ ଶାଖା ସହିତ ଓଡିଶାରେ ଏବିଏଚଏଫଏଲର ମୋଟ ନେଟ୍‌ୱର୍କ ସଂଖ୍ୟା ୪କୁ ବୃଦ୍ଧି ପାଇଛି ଯାହା ଉଚ୍ଚ ଅଭିବୃଦ୍ଧିଶୀଳ ବଜାରଗୁଡିକରେ ଏହାର ଉପସ୍ଥିତି ମଜବୁତ କରିବା ସହ ଗ୍ରାହକଙ୍କ ପାଇଁ ସେବା ଉପଲବ୍ଧତା ବୃଦ୍ଧି କରିବ। ଏହି ସମ୍ପ୍ରସାରଣ ସମ୍ପର୍କରେ ଆଦିତ୍ୟ ବିର୍‌ଲା ହାଉସିଂ ଫାଇନାନ୍ସ ଲିମିଟେଡର ଏମଡି ଓ ସିଇଓ ପଙ୍କଜ ଗଡଗିଲ କହିଛନ୍ତି, ଓଡିଶା ଆମ ପାଇଁ ଏକ ପ୍ରମୁଖ ଅଭିବୃଦ୍ଧି ବଜାର। ମଜବୁତ ଚାହିଦା ଓ ବଢୁଥିବା ଆକାଂକ୍ଷା ସହିତ ଆମେ ଗ୍ରାହକ ସମ୍ପୃକ୍ତିକୁ ବ୍ୟାପକ କରିବା ପାଇର୍ ଅଂଚଳରେ ଆମର ଉପସ୍ଥିତି ବିସ୍ତାର କରିଛୁ। ଆମର ବର୍ଦ୍ଧିତ ବିତରଣ ନେଟ୍‌ୱର୍କ ସହ ମଜବୁତ ଡିଜିଟାଲ କ୍ଷମତାକୁ ଏକତ୍ରିତ କରି ଆମେ ଗ୍ରାହକଙ୍କ ପାଇଁ ଘର କିଣିବା ଯାତ୍ରାକୁ ସରଳ, ଦ୍ରୁତ ଓ ବାଧାମୁକ୍ତ କରିବା ପାଇଁ ଲକ୍ଷ୍ୟ ରଖିଛୁ।

## ଆଇଫୋନ୍ ୧୮ ପ୍ରୋ କିଣିବାକୁ ମୁହଁ ଫେରେଇଲେ ଗ୍ରାହକ

ନୂଆଦିଲ୍ଲୀ,୧୦।୧୦: ନୂଆ କରି ଲଞ୍ଚ ହୋଇଥିବା ଆଇଫୋନ ୧୮ପ୍ରୋ ମ୍ୟାକ୍ସ ଗ୍ରାହକଙ୍କ ମୁଣ୍ଡବଥାର କାରଣ ପାଲଟିଛି। ଆଇଫୋନ୍ ୧୮ ପ୍ରୋ ଓ ଆଇଫୋନ୍ ୧୮ ପ୍ରୋ ମ୍ୟାକ୍ସର ଚାହିଦା ଆଶାଠାରୁ କମ୍ ରହିଥିବାରୁ ଆପଲ୍ କିଛି ଯୋଗାଣକାରୀଙ୍କୁ ଉତ୍ପାଦନ ପାଇଁ ଆବଶ୍ୟକ ଉପାଦାନର ଅର୍ଡର କମାଇବାକୁ କହିଥିବା ଖବର ସାମ୍ନାକୁ ଆସିଛି। ରିପୋର୍ଟ ଅନୁସାରେ ଅକ୍ଟୋବର ମାସ ପାଇଁ ଏହି ଦୁଇ ମଡେଲ୍ ଉପାଦାନର ଅର୍ଡର ପ୍ରାୟ ୧୫ରୁ ୨୦ ପ୍ରତିଶତ କମାଯାଇଛି। ମେମୋରି ଚିପ୍ ର ଦାମ୍ ବୃଦ୍ଧି ଏବଂ ନୂଆ ଫୋନ୍‌ର ଅଧିକ ମୂଲ୍ୟ ଯୋଗୁଁ ଗ୍ରାହକଙ୍କ ଚାହିଦା ପ୍ରଭାବିତ ହୋଇଛି। ଆପଲ୍‌ର ଆଇଫୋନ୍ ୧୮ ପ୍ରୋ ଏବଂ ପ୍ରୋ ମ୍ୟାକ୍ସ ମଡେଲ୍ର ଦାମ୍ ପୂର୍ବ ମଡେଲ୍ ତୁଳନାରେ ୧୦୦ ଡଲାର ଅଧିକ ରହିଛି।

## ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ହିନ୍ଦୀ ଦିବସ



ଭୁବନେଶ୍ୱର,୧୦।୧୦(ସମିସ): ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆଞ୍ଚଳିକ କାର୍ଯ୍ୟାଳୟ, ଭୁବନେଶ୍ୱର ପକ୍ଷରୁ ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି (ବ୍ୟାଙ୍କ ଏବଂ ବୀମା) ଭୁବନେଶ୍ୱରଙ୍କ ତତ୍ତ୍ୱାବଧାନରେ ହିନ୍ଦୀ ଦିବସ ୨୦୨୬ ଅବସରରେ ୯ ଅକ୍ଟୋବରରେ ଏକ ଭବ୍ୟ ହିନ୍ଦୀ କବିତା ପାଠ ଓ ଭାଷଣ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଭୁବନେଶ୍ୱର ସହର ଅନ୍ତର୍ଗତ ସମସ୍ତ ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି, ଭୁବନେଶ୍ୱର (ବ୍ୟାଙ୍କ ଏବଂ ବୀମା)ର ବନବିହାରୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ମୁଖ୍ୟ ସଞ୍ଜୀବ ରଞ୍ଜନ ସହାୟ , ଉପ-ଆଞ୍ଚଳିକ ମୁଖ୍ୟ ଏବଂ ଆଞ୍ଚଳିକ ଆସ୍ୟୁରାନ୍ସ ମୁଖ୍ୟ ଶଙ୍କର ହେମ୍ବ୍ରମ,ଆଞ୍ଚଳିକ ଜ୍ଞାନାର୍ଜନ କେନ୍ଦ୍ର ପ୍ରଭାରୀ ଅଞ୍ଜନୀ କୁମାର, ରାଜଭାଷା ଅଧିକାରୀ ସୁଧିର ପ୍ରସାଦ ଏବଂ ଅଜୟ ପ୍ରସାଦ ଉପସ୍ଥିତ ଥିଲେ।

## ସ୍ପର୍ଶ ହସ୍ପିଟାଲ୍ସରେ କାର୍ଡିଓଥୋରାସିକ୍ ଓଟିର ଶୁଭାରମ୍ଭ

ଭୁବନେଶ୍ୱର, ୧୦।୧୦(ସମିସ): ଭୁବନେଶ୍ୱର ସ୍ଥିତ ସ୍ପର୍ଶଗ୍ରୁପ୍ ଅଫ୍ ହସ୍ପିଟାଲ୍ସ ଏକ ଏଆଇ-ସକ୍ଷମ କ୍ୟାଥ୍‌ଲ୍ୟାବ୍, ରୋବୋଟିକ୍ ସର୍ଜିକାଲ ସିଷ୍ଟମ୍ (ଏସ୍‌ଏସ୍‌ଆଇ ମନ୍ତ୍ର-୩) ଏବଂ ଏକ ଉନ୍ନତ କାର୍ଡିଓଥୋରାସିକ୍ ଅପରେସନ୍ ଥିଏଟର୍ (ଓଟି)ର ଶୁଭାରମ୍ଭ କରି ସ୍ୱାସ୍ଥ୍ୟ ସେବାରେ ପରବର୍ତ୍ତୀ ପିଢ଼ିର ପ୍ରଯୁକ୍ତି ଆଡ଼କୁ ନିଜର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସ୍ଥାପନ କରିଛି। ଭୁବନେଶ୍ୱରରେ ଏକ କାର୍ଯ୍ୟକ୍ରମରେ ଏହି ଅତ୍ୟାଧୁନିକ ସୁବିଧାଗୁଡ଼ିକର ଉଦ୍‌ଘାଟନ କରାଯାଇଥିଲା। ଏଥିରେ ବରିଷ୍ଠ ଡାକ୍ତର, ସ୍ୱାସ୍ଥ୍ୟସେବା ଅଭିଜ୍ଞତା, କର୍ପୋରେଟ୍





ପ୍ରତିନିଧି, ସାମାଜିକ କ୍ଷେତ୍ରର ପ୍ରତିନିଧି ଏବଂ ଗଣମାଧ୍ୟମ ସଂସ୍ଥାର ପ୍ରତିନିଧିମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର ମାନ୍ୟବର କୁଳପତି ପ୍ରଫେସର ଡା.ମାନସ ରଞ୍ଜନ ସାହୁ ଉଦ୍‌ଘାଟନ କରିଥିଲେ। ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲର ହୃଦ୍‌ରୋଗ ବିଭାଗର ନିର୍ଦ୍ଦେଶକ ଡା. ପ୍ରଭାତ କୁମାର ଦାଶ ଏବଂ ଭୁବନେଶ୍ୱରସ୍ଥିତ କେୟାର ହସ୍ପିଟାଲର କ୍ଲିନିକାଲ ନିର୍ଦ୍ଦେଶକ ତଥା ହୃଦ୍‌ରୋଗ ବିଭାଗର ମୁଖ୍ୟ ଡା. ମହେନ୍ଦ୍ର ପ୍ରସାଦ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ପଟିଆରେ କ୍ୟାରେଟଲେନ୍‌ର ୩୭୪ତମ ଷ୍ଟୋର



ଭୁବନେଶ୍ୱର, ୧୦।୧୦(ସମିସ): ଗହଣା ବ୍ରାଣ୍ଡ 'କ୍ୟାରେଟଲେନ୍' ପଟିଆରେ ଏହାର ୩୭୪ତମ ଷ୍ଟୋର ଖୋଲିଛି। ନୂତନ ଷ୍ଟୋର କୋଇ-ଟ୍ରେନ୍ଂ ସେରିମନି ପରମ୍ପରା ସହ ଉଦ୍‌ଘାଟିତ ହୋଇଯାଇଛି। ନୂଆ ଷ୍ଟୋରରେ ଉଭୟ ଷ୍ଟଡେଜ୍ ଏବଂ ଅନ୍‌ଷ୍ଟଡେଡ୍ ଡିଜାଇନ୍‌ର ବ୍ୟାପକ ରେଞ୍ଜ ରହିଛି। ଏଥିମଧ୍ୟରେ ରହିଛି ବଟର ଫ୍ଲାଏ, ଅରଣ୍ୟ ଏବଂ ଓମ୍ବ୍ରେ ଭଳି କଲେକ୍ସନ। ଷ୍ଟୋରରେ ଆହୁରି ମଧ୍ୟ କ୍ୟାରେଟଲେନ୍‌ର କୌତୁକିଆ ଆଇପି ସହଯୋଗିତା ଯେପରି ଫେଣ୍ଟ୍ସ, ଡିଜ୍‌ନି, ହ୍ୟାରୀ ପୋଟର ଏବଂ ପେପା ପିଗ୍ ଭଳି ସମ୍ଭାର ରହିଛି। ଗ୍ରାହକ ବିଭିନ୍ନ ଲୋକପ୍ରିୟ ବର୍ଗ ଯେପରି ଆଧୁନିକ ମଙ୍ଗଳସୂତ୍ର, ନିରଦିନ ବ୍ୟବହାର ପାଇଁ ଉଦ୍ଦିଷ୍ଟ କାନଫୁଲ, କଟେଲ ରିଙ୍ଗ, ପିଲାଙ୍କ ଗହଣା ଏବଂ ଉପହାରର ବିସ୍ତୃତ ସମ୍ଭାର ପାଇବେ।

## ନୂଆ ହୋଣ୍ଡା ଏଲିଭେଟ୍‌ର ଶୁଭାରମ୍ଭ

ମୁମ୍ବଇ,୧୦।୧୦: ହୋଣ୍ଡା କାରସ୍ ଇଣ୍ଡିଆ ଲିମିଟେଡ୍ (ଏଚ୍‌ସିଆଇଏଲ୍) ପକ୍ଷରୁ ଆଜି ଏହାର ନୂଆ ହୋଣ୍ଡା ଏଲିଭେଟ୍‌ର ଶୁଭାରମ୍ଭ କରାଯାଇଛି। ଏହି କାରଟି ଅଧିକ ଆକର୍ଷଣୀୟ ଲୁକ ସହିତ ଉନ୍ନତ ଆରାମ, ନୂଆ ଯୁଗର ଫିଚର୍ସ ସହ ଉନ୍ନତ ଡ୍ରାଇଭିଂ ସୁବିଧା ପ୍ରଦାନ କରୁଛି। ଏହାର ବାହ୍ୟ ଭାଗରେ ନୂଆ ମେଶ୍ ଗ୍ରିଲ୍, ଟ୍ରାଇ-ବାର୍ ଏଲଇଡି ଲାଇଟ୍, କନେକ୍ଟେଡ୍ ଟେଲ୍ ଲ୍ୟାମ୍ପ, ୧୭ ଇଞ୍ଚର ଡାଇମଣ୍ଡ-କଟ୍ ଆଲୟ ଏବଂ ଏକ ନୂତନ ନର୍ଡିକ୍ ଫରେଷ୍ଟ ପର୍ଲ ରଙ୍ଗ ବିକଳ୍ପ ସହିତ ଏକ ଦମଦାର ଲୁକ୍ ଦିଆଯାଇଛି। ନୂଆ ଏଲିଭେଟ୍‌ର ଦିଲ୍ଲୀସ୍ଥିତ ଏକ୍ସ-ଶୋରୁମ୍ ମୂଲ୍ୟ ମାନୁଆଲ୍ ଟ୍ରାନ୍ସମିଶନ୍‌ରେ ଏସ୍‌ଭି ଭାରିଆଣ୍ଟ ପାଇଁ ୧୧ ଲକ୍ଷ ୮୦ ହଜାର ଟଙ୍କା, ଭି ଭାରିଆଣ୍ଟ ପାଇଁ ୧୨ ଲକ୍ଷ ୨୯ ହଜାର ଟଙ୍କା, ଭିଏକ୍ସ ଭାରିଆଣ୍ଟ ପାଇଁ ୧୩ ଲକ୍ଷ ୯୩ ହଜାର ଟଙ୍କା, ଜେଡ୍‌ଏକ୍ସ ଭାରିଆଣ୍ଟ ପାଇଁ ୧୫ ଲକ୍ଷ ୩୯ ହଜାର ଟଙ୍କା, ଜେଡ୍‌ଏକ୍ସ ପ୍ଲସ୍ ଭାରିଆଣ୍ଟ ପାଇଁ ୧୬ ଲକ୍ଷ ୮୦ ହଜାର ଟଙ୍କା ଏବଂ ଜେଡ୍‌ଏକ୍ସ ପ୍ଲସ୍ ବ୍ଲାକ୍ ଭାରିଆଣ୍ଟ ପାଇଁ ୧୬ ଲକ୍ଷ ୯୦ ହଜାର ଟଙ୍କା ରହିଛି।

## ଆର୍ଥିକ ସ୍ଥିରତା ବୋର୍ଡ ସମୀକ୍ଷା ରିପୋର୍ଟ

# ରୁଗ୍‌ଣ ବ୍ୟାଙ୍କ ଉଦ୍ଧାର କରିବାରେ ଭାରତ ବିଫଳ

ନୂଆଦିଲ୍ଲୀ,୧୦।୧୦(ଏଜେନ୍ସି): ବିଶ୍ୱ ଆର୍ଥିକ ବ୍ୟବସ୍ଥା ଉପରେ ନଜର ରଖୁଥିବା ଏକ ଅନ୍ତର୍ଜାତୀୟ ସଂସ୍ଥା, ଆର୍ଥିକ ସ୍ଥିରତା ବୋର୍ଡ (ଏଫ୍‌ଏସ୍‌ବି) ଦ୍ୱାରା ଏକ ସମୀକ୍ଷା ରିପୋର୍ଟ ଭାରତୀୟ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ସମ୍ପର୍କରେ ଏକ ଚିନ୍ତାଜନକ ରିପୋର୍ଟ ପ୍ରକାଶ କରିଛି। ରିପୋର୍ଟ ଅନୁଯାୟୀ, ରୁଗ୍‌ଣ ବ୍ୟାଙ୍କ ଉଦ୍ଧାର କରିବାରେ ଭାରତ ବିଫଳ ହୋଇଛି। ଏଥିରେ ୧୯ ବିଫଳ ଦେଶ ତାଲିକାରେ ଭାରତ ସହ ଆର୍ଜେଣ୍ଟିନା ସ୍ଥାନ ପାଇଛି। ଭାରତ ସଙ୍କଟଗ୍ରସ୍ତ ଏବଂ ରୁଗ୍‌ଣ ବ୍ୟାଙ୍କଗୁଡ଼ିକୁ ତୁରନ୍ତ ଜରୁରୀକାଳୀନ ଲିକ୍ୟୁଡିଟି ପ୍ରବାହ କରିବା ପାଇଁ ଏକ ସାର୍ବଜନୀନ ବ୍ୟାକଷ୍ଟପ୍ ପାଣ୍ଠି ବ୍ୟବସ୍ଥା ପ୍ରତିଷ୍ଠା ପାଇଁ ଅନ୍ତର୍ଜାତୀୟ ମାନଦଣ୍ଡ ପୂରଣ କରିବାରେ ବିଫଳ ହୋଇଛନ୍ତି। ଏଫ୍‌ଏସ୍‌ବି ଦ୍ୱାରା ସମୀକ୍ଷା କରାଯାଇଥିବା ୧୯ ଟି ପ୍ରମୁଖ ଦେଶ ମଧ୍ୟରୁ ଅଧିକାଂଶରେ କରଦାତା ପାଣ୍ଠି ବ୍ୟବହାର କରି ଜାତୀୟକରଣ ନକରି ବିଫଳ ବ୍ୟାଙ୍କଗୁଡ଼ିକୁ ସୁରକ୍ଷିତ ଭାବରେ ବନ୍ଦ କରିବା କିମ୍ବା ବିକ୍ରି





କରିବା ପାଇଁ ଏକ ବିଶ୍ୱସନୀୟ ଜରୁରୀକାଳୀନ ପାଣ୍ଠି ବ୍ୟବସ୍ଥାର ଅଭାବ ଥିବା କୁହାଯାଇଛି। ଏଥିରେ କୌତୂହଳର ବିଷୟ ହେଉଛି, ଭାରତ ଏବଂ ଆର୍ଜେଣ୍ଟିନା ଏଫ୍‌ଏସ୍‌ବିର ସୁରକ୍ଷା ବ୍ୟବସ୍ଥା ପୂରଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ଜଣାପଡିଛି।

ଏହି ସମୀକ୍ଷାରୁ ମିଳିଥିବା ତଥ୍ୟ ଦର୍ଶାଉଛି ଯେ ସଙ୍କଟ ସମୟରେ ବ୍ୟାଙ୍କଗୁଡ଼ିକର ସୁବ୍ୟବସ୍ଥିତ ସମାଧାନ ପାଇଁ ସାର୍ବଜନୀନ ପାଣ୍ଠିର ସହାୟତା ନ ନେଇ

- ୧୯ଟି ବିଫଳ ଦେଶ ତାଲିକାରେ ଭାରତ ସାମିଲ
- ଜରୁରୀକାଳୀନ ପାଣ୍ଠି ପାଇଁ ବିଶ୍ୱ ମାନଦଣ୍ଡ ପୂରଣରେ ଅସଫଳ

କିମ୍ବା ଜାତୀୟକରଣର ବିପଦକୁ ଏଡାଇ ନ ଦେଇ ତନ୍ତ୍ରରେ ଗୁରୁତ୍ୱପୂର୍ଣ୍ଣ ଫାଙ୍କ ରହିଛି। ସମ୍ପୂର୍ଣ୍ଣ ଅନୁପାଳନକାରୀ ରାଷ୍ଟ୍ର ମଧ୍ୟରେ କେବଳ ଆମେରିକା, ୟୁକେ, ଜାପାନ ଏବଂ ହଂକଂ ଏଫ୍‌ଏସ୍‌ବିର ସୁପାରିଶଗୁଡ଼ିକୁ ସମ୍ପୂର୍ଣ୍ଣ ଅନୁପାଳନ କରିଥାନ୍ତି। ଆଂଶିକ ଅନୁପାଳନକାରୀ ଦେଶ ମଧ୍ୟରେ କାନାଡା, ମେକ୍ସିକୋ, ଦକ୍ଷିଣ ଆଫ୍ରିକା, ଦକ୍ଷିଣ କୋରିଆ ଏବଂ ସିଙ୍ଗାପୁରଲ ରହିଛି। ସମୀକ୍ଷା ଯାଞ୍ଚ କରିଥିଲା ଯେ ସରକାରୀ କର୍ତ୍ତୃପକ୍ଷମାନେ ଶେଷ ଉପାୟ ଭାବରେ ବ୍ୟାଙ୍କଗୁଡ଼ିକୁ ଅସ୍ଥାୟୀ ଜରୁରୀକାଳୀନ ପାଣ୍ଠି ଯୋଗାଇପାରିବେ କି ନାହିଁ, ଯେତେବେଳେ ବଜାରରେ ଲିକ୍ୟୁଡିଟିର ଅନ୍ୟ ସମସ୍ତ ଉତ୍ସ ସମାପ୍ତ ହୋଇଯାଇଥାଏ।ଏହି ବ୍ୟବସ୍ଥାର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ସଙ୍କଟଗ୍ରସ୍ତ ବ୍ୟାଙ୍କଗୁଡ଼ିକୁ ବିକ୍ରି କିମ୍ବା ବନ୍ଦ କରିବା ସହିତ ସେମାନଙ୍କର ଅତ୍ୟାବଶ୍ୟକୀୟ ଆର୍ଥିକ ସେବାଗୁଡ଼ିକୁ କାର୍ଯ୍ୟକ୍ଷମ ରଖିବା, ଯାହା ଦ୍ୱାରା ସାଧାରଣ କରଦାତାଙ୍କ କ୍ଷତିକୁ ସୀମିତ କରିବା।

## ଦୋଳମୁଣ୍ଡାଇରେ ଟ୍ରେଣ୍ଡସର ନବୀକୃତ ଷ୍ଟୋର





ଭୁବନେଶ୍ୱର,୧୦।୧୦(ସମିସ): ରିଲାଏନ୍ସ ରିଟେଲ ଟ୍ରେଣ୍ଡସର ସହ କଟକର ଦୋଳମୁଣ୍ଡାଇଠାରେ ଏହାର ନବୀକୃତ ଷ୍ଟୋର୍ ଉଦ୍‌ଘାଟେତ ହୋଇଯାଇଛି। ଏହି ଉତ୍ସବରେ ଅଭିନେତ୍ରୀ ମିସ୍ ଶିବାନୀ ସଙ୍ଗୀତା ଯୋଗ ଦେଇଥିଲେ। ଏହି ଟ୍ରେଣ୍ଡସ୍ ଷ୍ଟୋରରେ ଉନ୍ନତ ମାନର ଓ ଫ୍ୟାଶନେବୁଲ ମର୍ଚ୍ଚାଣ୍ଡାଇଜ୍‌ର ଏକ ଉତ୍ସାହଜନକ ଶୃଙ୍ଖଳା ସହ ସତେଜ ଓ ଆଧୁନିକ ପରିବେଶ ରହିଛି। ଟ୍ରେଣ୍ଡସ ମେଟ୍ରୋ, ମିନି ମେଟ୍ରୋ, ଟିୟର୧, ଟିୟର ୨ ଟାଉନଗୁଡିକରେ ଉପଭୋକ୍ତାଙ୍କ ସହ ସଂଯୋଜିତ ହୋଇ ଏବଂ ନିଜର ଉପସ୍ଥିତିକୁ ସୁଦୃଢ଼ କରିଛି। ଏହି ନବୀକୃତ ଷ୍ଟୋରର ଉଦ୍‌ଘାଟନୀ ଉତ୍ସବରେ ଗ୍ରାହକ ୩୪୯୯ ଟଙ୍କାର ସପିଂ କରି ୨୪୯ ଟଙ୍କାର ଏକ ଉତ୍ସାହଜନକ ଉପହାର ପାଇପାରିବେ ଏବଂ ୩୪୯୯ ଟଙ୍କା ଓ ତାହାଠାରୁ ଅଧିକ ମୂଲ୍ୟର କ୍ରୟ କରି ୧୫୦୦ ଟଙ୍କାର ଏକ କୁପନ ପାଇବେ।



# “ ଦର୍ଶକଙ୍କ ପସନ୍ଦର ଚରିତ୍ର ମୋ ଡ୍ରିମ୍‌ରୋଲ ”

ଲୋଟନ ଖଟେଇ, ଅଭିନେତା

**ମଞ୍ଚରେ ଜୀବନ୍ତ ଅଭିନୟ କରି ପ୍ରଶଂସିତ ହେବା ପରେ ଉଭୟ ଧାରାବାହିକ ଓ ଚଳଚ୍ଚିତ୍ରରେ ନିଜର ଭାଗ୍ୟ ପରୀକ୍ଷା କରିସାରିଛନ୍ତି ଯୁବ ଅଭିନେତା ଲୋଟନ ଖଟେଇ। ଜନ୍ମ ତାଙ୍କର ଶ୍ରୀକ୍ଷେତ୍ର ଧାମରେ ହେଲେ ପଶ୍ଚିମ ବଙ୍ଗ ସହିତ ରହିଛି ତାଙ୍କର ଘନିଷ୍ଠ ସମ୍ପର୍କ। ନାୟକ ଓ ଖଳନାୟକ ଉଭୟ ଭୂମିକାରେ ଅଭିନୟ କରି ସେ ନିଜ ପାଇଁ ଏକ ଭିନ୍ନ ପରିଚୟ ସୃଷ୍ଟି କରିପାରିଛନ୍ତି। ଧାରାବାହିକ ‘ସିନ୍ଦୂରର ଅଧିକାର’ରୁ ଡେବ୍ୟୁ କରି ପରେ ସେ ଓଲିଉଡ୍ ଇଣ୍ଡଷ୍ଟ୍ରିକୁ ଭେଟିଦେଇଛନ୍ତି ‘ମୁରବୀ’ ଭଳି ଲୋକପ୍ରିୟ ସିନେମା। ଚମତ୍କାର ଅଭିନୟରେ ଦର୍ଶକଙ୍କ ମନ ଜିଣୁଥିବା ଲୋଟନଙ୍କ ମୁହଁରୁ ଜାଣିବା ତାଙ୍କର ସଂଘର୍ଷର କାହାଣୀ।**

**ମଞ୍ଚ ଅଭିନେତା ହୋଇ ଧାରାବାହିକକୁ କାହିଁକି ଆପଣାଇଲେ?**

● ଭଲ କଳାକାର ହେବାର ଇଚ୍ଛା ଥିଲେ ବି ଉପଯୁକ୍ତ ପ୍ଲାଟ୍‌ଫର୍ମ ସମସ୍ତଙ୍କୁ ମିଳିପାରେନି। ମୁଁ ଜଣେ ମେକାନିକାଲ ଇଞ୍ଜିନିୟର। ଚାକିରି କରୁଥିଲି। ହେଲେ କଳାକାର ହେବାର ଆଗ୍ରହ ମୋତେ ଚାକିରି ଜୀବନରେ ବେଶୀ ଦିନ ବାନ୍ଧି ରଖିପାରିନଥିଲା। ୨୦୧୮ ମସିହାରେ ମୁମ୍ବାଇ ଯାଇ ମଞ୍ଚରେ ଯୋଗଦେଲି। କରୋନା ହେଲା, ଓଡ଼ିଶା ଫେରି ଆସି ପୁରୀର ‘ଅନ୍ନପୂର୍ଣ୍ଣା ଥିଏଟର’ରେ ମଞ୍ଚ ନାଟକ କଲି। ଧୀରେ ଧୀରେ ଲୋକସମ୍ପର୍କ ବଢ଼ିଲା। ଅଡିସନ୍ ପାଇଁ ପ୍ରସ୍ତୁତ ହେଲି। ସୌଭାଗ୍ୟବଶତଃ ‘ସିନ୍ଦୂରର ଅଧିକାର’ ଧାରାବାହିକରେ ‘ଡଲି’ ଭଳି ଏକ ଚମତ୍କାର ଚରିତ୍ର ମୋତେ ମିଳିଥିଲା। ସେହି ଚରିତ୍ରଟିକୁ ଆଜି ବି ମୋ ପାଇଁ ସ୍ମରଣୀୟ ହୋଇରହିଛି। ଏହା ସହିତ କିଛି ବିଜ୍ଞାପନରେ ମଧ୍ୟ କାମ କରିବାକୁ ସୁଯୋଗ କରିଛି।

**ଲାଇଟ୍, କ୍ୟାମେରା, ଆକ୍ସନ୍ ଅନୁସାରେ କାମ କରିବା ସହଜ ଥିଲା?**

● ଜଣେ କଳାକାର ପାଇଁ ଅଭ୍ୟାସ ହେଉଛି ସବୁକିଛି। ମଞ୍ଚରେ ଆମକୁ ଚରିତ୍ରକୁ କେମିତି ଜୀବନ୍ତ କରିବାକୁ ହୁଏ, ଟେକ୍ନିକାଲ ଜ୍ଞାନ ଆଦି ସବୁକିଛି ଶିଖାଯାଇଥାଏ। ତେଣୁ ଲାଇଟ୍, କ୍ୟାମେରା, ଆକ୍ସନ ସୂତ୍ରରେ କାମ କରିବାକୁ କଷ୍ଟ ହୋଇନଥିଲା।

**ଧାରାବାହିକରୁ ବଡ଼ ପରଦାର ଯାତ୍ରା କେମିତି ଥିଲା?**

● ‘ସିନ୍ଦୂରର ଅଧିକାର’ ପରେ ‘ଝିଅ ଆମର ନୂଆବୋହୂ’, ‘ସାଥିରେ’ ଆଦି ଅନେକ ଧାରାବାହିକରେ ଅଭିନୟ କରିଛି। ପଜିଟିଭ୍ ଆଉ ନେଗେଟିଭ୍ ଉଭୟ ଚରିତ୍ରକୁ ନିଖୁଣ ଭାବେ ଫୁଟାଇଛି। ପରବର୍ତ୍ତୀ ସମୟରେ ତରଙ୍ଗର ଟେଲିଫିଲ୍ମ ‘ଶାଶୂ ବୋହୂ ଫୁଡ୍ ଏକ୍ସପ୍ରେସ୍’, ‘ମିଷ୍ଟିର ଦୁଷ୍ଟାମୀ’ ଆଦି ଅନେକ ଟେଲି ଫିଲ୍ମ ସହିତ ‘କୁହୁଡ଼ି’, ‘ଯାଯାବର ୨.୦’, ‘ମୁରବୀ’ ପରି ଏକ ବାସ୍ତବଧର୍ମୀ ସିନେମାରେ ଅଭିନୟ କରିଛି।

**କେଉଁ ଚରିତ୍ର ଆପଣଙ୍କ କ୍ୟାରିୟର ପାଇଁ ଟର୍ଣ୍ଣିଂ ପଏଣ୍ଟ ଥିଲା ?**

● ‘ମୁରବୀ’ ସିନେମାର ଦ୍ୱାଇଁ ଚରିତ୍ର ମୋ କ୍ୟାରିୟରର ଟର୍ଣ୍ଣିଂ ପଏଣ୍ଟ। ଏଥିରେ ମୁଁ ବରିଷ୍ଠ ଅଭିନେତା କୁନା ତ୍ରିପାଠୀଙ୍କ ଦ୍ୱାଇଁ ସୁରଜ ଭୂମିକାରେ ଅଭିନୟ କରିଥିଲି। ଏହି ଚରିତ୍ରଟି କରିବାକୁ ମୁଁ ବହୁତ ପରିଶ୍ରମ କରିଥିଲି। ସିନେମା ନିର୍ମାତାଙ୍କ ମାର୍ଗଦର୍ଶନ ହିଁ ଚରିତ୍ରଟି ଦର୍ଶକଙ୍କ ହୃଦୟରେ ସ୍ଥାନ ପାଇଥିଲା। ମୋ ପାଇଁ ଚରିତ୍ର ଛୋଟ କି ବଡ଼ ନୁହେଁ, ଚରିତ୍ର କେତେ ଦମ୍‌ଦାର ହେବ ତା’ ଉପରେ ମୁଁ ଗୁରୁତ୍ୱ ଦିଏ।

**ଚରିତ୍ରକୁ ଜୀବନ୍ତ କରିବାକୁ ଲୋଟନ କ’ଣ କରନ୍ତି?**

● ଧାରାବାହିକ ହେଉ କି ଫିଲ୍ମର ନିର୍ମାତାଙ୍କ ସମ୍ମୁଖରେ ଜଣେ କଳାକାର ପୂରା ନଗ୍ନ। ଅର୍ଥାତ୍ ସେମାନେ ଯେଉଁପରି ନିର୍ଦ୍ଦେଶନା ଦେବେ, କଳାକାର ସେହି ଚରିତ୍ର ଅନୁସାରେ କାମ କରିଥାନ୍ତି। ତେଣୁ କଳାକାର ପାଇଁ ତା’ର ଚରିତ୍ର ହେଉଛି ଗୁରୁତ୍ୱପୂର୍ଣ୍ଣ। ମୋତେ ମିଳିଥିବା ଚରିତ୍ର ସାମ୍ନାରେ ମୁଁ ଲୋଟନ ବୋଲି ନିଜକୁ ଭୁଲି ଚରିତ୍ର ଭିତରେ ପଶିଯାଏ। ଏଥିପାଇଁ ପ୍ରତ୍ୟେକ ଦିନ ଅଭ୍ୟାସ ମଧ୍ୟ ଜାରି ରଖେ।

**ସୁଟିଂ ନଥିଲେ କ’ଣ କରନ୍ତି?**

● ଏକାକୀ ଟ୍ରାଭଲ୍ କରିବା ମୋତେ ପସନ୍ଦ।

**ଆଗାମୀ ଯୋଜନା?**

● ବାସ୍ତବ କାହାଣୀ, ଭଲ ସ୍କ୍ରିପ୍ଟକୁ ନେଇ ଫିଲ୍ମରେ କାମ କରିବାକୁ ଇଚ୍ଛା ଅଛି। ତା’ ସହିତ ଆଗାମୀ ଦିନରେ ମୁମ୍ବାଇରେ କାମ କରିବାକୁ ଯୋଜନା ରଖି ପ୍ରସ୍ତୁତ ଜାରି ରହିଛି।

**ସଫଳତାର ଶ୍ରେୟ କାହାକୁ ଦେବେ?**

● ବାପା ମା’ଙ୍କ ଆଶୀର୍ବାଦ ଆଉ ନିଜର କଠିନ ପରିଶ୍ରମ।

**ଡ୍ରିମ୍‌ରୋଲ୍?**

● ଡ୍ରିମ୍‌ରୋଲ ଶବ୍ଦ ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ ନୁହେଁ। ବରଂ ଜଣେ କଳାକାର ହିସାବରେ ମୋତେ ମିଳିଥିବା ଚରିତ୍ରଟି ଦର୍ଶକଙ୍କ ହୃଦୟକୁ ଛୁଇଁଲେ ସେହି ଚରିତ୍ରଟି ମୋ ପାଇଁ ଡ୍ରିମ୍‌ରୋଲ୍ ହୋଇଯିବ।

**ଅଭିନୟ ଜଗତକୁ ନୂଆ କରି ଆସୁଥିବା ପିଲାଙ୍କୁ କ’ଣ ବାର୍ତ୍ତା ଦେବେ?**

● କିଛି ଜଣ ନାଁ, ଟଙ୍କା ପାଇଁ ଏ ଲାଇନକୁ ଆସନ୍ତି। ଏହା କ୍ୟାରିୟର ଉପରେ ପ୍ରଭାବ ପକାଏ। ମୋ’ ମତରେ କଳାରେ ଜିଇଁ କଳାରେ ମରିବାର ଉଦ୍ଦେଶ୍ୟ ରଖି ଏ ଲାଇନ୍‌କୁ ଆସିବା ଦରକାର। ପ୍ରତ୍ୟେକ ପରିସ୍ଥିତିରେ ନିଜକୁ ଖାପଖୁଆଇ ଚଳିବା ସହିତ ଅଭ୍ୟାସ, କଠିନ ପରିଶ୍ରମ ଏବଂ ଭଲ ଅଭିନୟ କରିଲେ ଜଣେ ଏହି ଲାଇନ୍‌ରେ ତିଷ୍ଠି ପାରିବ। ■

# ‘ଦେବକନ୍ୟା’ରେ ଘୋଡ଼ାନାଚ କାହାଣୀ




ନିକଟରେ ଭୁବନେଶ୍ୱରସ୍ଥିତ ଉତ୍କଳ କନିକା ଗ୍ୟାଲେରିଆଠାରେ ବହୁ ପ୍ରତୀକ୍ଷିତ ଓଡ଼ିଆ ଚଳଚ୍ଚିତ୍ର ‘ଦେବକନ୍ୟା’ର ପୋଷ୍ଟର ଉନ୍ମୋଚନ ସହିତ ଟ୍ରେଲର ଏବଂ ଗୀତ ରିଲିଜ୍ ହୋଇଯାଇଛି। ସୁପ୍ରିମ୍ ଏଣ୍ଟରଟେନମେଣ୍ଟ ବ୍ୟାନରରେ ନିର୍ମିତ ଏହି ଚଳଚ୍ଚିତ୍ରକୁ ସୁରେଶ କୁମାର ସାହୁ ଏବଂ ଭାର୍ଗବୀ ତ୍ରିପାଠୀ ପ୍ରଯୋଜନା କରିଛନ୍ତି। ଶଙ୍କର ପ୍ରସାଦ ତ୍ରିପାଠୀଙ୍କ ଲିଖିତ କାହାଣୀ ଓ ଚିତ୍ରନାଟ୍ୟ ଉପରେ ଆଧାରିତ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ରାଶେଷ ମହାନ୍ତି (ସିଲୁ)। ସୁଦର୍ଶନ ସେନାପତି ଚିତ୍ରତ୍ତୋଳନ କରିଥିବା ବେଳେ ଚନ୍ଦ୍ରଶେଖର ମିଶ୍ର ସମ୍ପାଦନା ଦାୟିତ୍ୱ ତୁଲାଇଛନ୍ତି। ଅଭିନେତା ଶୁଭାଶିଷ ଶର୍ମା (ମଣ୍ଟୁ) ଏହି ଚଳଚ୍ଚିତ୍ରରେ ଏକ ଭିନ୍ନ ଭୂମିକାରେ ନଜର ଆସିବେ। ପୁରୀ ମାଟିର ପାରମ୍ପରିକ ଘୋଡ଼ାନାଚକୁ ଆଧାର କରି ଚଳଚ୍ଚିତ୍ରର କାହାଣୀ ଗତିଶୀଳ ହୋଇଛି। ଘୋଡ଼ାନାଚରେ ଝିଅ ବେଶ ହୋଇ ନାଚୁଥିବା ଜଣେ ପୁଅର ଜୀବନକୁ କେନ୍ଦ୍ର କରି ଏହି କାହାଣୀ ଗତିଶୀଳ। ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଓଡ଼ିଶାର ସଂସ୍କୃତି, ପରମ୍ପରା, ଲୋକକଳା ଓ ମାଟିର ମହକକୁ ଚଳଚ୍ଚିତ୍ରରେ ଗୁରୁତ୍ୱ ଦିଆଯାଇଛି। ପୋଷ୍ଟର, ଟ୍ରେଲର ଓ ଗୀତ ରିଲିଜ୍ ପରେ ଚଳଚ୍ଚିତ୍ରକୁ ନେଇ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ଆହୁରି ବଢ଼ିଛି। ଆସନ୍ତା ନଭେମ୍ବରରେ ‘ଦେବକନ୍ୟା’ ପ୍ରେକ୍ଷାଳୟକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ଘୋଷଣା କରାଯାଇଛି। ■

# ‘ଗେମ୍ ଓଭର୍’

ଏଥର ଦଶହରା ବଜାରରେ ଯନ୍ତାଳ ମାଡ଼ରେ ଧୂଳି ଉଡ଼ିବ। ଆଉ ଧୂଳି ଉଡ଼ାଇବେ ଓଲିଉଡ୍‌ର ଅର୍ଦ୍ଧେନ୍ଦୁ ସାହୁ। ତାଙ୍କୁ ସାଥ୍ ଦେବେ ସାଉଥ୍ ସୁପରଷ୍ଟାର୍ ପୁଷ୍ପରାଜ ଆଲ୍ଲୁ ଅର୍ଜୁନଙ୍କ କୋରିଓଗ୍ରାଫର୍ ଉର୍ବଶୀ ଚୌହାନ। ଦଶହରାରେ ଦର୍ଶକଙ୍କ ପାଇଁ ‘ଆଦିଲକ୍ଷ୍ମୀ ଏଣ୍ଟରଟେନ୍‌ମେଣ୍ଟ’ ବ୍ୟାନରରେ ଅର୍ଦ୍ଧେନ୍ଦୁ ନେଇ ଆସୁଛନ୍ତି ‘ଗେମ୍ ଓଭର୍’। ଏହାର ଆଇଟମ୍ ଗୀତ ‘ଯନ୍ତାଳ’ ଏବେ ଟ୍ରେଣ୍ଡିଂରେ ଅଛି। ଏହି ଗୀତଟି ମନୋଜ କୁମାର ପଣ୍ଡା ଲେଖିଥିବା ବେଳେ ତାକୁ ସଙ୍ଗୀତରେ ସଜାଇଛନ୍ତି ଅଭିଜିତ ତ୍ରିପାଠୀ। ଗୀତଟିକୁ ଗାଇଛନ୍ତି କଣ୍ଠଶିଳ୍ପୀ ଅସୀମା ପଣ୍ଡା, ସତ୍ୟଜିତ ପ୍ରଧାନ ଓ ଅନୁରାଗ ଦାସ। କୋରିଓଗ୍ରାଫି କରିଛନ୍ତି ଲୋକପ୍ରିୟ କୋରିଓଗ୍ରାଫର ଅମିତ ନାୟକ। ଏଥିରେ ଅର୍ଦ୍ଧେନ୍ଦୁ, ସୁପ୍ରିୟାଙ୍କ ସହିତ କୁନା ତ୍ରିପାଠୀ, ଜୀବନ ପଣ୍ଡା, ତ୍ରିଭୁବନ ପଣ୍ଡା, ଉଦିତ ଗୁରୁ, ବିଭାସ, ଅଂଶୁମାନ,ଓ ପ୍ରୀତିରଞ୍ଜନ ପ୍ରଧାନ ଅଭିନୟ କରିଛନ୍ତି। ବର୍ତ୍ତମାନ ଓଲିଉଡ୍ ଟାଉନ୍‌ରେ ଚର୍ଚ୍ଚା ଦଶହରାରେ ଘୋ ଘା କରିବେ ଅର୍ଦ୍ଧେନ୍ଦୁ। କାରଣ ସେ କେବଳ ଏ ଗୀତ ନୁହେଁ, ପୂରା ସିନେମାରେ ଭିନ୍ନ ଲୁକ୍ ସହ ଚରିତ୍ରରେ ନଜର ଆସୁଛନ୍ତି। ଯାହା ତାଙ୍କ କ୍ୟାରିଅରରେ ଆଉ ଏକ ମାଇଲଖୁଣ୍ଟ ହୋଇ ରହିବ। ତେବେ ଦେଖାଯାଉ ଅର୍ଦ୍ଧେନ୍ଦୁ ଦଶହରାରେ କାହାର ଗେମ୍ ଓଭର୍ କରିବେ। ■






## ପୁରୁଣା ଟୁରିଂ ସିନେମାର ଆଧୁନିକ ରୂପ:
# ସିନେମା ଘର

ଫିଲ୍ମ ତିଆରି ହେଉଛି, କିନ୍ତୁ ଦେଖାଯିବ କେଉଁଠି? ଏହା ଆଜିର ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପର ସବୁଠାରୁ ବଡ଼ ପ୍ରଶ୍ନ। ଫିଲ୍ମ ତିଆରି ହେବା ପରେ ଯଦି ଉପଯୁକ୍ତ ସ୍କ୍ରିନ୍ ନମିଳେ, ତେବେ ସମଗ୍ର ଆର୍ଥିକ ଚକ୍ର ଅଟକିଯାଏ। ଏହି ସଙ୍କଟରୁ ମୁକୁଳିବାର ଚିନ୍ତାରୁ ‘ସିନେମା ଘର’ର ପରିକଳ୍ପନା। ଓଡ଼ିଶାର ଘରେ ଘରେ ଓଡ଼ିଆ ସିନେମା ପହଞ୍ଚାଇବା ପାଇଁ ‘ସିନେମା ଘର’ ପ୍ରୋଜେକ୍ଟର ପ୍ରତିଷ୍ଠାତା ଶ୍ୟାମା ପ୍ରସାଦ ମିଶ୍ର ଏବଂ ମାନସ ସୁବୁଦ୍ଧି ନିକଟରେ ଏକ ସ୍ୱତନ୍ତ୍ର ଉତ୍ସବରେ ଘୋଷଣା କରିଥିଲେ। ଯେଉଁଠି ସ୍ଥାୟୀ ସିନେମା ହଲ୍ ନାହିଁ, ସେଠାରେ ଉପଲବ୍ଧ ହଲ୍, ଅଡିଟୋରିୟମ୍, କମ୍ୟୁନିଟି ହଲ୍ କିମ୍ବା ଉପଯୁକ୍ତ ବଡ଼ ସ୍ଥାନକୁ ଆଧୁନିକ ଉପକରଣରେ ସଜାଇ ସିନେମା ପ୍ରଦର୍ଶନ କରିବା। ‘ସିନେମା ଘର’ର ଆଉ ଏକ ଆକର୍ଷଣ ହେଉଛି ସୁଲଭ ଟିକେଟ୍। ପୂର୍ବରୁ ପରଦା ଓ ପ୍ରୋଜେକ୍ଟର୍ ନେଇ ସିନେମା ଗାଁକୁ ଯାଉଥିଲା; ଆଜି ସେହି ଚିନ୍ତା ଏଚ୍.ଡି.ଏଲ୍.ଇ.ଡି, ଡିଜିଟାଲ୍ ସାଉଣ୍ଡ ଓ ଆଧୁନିକ ପ୍ରଯୁକ୍ତି ସହ ପୁଣି ଫେରିପାରେ। ଏହି ଦୃଷ୍ଟିରୁ ‘ସିନେମା ଘର’କୁ ପୁରୁଣା ଟୁରିଂ ସିନେମାର ଆଧୁନିକ ରୂପ ବୋଲି କୁହାଯାଇପାରେ। ଏହି ପ୍ରୋଜେକ୍ଟ ଓଡ଼ିଆ ସିନେମା ପ୍ରଯୋଜକମାନଙ୍କ ପାଇଁ ଆର୍ଥିକ ଦିଗକୁ ସ୍ୱଚ୍ଛଳ କରିବା ସହିତ ଓଡ଼ିଶାର କୋଣ ଅନୁକୋଣରେ ଦର୍ଶକ ଓଡ଼ିଆ ସିନେମା ଦେଖି ପାରିବେ ବୋଲି ‘ସିନେମା ଘର’ ପ୍ରୋଜେକ୍ଟର ପ୍ରତିଷ୍ଠାତା ଶ୍ରୀ ମିଶ୍ର କହିଛନ୍ତି। ସହରରୁ ଗାଁ-ଗାଁରୁ ପଞ୍ଚାୟତ ପର୍ଯ୍ୟନ୍ତ ସିନେମା ପ୍ରେମୀଙ୍କୁ ଯୋଡ଼ିବାର ଏକ ନିଆରା ପ୍ରୟାସ ‘ସିନେମା ଘର’। ■

# ଖୁବ୍ ଶୀଘ୍ର ପ୍ରେକ୍ଷାଳୟକୁ ଆସୁଛି ‘ ହାଣ୍ଡିଆ ଭାଟି ’

## ସରିଲା ସୁଟିଂ, ଚାଲିଛି ପୋଷ୍ଟ ପ୍ରଡକ୍ସନ୍ କାମ

ନୂଆ ଓଡ଼ିଆ ଚଳଚ୍ଚିତ୍ର ‘ହାଣ୍ଡିଆ ଭାଟି’ର ଶୁଭ ମହୂରତ୍ ଗତ ୩ ତାରିଖ ଦିନ ଅନୁଷ୍ଠିତ ହେବା ସହ ଏହାର ଟାଇଟଲ୍ ଘୋଷଣା ଏବଂ ପୋଷ୍ଟର ରିଲିଜ୍ କରାଯାଇଛି। ବର୍ତ୍ତମାନ ଫିଲ୍ମର ସୁଟିଂ ଶେଷ ହୋଇଥିବା ବେଳେ ପୋଷ୍ଟ ପ୍ରଡକ୍ସନ୍ କାମ ଜୋରସୋରରେ ଚାଲିଛି। ଏକ ଭିନ୍ନ ଧରଣର କାହାଣୀକୁ ନେଇ ନିର୍ମିତ ହେଉଥିବା ଏହି ଚଳଚ୍ଚିତ୍ର ଖୁବ୍ ଶୀଘ୍ର ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ ବୋଲି ‘ହାଣ୍ଡିଆ ଭାଟି’ ଟିମ୍ ପକ୍ଷରୁ ସୂଚନା ଦିଆଯାଇଛି। ଦୀପକ କୁମାର ସ୍ୱାଇଁ ଏବଂ ଶୀଲାରାଣୀ ନାୟକଙ୍କ ପ୍ରଯୋଜନାରେ ନିର୍ମିତ ଏହି ଚଳଚ୍ଚିତ୍ରର କାହାଣୀ ଲେଖିଛନ୍ତି ଅନିଲ ବୋଇତି। ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱରେ ସତ୍ୟଜିତ୍ ଥିବା ବେଳେ, ସେ ମଧ୍ୟ ଏହାର ସଙ୍ଗୀତ, ସଂଳାପ, ଚିତ୍ରନାଟ୍ୟ ଏବଂ ଡିଓପି (DOP) ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ସମ୍ଭାଳିଛନ୍ତି। ଏଥିରେ ଗୀତ ରଚନା କରିଛନ୍ତି ସତ୍ୟଜିତ୍ ଏବଂ ଅମର କ୍ରିଷ୍ଣା। ସେହିପରି ଫିଲ୍ମର ସଙ୍ଗୀତ ସଂଯୋଜନା ଏବଂ ଆବହ ସଙ୍ଗୀତ (BGM) ଦାୟିତ୍ୱରେ ଅଛନ୍ତି ସୁଭାଷିଷ କୁମାର। ଏଥିରେ କାର୍ଯ୍ୟନିର୍ବାହୀ ପ୍ରଯୋଜକ ଭାବେ ସୁଜିତ ସିଂହ ରହିଛନ୍ତି। ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ ଦର୍ଶକମାନେ ଜୟଶ୍ରୀ ସଡଙ୍ଗୀ, ତାପସ ପାଣିଗ୍ରାହୀ ଏବଂ ଦେବକନ୍ୟାଙ୍କୁ ଦେଖିବାକୁ ପାଇବେ। ଅନ୍ୟାନ୍ୟ ପ୍ରମୁଖ ଭୂମିକାରେ ବିଶ୍ୱଜିତ ମଲ୍ଲିକ, ମନୋଜ ମହାନ୍ତି, ପ୍ରମିଳା ଜେନା, ବରିଷ୍ଠ ଅଭିନେତା ଅଶ୍ରୁମୋଚନ ମହାନ୍ତି, ବିଭାସ , RJ KP ଏବଂ ଉଦିତ ଗୁରୁଙ୍କ ସମେତ ଆହୁରି ଅନେକ ପ୍ରତିଭାବାନ କଳାକାର ଅଭିନୟ କରିଛନ୍ତି। ଭୁବନେଶ୍ୱର ସ୍ଥିତ ‘ଅକ୍ସଫୋର୍ଡ ଆଡଭର୍ଟାଇଜିଂ’ର ଅଶୋକ କୁମାର ସ୍ୱାଇଁ ଏବଂ ଆରତୀ ସ୍ୱାଇଁ ଏହି ଚଳଚ୍ଚିତ୍ରର ମିଡିଆ ପାର୍ଟନର (ଗଣମାଧ୍ୟମ ସହଯୋଗୀ) ଦାୟିତ୍ୱ ନିର୍ବାହ କରୁଛନ୍ତି। ଚଳଚ୍ଚିତ୍ର ନିର୍ମାଣରେ ସ୍ୱତନ୍ତ୍ର ସହଯୋଗ ପାଇଁ ଦେବାଶିଷ ରଥ ଏବଂ ମାନସ ନାୟକଙ୍କୁ ପ୍ରଯୋଜନା ସଂସ୍ଥା ପକ୍ଷରୁ ସ୍ୱତନ୍ତ୍ର କୃତଜ୍ଞତା ଜ୍ଞାପନ କରାଯାଇଛି। ଖୁବ୍ ଶୀଘ୍ର ଏହାର ଅଡିଓ ଏବଂ ଟ୍ରେଲର ରିଲିଜ୍ କରାଯିବ। ଏହି ନୂଆ ଚଳଚ୍ଚିତ୍ରକୁ ଦର୍ଶକମାନେ ଭରପୂର ଭଲପାଇବା ଦେବେ ବୋଲି ପ୍ରଯୋଜନା ସଂସ୍ଥା ଆଶାବ୍ୟକ୍ତ କରିଛନ୍ତି। ■



# ‘ଗୃହଲକ୍ଷ୍ମୀ’ ଆରମ୍ଭ



ଅକ୍ଟୋବର ୧୦ ତାରିଖରୁ ‘ଜୀ-ସାର୍ଥକ’ରେ ଆରମ୍ଭ ହୋଇଛି ନୂଆ ରିଆଲିଟି ଶୋ’ ‘ଗୃହଲକ୍ଷ୍ମୀ’। ସାଧାରଣ ଘରୋଇ ମହିଳାମାନଙ୍କ ଭିତରେ ଲୁଚି ରହିଥିବା ଅସାଧାରଣ ପ୍ରତିଭାକୁ ଲୋକଲୋଚନକୁ ଆଣିବା ହେଉଛି ‘ଗୃହଲକ୍ଷ୍ମୀ’ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଏହି ଶୋ’ର ପରିକଳ୍ପନା ବେଶ୍ ନିଆରା। ଏଥିରେ ଦୁଇ ପିଢ଼ିର ବିବାହିତା ମହିଳାମାନେ ଅଂଶଗ୍ରହଣ କରିଛନ୍ତି। ଯେଉଁଥିରେ ‘ସାନ ଭାଉଜ’ (୨୦ ରୁ ୩୦ ବର୍ଷ) ଏବଂ ‘ବଡ଼ ଭାଉଜ’ (୩୧ ରୁ ୪୦ ବର୍ଷ) ଏକାଠି ମଞ୍ଚକୁ ଆସିବେ। ଏହା କେବଳ ଏକ ସାଧାରଣ ପ୍ରତିଯୋଗିତା ନୁହେଁ, ବରଂ ଘରକରଣାର ବିଭିନ୍ନ ଦକ୍ଷତା। ପ୍ରତିଯୋଗୀମାନେ ନିଜର ଦକ୍ଷତା ମାଧ୍ୟମରେ ପ୍ରମାଣିତ କରିବେ ଯେ, ସେମାନେ କାହିଁକି ଏକ ପ୍ରକୃତ ‘ଗୃହଲକ୍ଷ୍ମୀ’। ପ୍ରଥମଥର ପାଇଁ କୃତ୍ରିମ ବୁଦ୍ଧିମତା ଅନୁସାରେ ବିଭିନ୍ନ ଖେଳ କରାଯାଉଛି। ବିଚାରପତି ଆସନରେ ଲୋକପ୍ରିୟ ଅଭିନେତ୍ରୀ ଲିପି ମହାପାତ୍ର ଏବଂ ଅଭିନେତା ପୁପିନ୍ଦର ରହିଛନ୍ତି। ସେପଟେ ପ୍ରତିଯୋଗୀମାନଙ୍କୁ ସଠିକ୍ ମାର୍ଗଦର୍ଶନ ଦେବା ପାଇଁ ମେଣ୍ଟର ଭାବରେ ଅନିଶା ମହାକୁଡ଼ ଏବଂ ପିଙ୍କି ପ୍ରଧାନ ନଜର ଆସିଛନ୍ତି। ସେହିପରି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ନିଜର ସୁନ୍ଦର ଉପସ୍ଥାପନା ଶୈଳୀରେ ବାନ୍ଧି ରଖିଛନ୍ତି ଆଙ୍କର ଲୋରିଆ ମହାନ୍ତି। ପ୍ରତି ଶନିବାର ଏବଂ ରବିବାର ରାତି ୯ଟା ୩୦ରେ ପ୍ରସାରଣ ହେବ। ■

# ଦିନିକିଆ ସିରିଜ୍‌ରୁ ଓ’ରୁର୍କି ବାଦ୍

**ଅକ୍‌ଲାଣ୍ଡ,୧୦।୧୦(ଏଜେନ୍ସି):** ମାଂସପେସୀରେ ଆଘାତ ଯୋଗୁଁ ନ୍ୟୁଜିଲାଣ୍ଡର ପ୍ରଭାବୀ ଫାଷ୍ଟ ବୋଲର ୱିଲିୟମ ଓ’ରୁର୍କିଙ୍କୁ ଭାରତ ବିପକ୍ଷ ଦିନିକିଆ ସିରିଜ୍‌ରୁ ବାଦ୍ ଦିଆଯାଇଛି । ସେ ଏବେ ଅସୁସ୍ଥ ଅଛନ୍ତି ଏବଂ ପୂରା ଫିଟ୍ ହୋଇନାହାନ୍ତି । ଅକ୍ଟୋବର ୨୨ରୁ ଡିସେମ୍ବର ୧ ମଧ୍ୟରେ ନ୍ୟୁଜିଲାଣ୍ଡ ସହ ଭାରତ ୫ଟି ଟି-୨୦, ୫ଟି ଦିନିକିଆ ଓ ୨ଟି ଟେଷ୍ଟ ମ୍ୟାଚ୍ ଖେଳିବ । ନ୍ୟୁଜିଲାଣ୍ଡରେ ଖେଳାଯିବାକୁ ଏହି ସିରିଜ୍ ଲାଗି ଘୋଷଣା କରାଯାଇଥିବା ଟି-୨୦ ଦଳରୁ ୨ଜଣ ଖେଳାଳି ମଧ୍ୟ ବାଦ୍ ପଡ଼ିଛନ୍ତି । ଆଘାତ କାରଣରୁ ମାର୍କ ଚାପମ୍ୟାନ୍ ଓ ଜାକ୍ ଫୋକ୍ସ ବାଦ୍ ପଡ଼ିଛନ୍ତି ।



ଏହାର ଅର୍ଥ ହେଲା ଭାରତ ବିପକ୍ଷରେ ଖେଳିବା ପୂର୍ବରୁ ନ୍ୟୁଜିଲାଣ୍ଡର ପ୍ରମୁଖ ଖେଳାଳି ଆହତ ହେବା ଶୁଭ ସୂଚନା ନୁହେଁ । ଦୁଇ ଦେଶ ମଧ୍ୟରେ ପ୍ରଥମେ ଟି-୨୦ ସିରିଜ୍ ଖେଳାଯିବ । ଟି-୨୦ ମ୍ୟାଚ୍ ଗୁଡ଼ିକ ଯଥାକ୍ରମେ ଅକ୍ଟୋବର ୨୨, ୨୪, ୨୭, ୩୦ ଓ ନଭେମ୍ବର ୧ରେ ଖେଳାଯିବ । ଏହା ପରେ ଦିନିକିଆ ସିରିଜ୍‌ର ମ୍ୟାଚ୍ ଗୁଡ଼ିକ ଯଥାକ୍ରମେ ନଭେମ୍ବର ୪, ୭, ୧୦, ୧୩ ଓ ୧୫ରେ ଖେଳାଯିବ । ଏହି ସିରିଜ୍ ଲାଗି ରବିବାର ନ୍ୟୁଜିଲାଣ୍ଡ ଟିମ୍ ଘୋଷଣା କରାଯିବ । ନଭେମ୍ବର ୧୯ରୁ ୨୩ ଯାଏ ପ୍ରଥମ ଟେଷ୍ଟ, ନଭେମ୍ବର ୨୭ରୁ ଡିସେମ୍ବର ୧ ଯାଏ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଖେଳାଯିବ ।

# ୯ ବର୍ଷ ପରେ ରେନଶା’ଙ୍କ ଶତକ

**ଡର୍ବାନ, ୧୦।୧୦ (ଏଜେନ୍ସି):** ଘରୋଇ ଆଫ୍ରିକା ବିପକ୍ଷରେ ଏଠାରେ ଚାଲିଥିବା ପ୍ରଥମ ଟେଷ୍ଟରେ ଅଷ୍ଟ୍ରେଲିଆ ଦୃଢ଼ ବ୍ୟାଟିଂ କରିଛି । ମଧ୍ୟକ୍ରମ ବ୍ୟାଟର ମାଥ୍ୟୁ ରେନଶ’ଙ୍କ ପ୍ରତୀକ୍ଷିତ ଶତକ ବଳରେ ଅଷ୍ଟ୍ରେଲିଆ ପ୍ରଥମ ପାଳିରେ ୩୯୦ ରନ କରି ଅଲ୍‌ଆଉଟ୍ ହୋଇଯାଇଛି । ଏକଦା ଅଷ୍ଟ୍ରେଲିଆ ୧୨୪ ରନରେ ୬ଟି ୱିକେଟ ହରାଇ ବିପର୍ଯ୍ୟୟରେ ପଡ଼ିଥିଲା । କିନ୍ତୁ ରେନଶ ୧୯୦ ରନର ଲଢୁଆ ପାଳି ଖେଳି ଅଷ୍ଟ୍ରେଲିଆକୁ ବିପର୍ଯ୍ୟୟରୁ ଉଦ୍ଧାର କରିଥିଲେ । ଦୀର୍ଘ ୯ ବର୍ଷ ପରେ ରେନଶ’ଙ୍କ



ଏହା ପ୍ରଥମ ଟେଷ୍ଟ ଶତକ ଥିଲା । ୨୦୧୭ରେ ସେ ପାକିସ୍ତାନ ବିପକ୍ଷରେ ଶତକ ମାରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଟ୍ରାଭିସ ହେଡ୍ ୯, ମାର୍ନଶ ଲାବୁଶ୍ନେନ ୩୭, ଷ୍ଟିଭ ସ୍ମିଥ ୨୫, ଅଧିନାୟକ ପ୍ୟାଟ୍ କମିନ୍ସ ୪୩, ନାଥନ ଲିୟନ ୨୭ ରନ କରିଥିଲେ । ବୋଲିଂରେ ଘରୋଇ ଦକ୍ଷିଣ ଆଫ୍ରିକା ପକ୍ଷରୁ ୱିଆନ ମଲଡର ୪, ମାର୍କୋ ଜାନସେନ ୩ ଓ ଆନରିଚ ନୋର୍ଜେ ୨ଟି ୱିକେଟ ନେଇଥିଲେ । ଜବାବରେ ପ୍ରଥମ ପାଳି ଆରମ୍ଭ କରିଥିବା ଦକ୍ଷିଣ ଆଫ୍ରିକା ଶନିବାର ଦ୍ୱିତୀୟ ଦିବସ ଷ୍ଟମ୍ପ ସୁଦ୍ଧା ୮.୪ ଓଭରରେ ଗୋଟିଏ ୱିକେଟ ହରାଇ ୨୭ ରନ କରିଛି ।

# ରୋନାଲ୍ଡୋ ସାମୟିକ ବାସନ୍ଦ

**ଲିସବନ୍, ୧୦।୧୦ (ଏଜେନ୍ସି):** ପର୍ତ୍ତୁଗାଲ ସୁପରଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋ ସାମୟିକ ବାସନ୍ଦର ସମ୍ମୁଖୀନ ହୋଇଛନ୍ତି । ପର୍ତ୍ତୁଗୀଜ୍ ଫୁଟବଲ୍ ଫେଡେରେସନ୍ (ଏଫପିଏଫ) ରୋନାଲ୍ଡୋଙ୍କୁ ଏହି ନିଲମ୍ବନ କରିଛି । ଚଳିତ ମାସ ଆରମ୍ଭରେ ଡେନମାର୍କ ବିପକ୍ଷରେ ମ୍ୟାଚ୍ ପୂର୍ବରୁ ରୋନାଲ୍ଡୋ କୋଚ୍ ଜର୍ଜ ଜିସସ୍‌ଙ୍କ ସହ ଝଗଡ଼ା କରି ଜାତୀୟ ଦଳର ପ୍ରଶିକ୍ଷଣ ଶିବିର ଛାଡ଼ି ଚାଲିଯାଇଥିଲେ । ତେଣୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଏଫ୍‌ପିଏଫ



ରୋନାଲ୍ଡୋଙ୍କୁ ଅସ୍ଥାୟୀ ଭାବରେ ନିଲମ୍ବିତ କରିଛି । ୪୧ ବର୍ଷୀୟ ରୋନାଲ୍ଡୋ ଏହି ଘଟଣା ଲାଗି ସାମାଜିକ ଗଣମାଧ୍ୟମରେ ତାଙ୍କ ପ୍ରଶଂସକଙ୍କୁ କ୍ଷମା ମାଗିଥିଲେ । ଏଥିସହ ଫେଡେରେସନ ଯାହାବି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବ ତାକୁ ଗ୍ରହଣ କରିବେ ବୋଲି ଏହି ଷ୍ଟାର୍ ଖେଳାଳି କହିଥିଲେ ।

### ଇନ୍ଦୋରର ଫ୍ଲାଟ ପିଚ୍ ଓ ସର୍ଟ ବାଉଣ୍ଡାରୀରେ ତୃତୀୟ ଟି-୨୦ ଆଜି

# ଭାରତର ଚିନ୍ତା: ହୋପ୍‌ଙ୍କୁ ଅଟକାଇବ କିଏ

ଇନ୍ଦୋର,୧୦।୧୦(ଏଜେନ୍ସି)

ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଚଳିତ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ର ତୃତୀୟ ମୁକାବିଲା ସ୍ଥାନୀୟ ହୋଲକାର ଷ୍ଟାଡିୟମ୍‌ରେ ରବିବାର ଖେଳାଯିବ । ଏହି ଷ୍ଟାଡିୟମ୍‌ର ଫ୍ଲାଟ ପିଚ୍ ଓ ସର୍ଟ ବାଉଣ୍ଡାରୀ ଯୋଗୁଁ ଏଠାରେ ହାଇସ୍କୋରିଂ ମୁକାବିଲା ଦେଖିବାକୁ ହେବ । ଏଠାରେ ପ୍ରଥମ ଇନିଂସରେ ହାରାହାରି ୨୦୦ ରନ୍ ସ୍କୋର ହେଉଥିଲାବେଳେ ଦ୍ୱିତୀୟ ଇନିଂସ ବା ରନ୍ ଚେଜ୍‌ରେ ୧୬୬ ରନ ହୋଇଛି । କିନ୍ତୁ ଏବେ କାକର ପଡୁଥିବାରୁ ରନ୍ ଚେଜ୍ ସହଜ ହେବ ବୋଲି ଅନୁମାନ କରାଯାଉଛି । ରାଞ୍ଚିରେ ଖେଳାଯାଇଥିବା ଦ୍ୱିତୀୟ ଟି-୨୦ରେ ଭାରତ ପ୍ରଦତ୍ତ ୨୫୦ ରନ୍‌ର ବିଶାଳ ଟାର୍ଗେଟ୍‌କୁ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ୍ ଗୋଟିଏ ଓଭର ଖେଳ ବାକିଥାଇ ହାସଲ କରିନେଇଥିଲା । ଅନ୍ତର୍ଜାତୀୟ ଟି-୨୦ରେ ଦ୍ୱିତୀୟ ସର୍ବାଧିକ ରନ୍ ଚେଜ୍‌ର ନେତୃତ୍ୱ ନେଇଥିଲେ ୱେଷ୍ଟଇଣ୍ଡିଜ୍ ଅଧିନାୟକ ଶେ ହୋପ୍ । ହୋପ୍ ୪୫ ବଲ୍‌ରେ ଶତକ ହାସଲ କରିବା ଏବଂ ଶେରଫାନ ରଦରଫୋର୍ଡଙ୍କ ସହ ମିଶି ୫୪ ବଲ୍‌ରୁ ୧୨୦ ରନ୍ କରିବା ଫଳରେ ଦଳ ସିରିଜ୍‌କୁ ୧-୧ ସମାନସ୍ତରକୁ ନେଇଆସିଛି । ଏହା ନିଃସନ୍ଦେହ ଉଭୟ ବ୍ୟାଟିଂ ଓ ଦଳର ନେତୃତ୍ୱ ନେଇଥିଲେ ହୋପ୍ । ସେ ଏବେ ତାଙ୍କ ଜୀବନର ଶ୍ରେଷ୍ଠ ଫର୍ମରେ ଅଛନ୍ତି । ଭାରତ ବିପକ୍ଷ ଗତ ୪ଟି ଦିନିକିଆରେ ସେ ୩ଟି ଶତକ ସହ ସିରିଜ୍‌ରେ ୪୩୨ ରନ୍ କରିସାରିଲେଣି । ଭାରତ ବିପକ୍ଷ ତୃତୀୟ ଦିନିକିଆରେ ୧୬୨ ଓ ଦ୍ୱିତୀୟ ଟି-୨୦ରେ ୧୦୨ ରନ୍ କରିଥିଲେ । ଏହା ମଧ୍ୟରୁ କେଉଁ ଇନିଂସକୁ ଶ୍ରେଷ୍ଠ କୁହାଯିବ ତାହା କହିବା ମୁସ୍କିଲ । କିନ୍ତୁ ଉଭୟ ଇନିଂସରେ ସେ ବିଜୟ ସୂଚକ ରନ୍ ସ୍କୋର କରିଥିଲେ । ଗତ ୪ଟି ମ୍ୟାଚ୍‌ରେ ସେ ଯଥାକ୍ରମେ ୧୦୪, ଅପରାଜିତ ୧୬୨, ୫୨ ଓ ଅପରାଜିତ ୧୦୨ ରନ୍ କରିଛନ୍ତି । ଇନ୍ଦୋର ପିଚ୍ ଫ୍ଲାଟ ଓ ସର୍ଟ ଥିବାରୁ ଏଠାରେ ମଧ୍ୟ ତାଙ୍କଠାରୁ ବଡ଼ ସ୍କୋର ଆଶା କରିବା ସ୍ୱାଭାବିକ୍ । ଏଣୁ ଭାରତକୁ ସିରିଜ୍‌ରେ ଅଗ୍ରଣୀ ନେବାକୁ ହେଲେ ହୋପ୍‌ଙ୍କୁ ଅଟକାଇବାକୁ ହେବ । ଏଭଳି ଫର୍ମରେ ଥିବା ଖେଳାଳିଙ୍କୁ କେବଳ ନିଜ ଦଳ ନୁହେଁ ଭାରତର ହେଡ୍ କୋଚ୍ ଗୌତମ ଗମ୍ଭୀରଙ୍କଠାରୁ ମଧ୍ୟ ପ୍ରଶଂସା ମିଳିଛି । ଏବେ ଭାରତର ଚିନ୍ତା ହୋପ୍‌ଙ୍କୁ ଅଟକାଇବ କିଏ? ସେ ତ ପେସ୍ ବୋଲରଙ୍କୁ ସହଜରେ ଖେଳୁଛନ୍ତି । ସ୍ପିନରଙ୍କୁ ମଧ୍ୟ ବଡ ସଟ୍ ମାରୁଛନ୍ତି । ଏଭଳି ସ୍ଥଳେ ହୋପ୍‌ଙ୍କ ଲାଗି ଭାରତ କି ପ୍ରକାର ଯୋଜନା କରୁଛି ତାହା ଆସନ୍ତାକାଲିର ମୁକାବିଲା ପରେ ଜଣାପଡ଼ିବ ।





ଘରୋଇ ମାଟିରେ ଖେଳୁଥିବାରୁ ଭାରତର ପ୍ରତିଦ୍ୱନ୍ଦ୍ୱୀଙ୍କ ଉପରେ ପ୍ରଭାବ ରହିବା କଥା । କିନ୍ତୁ ପିଚ୍ ବୋଲରଙ୍କୁ ସହାୟତା ଦେଉ ନ ଥିବା, ଫିଲ୍ଡରମାନେ ବୋଲର ଆଣୁଥିବା ସୁଯୋଗକୁ ହାତଛଡ଼ା କରିବାକୁ ନେଇ ହେଡ୍ କୋଚ୍ ଗମ୍ଭୀର ଚିନ୍ତାପ୍ରକଟ କରିଛନ୍ତି । ଦ୍ୱିତୀୟ ଟି-୨୦ରେ ୱେଷ୍ଟଇଣ୍ଡିଜ୍‌ର ରଦରଫୋର୍ଡ ୧୮ ବଲ୍‌ରେ ୩୮ ରନ୍ କରିଥିବାବେଳେ ମୟଙ୍କ ଯାଦବ ତାଙ୍କ କ୍ୟାଚ୍ ଛାଡିଦେଇଥିଲେ । ଏହାର ଫଳ କେବଳ ତାଙ୍କୁ ନୁହେଁ ପୂରା ଭାରତକୁ ମିଳିଥିଲା । ରଦରଫୋର୍ଡ ୩୭ ବଲରୁ ୮୪ ରନ୍ କରିଥିଲେ । ହୋପ୍‌ଙ୍କ ସହ ତାଙ୍କ ପାର୍ଟନରସିପ୍ ୱେଷ୍ଟଇଣ୍ଡିଜ୍‌ର ବିଜୟ ସହଜ କରିଦେଇଥିଲା । ଏଣୁ ଭାରତ ଲାଗି କେବଳ ହୋପ୍ କଣ୍ଟା ସାଜି ନାହାନ୍ତି, ବରଂ ଦଳର ଫିଲ୍ଡରମାନେ ଏହି କଣ୍ଟାମାନଙ୍କୁ ମଜଭୁତ କରିବାକୁ ସହାୟତା କରୁଛନ୍ତି । ଦଳର ବୋଲିଂ ମଧ୍ୟ ଚିନ୍ତାଜନକ । ସବୁଠାରୁ ଅଭିଜ୍ଞ ପେସର ଅର୍ଶଦୀପ ସିଂହ ଆଦୌ ଫର୍ମରେ ନାହାନ୍ତି । ସ୍ପିନରମାନେ ମଧ୍ୟ ଫ୍ଲାଟ ପିଚ୍‌ରେ ବଲ ଟର୍ଣ୍ଣ କରିପାରୁ ନାହାନ୍ତି । ଗୋଟିଏ ଭଲ କଥା ହେଲା ଫାଷ୍ଟ ବୋଲର ମୟଙ୍କ ଯାଦବଙ୍କ ଏକ୍ସପ୍ରେସ୍ ବୋଲିଂ । ସେ ପ୍ରଥମ ଓଭରରେ ୨ଜଣ ଖେଳାଳିଙ୍କୁ ବୋକା ବନାଇ ଆଉଟ କରିଥିଲେ । ଭାରତର ବ୍ୟାଟିଂ ଲାଇନ୍‌ରେ ରହିଛି । ଅଭିଷେକ ଶର୍ମା, ସଞ୍ଜୁ ସାମସନ ଓ ଇଶାନ କିଶାନ ଭଲ ଫର୍ମରେ ଅଛନ୍ତି । ଅଧିନାୟକ ଶ୍ରେୟସ ଆୟର ଫର୍ମକୁ ଫେରିଛନ୍ତି । ତିଲକ ବର୍ମା ସୁଯୋଗର ସଦ୍‌ବ୍ୟବହାର କରି ରାଞ୍ଚିରେ ସଫଳ ହୋଇଛନ୍ତି । ଘରୋଇ ଦଳର ବୋଲିଂ ଓ ଫିଲ୍ଡିଂରେ ଉନ୍ନତି ନ ହେଲେ ଭାରତ ଯେ ସିରିଜ୍ ହାତଛଡ଼ା କରିବ ଏହା ନିଃସନ୍ଦେହରେ ପୂର୍ବାନୁମାନ କରାଯାଇପାରେ ।

**ଖେଳ ସମୟ- ରାତି ୭ଟା**
**ପ୍ରସାରଣ- ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ**
**ଲାଇଭ୍ ଷ୍ଟ୍ରିମିଂ- ଜିଓ ହଟ୍‌ଷ୍ଟାର ।**

### ଆଇଏସ୍‌ଏଲ୍-୧୩ ଆରମ୍ଭ

# ଉଦ୍‌ଘାଟନୀରେ ବାଜି ମାରିଲା ବେଙ୍ଗାଲୁରୁ

**ବେଙ୍ଗାଲୁରୁ, ୧୦।୧୦ (ଏଜେନ୍ସି):** ଭାରତୀୟ ଘରୋଇ ଫୁଟବଲ୍‌ରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିବା ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସଏଲ)’ର ୧୩ତମ ସଂସ୍କରଣ ଶନିବାରଠାରୁ ଆରମ୍ଭ ହୋଇଛି । ରୋମାଞ୍ଚକର ଉଦ୍‌ଘାଟନୀ ମ୍ୟାଚରେ ବେଙ୍ଗାଲୁରୁ ଏଫ୍‌ସି ୩-୨ ଗୋଲ୍‌ରେ ସ୍ପୋର୍ଟିଂ କ୍ଲବ ଦିଲ୍ଲୀକୁ ପରାସ୍ତ କରିଛି । ସ୍ଥାନୀୟ ଶ୍ରୀ କାନ୍ତିବୀର ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚର ଶେଷ ମିନିଟରେ ଗୋଲ୍ ଦେଇ ମେନୋ କୋଚ୍ ବେଙ୍ଗାଲୁରୁକୁ ବିଜୟୀ କରାଇଥିଲେ । ବୋର୍ଜା ମାର୍ଟିନେଜ ଦଳ ପକ୍ଷରୁ ସର୍ବାଧିକ ଦୁଇଟି ଗୋଲ୍ ଦେଇଥିଲେ ।



ସେ ୨୨ତମ ମିନିଟରେ ବେଙ୍ଗାଲୁରୁ ପାଇଁ ପ୍ରଥମ ଗୋଲ୍‌ସ୍କୋର କରିଥିଲେ । ମ୍ୟାଚ୍‌ଟି ରୋମାଞ୍ଚକ ଭାବେ ଶେଷ ହୋଇଥିଲା । ସେହିପରି ଆଜି ଚେନ୍ନାୟିନ୍ ଏଫ୍‌ସି ଏବଂ ଏଫ୍‌ସି ଗୋଆ ମଧ୍ୟରେ ଆଜି ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚ୍ ଡ୍ର ରହିଥିଲା । ଉଭୟ ଦଳ ଗୋଟିଏ ଲେଖାଏଁ ଗୋଲ ଦେବାରେ ସଫଳ ହୋଇଥିଲେ । ଗୋଆ ପକ୍ଷରୁ ଟିକି ଓ ଚେନ୍ନାୟିନ୍ ପକ୍ଷରୁ ଇର୍ଫାନ ଗୋଲ ସ୍କୋର କରିଥିଲେ । ଆସନ୍ତାକାଲି ଇଣ୍ଟର କାଶୀ ବନାମ କେରଳା ବ୍ଲାଷ୍ଟର୍ସ ମଧ୍ୟରେ ପ୍ରଥମ ମ୍ୟାଚ୍ ଏବଂ ଚର୍ଚ୍ଚିଲ ବ୍ରଦର୍ସ ବନାମ ମୁମ୍ବଇ ସିଟି ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି ।

### ୧୯ ବର୍ଷରୁ କମ୍ କ୍ରିକେଟ

# ଓଡ଼ିଶାର ଉଭୟ ଦଳ ହାରିଲେ

**ଭୁବନେଶ୍ୱର,୧୦।୧୦(ସମିସ):** ବିସିସିଆଇ ଘରୋଇ କ୍ରିକେଟରେ ଆଜି ଖେଳାଯାଇଥିବା ୧୯ ବର୍ଷରୁ କମ୍ ସୀମିତ ଓଭର କ୍ରିକେଟରେ ଓଡ଼ିଶାର ଉଭୟ ଦଳ ପରାଜିତ ହୋଇଛନ୍ତି । ଉତ୍ତରପ୍ରଦେଶଠାରୁ ବାଳକ ୭ ୱିକେଟରେ ଓ ଝାଡଖଣ୍ଡଠାରୁ ବାଳିକା ଦଳ ୬ ୱିକେଟରେ ପରାଜିତ ହୋଇଛି । ବାଳିକା ବିଭାଗରେ ଓଡ଼ିଶାର ଏହା କ୍ରମାଗତ ପରାଜୟ ।



ପୁଡୁଚେରୀରେ ଖେଳାଯାଇଥିବା ବିନୁମଙ୍କଡ ଟ୍ରଫିରେ ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ୪୯.୧ ଓଭରରେ ୨୪୮ ରନ୍ କରିଥିଲା । ଦଳ ପକ୍ଷରୁ ପାନକଳ ମୋକ୍ଷିତ ସର୍ବାଧିକ ୬୮ ଓ ରୁଦ୍ରପ୍ରସାଦ ମଲ୍ଲିକ ୩୮ ରନ୍‌ରେ ଯୋଗଦାନ ଦେଇଥିଲେ । ଜବବରେ ଯୁବରାଜଙ୍କ ଅପରାଜିତ ୧୨୦ ରନ୍ ସହାୟତାରେ ଉତ୍ତରପ୍ରଦେଶ ୩୬.୫ ଓଭରରେ ମାତ୍ର ୩ ୱିକେଟ ହରାଇ ବିଜୟୀ ହୋଇଥିଲା । ତୀର୍ଥଙ୍କର ସାହୁ ଓଡ଼ିଶା ପକ୍ଷରୁ ଦୁଇଟି ୱିକେଟ ଅକ୍ତିଆର କରିଥିଲେ ।

ଅଲୁରରେ ମହିଳା ଦଳ ମଧ୍ୟ ପ୍ରଥମେ ବ୍ୟାଟିଂ କରିଥିଲା ଓ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୮୨ ରନ୍ କରିଥିଲା । ଅନୁସ୍କା ମହାନ୍ତି ୨୪ ଓ ଶିତଳ ରାଉତ ୧୭ ରନ୍ କରିଥିଲେ । ଜବାବରେ ଝାଡଖଣ୍ଡ ୧୪.୧ ଓଭରରେ ୪ ୱିକେଟ ହରାଇ ବିଜୟୀ ହୋଇଥିଲା । ପରାଜିତ ଓଡ଼ିଶା ପକ୍ଷରୁ ଅନନ୍ୟା ରାଉତ ୨ଟି ଓ ପ୍ରିୟଦର୍ଶିନୀ ପ୍ରମାଣିକ ଗୋଟିଏ ୱିକେଟ ପାଇଥିଲେ ।

# ଜାତୀୟ ସିନିଅର ହକିରେ ଓଡ଼ିଶାର ବିଜୟ ଅଭିଯାନ

**ଭୁବନେଶ୍ୱର, ୧୦।୧୦ (ସମିସ):** ଉତ୍ତର ପ୍ରଦେଶର ଝାନସୀଠାରେ ଶନିବାରଠାରୁ ଜାତୀୟ ସିନିଅର ପୁରୁଷ ହକିର ୧୬ତମ ସଂସ୍କରଣରେ ଓଡ଼ିଶା ଦମ୍‌ଦାର ବିଜୟରୁ ଅଭିଯାନ ଆରମ୍ଭ କରିଛି । ପୁଲ୍-ଏ’ରେ ସ୍ଥାନ ପାଇଥିବା ଓଡ଼ିଶା ପ୍ରଥମ ମ୍ୟାଚରେ ୧୮-୧ ଗୋଲର ବିଶାଳ ବ୍ୟବଧାନରେ ଉତ୍ତରାଖଣ୍ଡକୁ ହରାଇଦେଇଛି । ଆର୍ଯ୍ୟନ ଖେସ ଓ ସୁଦୀପ ଚିରମାକୋ ହ୍ୟାଟ୍ରିକ ସହ ସର୍ବାଧିକ ୪ଟି ଗୋଲ୍ ଦେଇଥିଲେ । ସେହିଭଳି ଆକାଶ ସୋରେଙ୍ଗ, ଅଜୟ ଏକ୍କା, ଅନମୋଲ ଏକ୍କା ଓ ଦୀପକ ମିଞ୍ଜଙ୍କ ଷ୍ଟିକରୁ ଦୁଇଟି ଲେଖାଏ ଗୋଲ୍ ବାହାରିଥିଲା ।

### ଚତୁର୍ଥ ୟୁନିଲାଇଟ୍ କପ୍ ଆନ୍ତଃ ସ୍କୁଲ ଫୁଟବଲ

# ସେମିରେ କିସ୍ ଓ କ୍ୟାପିଟାଲ

**ଭୁବନେଶ୍ୱର,୧୦।୧୦(ସମିସ):** ଭୁବନେଶ୍ୱର ଭେଟେରାନ ଫୁଟବଲ ପ୍ଲେୟାର୍ସ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ଚତୁର୍ଥ ୟୁନିଲାଇଟ୍ କପ୍ ଆନ୍ତଃ ସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟରେ କ୍ୟାପିଟାଲ ଓ କିସ୍ ହାଇସ୍କୁଲ ସେମିଫାଇନାଲରେ ପ୍ରବେଶ କରିଛନ୍ତି । ଶନିବାର ଖେଳାଯାଇଥିବା ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ କ୍ୟାପିଟାଲ ଟାଇବ୍ରେକରରେ ୫-୪ ଗୋଲରେ ଜଟଣୀର କୁଶମାଟି ହାଇସ୍କୁଲକୁ ତୃତୀୟ ଦଳ ଭାବେ ସେମିକୁ ଉଠିଛି । କୁଶମାଟିର ରାକେଶ ବାରିକଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ସ୍ୱର୍ଗତ ଚିନ୍ମୟ ଦାସ ସ୍ମାରକୀଙ୍କ ସ୍ମୃତିରେ ପ୍ରଦାନ କରାଯାଇଥିଲା । ମଧ୍ୟାନ୍ତରରେ ଭୁବନେଶ୍ୱରର ପୁରାତନ ଖେଳାଳି ଯଥା ନୀଳମାଧବ ଦେଓ, ଶିଶିର ମହାନ୍ତି, ଶୁଭେନ୍ଦୁ ଦାସ, ବାବୁଲି ଜେନା ଓ ଅରୁଣ ଲେଙ୍କାଙ୍କୁ ସ୍ୱର୍ଗତ ଆଶୋକ ମହାନ୍ତି ସ୍ମାରକୀ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଅନ୍ୟ ଏକ କ୍ୱାର୍ଟର ମୁକାବିଲାରେ କିସ୍ ସ୍କୁଲ ୭-୦ ଗୋଲରେ କଳିଙ୍ଗ ନଗରର ଟାଟା ଷ୍ଟିଲ ଲୋୟଲା ସ୍କୁଲକୁ ପରାସ୍ତ କରି ଚତୁର୍ଥ ଦଳ ଭାବେ ସେମିକୁ ଉଠିଛି । ଦ୍ୱିତୀୟ ମ୍ୟାଚ୍‌ରେ ଅତିଥି ଭାବେ ଟାଟା ଷ୍ଟିଲର ହେଡ ସ୍ପୋର୍ଟ୍ସ ଅନୁରକ୍ତ ସ୍ୱାଇଁ, କ୍ଲବର ଉପସଭାପତି ବିବେକାନନ୍ଦ ଦାସ, ଅରୁଣ କୁମାର ବଳିୟାରସିଂ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ । ଶେଖାୱତ ଅଲି ଖାନ୍, ଚନ୍ଦ୍ରକାନ୍ତ ବାରିକ, ଏସ୍ ସାମିନ୍ତରାୟ, ଟି ମୋହନ ରାଓ ମ୍ୟାଚ୍ ପରିଚାଳନା କରିଥିଲେ । ରବିବାର ପ୍ରଥମ ସେମିରେ ବିକାଶ ସ୍କୁଲ ଓ ଓଡିଏମ୍ ମଧ୍ୟରେ ଖେଳାଯିବ ।



### ଆଜିଠାରୁ ରଣଜୀ ଟ୍ରଫି କ୍ରିକେଟ

# ଅହମଦାବାଦରେ ଓଡ଼ିଶା-ଗୁଜରାଟ ମୁକାବିଲା

ଭୁବନେଶ୍ୱର,୧୦।୧୦(ସମିସ)

ଭାରତୀୟ ଘରୋଇ କ୍ରିକେଟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟ ରଣଜୀ ଟ୍ରଫି ଆସନ୍ତାକାଲିଠାରୁ ୧୯ଟି ବିଭିନ୍ନ ସେଣ୍ଟରରେ ଆରମ୍ଭ ହେଉଛି । ଚଳିତ ବା ୨୦୨୬-୨୭ ସିଜନରେ ରଣଜୀ ଏଲିଟ-ସି’ ଗ୍ରୁପ୍‌ରେ ସ୍ଥାନ ପାଇଥିବା ଓଡ଼ିଶା ତାହାର ପ୍ରଥମ ମ୍ୟାଚ୍ ଗୁଜରାଟ ସହ ଅହମଦାବାଦ୍‌ରେ ଖେଳିବ । ଗୁଜରାଟ ଭଳି ଏକ ଶକ୍ତିଶାଳୀ ଦଳ ବିପକ୍ଷରେ ମୁକାବିଲା କରିବା ପୂର୍ବରୁ ଓଡ଼ିଶାର ପ୍ରସ୍ତୁତି ଓ ପ୍ରଦର୍ଶନ ଆଦୌ ବିଶ୍ୱସନୀୟ ହୋଇନାହିଁ । ପୁଡୁଚେରୀରେ ଓଡ଼ିଶା କେବଳ ଏକ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଖେଳିଥିଲା । ସେହି ଟୁର୍ଣ୍ଣାମେଣ୍ଟ ଖେଳିଥିବା ଅଧା ଖେଳାଳି ଓଡ଼ିଶା ରଣଜୀ ଦଳରେ ସ୍ଥାନ ପାଇନାହାନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସିଜନ ଆରମ୍ଭ ପୂର୍ବରୁ ଶିବିର କରିବା । ଶିବିର ହୋଇଛି ସତ, କିନ୍ତୁ ଖେଳାଳିମାନେ ପ୍ରସ୍ତୁତି କରିବାକୁ ପର୍ଯ୍ୟାପ୍ତ ସମୟ ପାଇନାହାନ୍ତି । ଏହାର ଦୁଇଟି ମୁଖ୍ୟ କାରଣ ହେଲା ବର୍ଷା ଏବଂ ଓଡ଼ିଶା ଟି-୨୦ ଲିଗ୍ କ୍ରିକେଟ । ବର୍ଷା ଯୋଗୁ ଶିବିର କିମ୍ବା ଅଭ୍ୟାସ ମ୍ୟାଚ୍‌ରେ ବାଧା ସୃଷ୍ଟି ହୋଇଥିଲା । ଟି-୨୦ ଲିଗ୍‌ରେ ପ୍ରାୟ ସମସ୍ତ ଖେଳାଳି ସାମିଲ ଥିବାରୁ ୪ ଦିନିଆ ଫର୍ମାଟରେ ଖେଳିବାକୁ ସେମାନେ ସୁଯୋଗ ପାଇ ନାହାନ୍ତି । ଏଣୁ ଗୁଜରାଟ ବିପକ୍ଷରେ ଯେଉଁ ଖେଳାଳି ଫର୍ମାଟ ସହ ଆଡଜଷ୍ଟ କରିପାରିବ, କେବଳ ସେହି ଖେଳାଳିମାନେ ଭଲ ପ୍ରଦର୍ଶନ କରିପାରିବେ ।

ଗତସିଜନର ରଣଜୀ ପ୍ରଦର୍ଶନ ଓଡ଼ିଶା ଲାଗି ଆଦୌ ଉତ୍ସାହଜନକ ନ ଥିଲା । କିଛି ନୂଆ ଖେଳାଳି ଦଳକୁ ଲଢୁଆ ପ୍ରଦର୍ଶନ କରିବାକୁ ସୁଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରେ ବାମହାତୀ ସ୍ପିନର ସୟଦ ତୁଫାଏଲ ଅନ୍ୟତମ । ବାଦଲ ବିଶ୍ୱାଳ ଓ ରାଜେଶ ମହାନ୍ତିଙ୍କ ସେ ଓଡ଼ିଶାର ବୋଲିଂ ଭାର ସମ୍ଭାଳିବେ । ଅନ୍ୟମାନଙ୍କଠାରୁ ଉପଯୁକ୍ତ ସହାୟତା ମିଳିବ ବୋଲି ଆଶା କରାଯାଇପାରେ । ବ୍ୟାଟିଂରେ ଏକମାତ୍ର ଭରସାଯୋଗ୍ୟ ବ୍ୟାଟର ହେଉଛନ୍ତି ଅଧିନାୟକ ଶୁଭ୍ରାଂଶୁ ସେନାପତି । ତାଙ୍କ ସଫଳତା ଉପରେ ଓଡ଼ିଶାର ବ୍ୟାଟିଂ ନିର୍ଭର କରିବ । ଗତ ସିଜନ ଆରମ୍ଭରେ ଓପନର ସ୍ୱସ୍ତିକ ସାମଲ ଯେମିତି ଚମକାଇଲେ, ଠିକ୍ ସେହିପରି ପରେ ଫ୍ଲପ୍ ହେଲେ । ପ୍ରତିଭାବାନ ଓମଟି ମୁଣ୍ଡେଙ୍କ ଉପରେ ଦଳ ଭରସା ରଖିଛି । ଗୌରବ ଚୌଧୁରୀ, ସନ୍ଦୀପ ପଟ୍ଟନାୟକ ଓ ଶାନ୍ତନୁ ମିଶ୍ରଙ୍କଠାରୁ ମଧ୍ୟ ଭଲ ଇନିଂସ ଆଶା କରାଯାଇପାରେ । ଆଧୁନିକ ରଣଜୀ ଇତିହାସରେ ଅସହାୟ ଓଡ଼ିଶା ପ୍ରଥମଥର ଲାଗି ଦୁଇଜଣ ରାଜ୍ୟ ବାହାର ଖେଳାଳି ଯଥା ନିନାଦ ରାଠୱା ଓ ଲଳିତ ଯାଦବଙ୍କୁ ଦଳରେ ସାମିଲ କରିଛି । ଏହାର ଅର୍ଥ ଓଡ଼ିଶାରେ ପ୍ରତଭା ସଂକଟ ସୃଷ୍ଟି ହୋଇଛି । ଏହି ଦୁଇଜଣ ଯଦି ଓଡ଼ିଶା ଲାଗି କିଛି ଭଲ ପ୍ରଦର୍ଶନ ଦେଲେ, ତେବେ ଅନଭିଜ୍ଞ କ୍ରିକେଟ ପ୍ରଶାସକଙ୍କୁ ଆନନ୍ଦ ମିଳିବା ନିଶ୍ଚିତ । ଏହି ଦୁଇଜଣଙ୍କ ସହ ନୂଆ ହେଡ୍ କୋଚ୍ ପ୍ରଭଞ୍ଜନ ମଲିକଙ୍କ ଉପରେ ମଧ୍ୟ ରାଜ୍ୟ କ୍ରିକେଟପ୍ରେମୀଙ୍କ ନଜର ରହିଛି ।

ଚିନ୍ତନ ଗଜଙ୍କ ନେତୃତ୍ୱରେ ଗୁଜରାଟର ପ୍ରଦର୍ଶନ ଭଲ ରହିଛି । ଦଳରେ ଏକାଧିକ ଖେଳାଳି ଭାରତ ଜର୍ସି ପିନ୍ଧିବାରେ ସଫଳ ହୋଇଛନ୍ତି । ଏମାନେ ଓଡ଼ିଶାକୁ ପରାଜିତ କରିବାକୁ ସମସ୍ତ ଯୋଜନା କରିଛନ୍ତି । ଘରୋଇ ମାଟିରେ ଖେଳୁଥିବାରୁ ଏହି ଦଳ ବିଜୟରୁ ଅଭିଯାନ ଆରମ୍ଭ କରିବାକୁ ନିଶ୍ଚିତ ଚାହିଁବ । ଓଡ଼ିଶା ବିପକ୍ଷରେ ଦଳ ୫ଟି ମ୍ୟାଚ୍ ଖେଳି ୪ଟିରେ ସହଜ ବିଜୟ ହାସଲ କରିଛି ଏବଂ ଅନ୍ୟ ଡ୍ର ମ୍ୟାଚ୍‌ରେ ପ୍ରଥମ ଇନିଂସ ଅଗ୍ରଣୀ ନେଇଛି । ତେବେ ଏହି ଓଡ଼ିଶା ଦଳ ଏକତରଫା ଭାବେ ମ୍ୟାଚ୍ ହାତଛଡ଼ା କରିବ ନାହିଁ ବୋଲି ଆଶା କରାଯାଇପାରେ ।



**ଓଡ଼ିଶା ଦଳ**

ଶୁଭ୍ରାଂଶୁ ସେନାପତି (ଅଧିନାୟକ), ସ୍ୱସ୍ତିକ ସାମଲ, ଗୌରବ ଚୌଧୁରୀ, ଶାନ୍ତନୁ ମିଶ୍ର, ସନ୍ଦୀପ ପଟ୍ଟନାୟକ, ଓମ୍‌ଟି ମୁଣ୍ଡେ, ଶ୍ରେୟାଂଶ ଭରଦ୍ୱାଜ, ସୌମ୍ୟରଞ୍ଜନ ଲେଙ୍କା, ଆଶୀର୍ବାଦ ସ୍ୱାଇଁ ଓ ଦିନେଶ ମାଝୀ (ଉଭୟ ୱିକେଟ ରକ୍ଷକ), ନିନାଦ ରାଠୱା, ବାଦଲ ବିଶ୍ୱାଳ, ସୟଦ ତୁଫାଏଲ ଅହମ୍ମଦ୍, ସମ୍ବିତ ବେଜା, ରାଜେଶ ମହାନ୍ତି, ଲଳିତ ଯାଦବ, ପ୍ରଶାନ୍ତ ରଣା ।

**ଗୁଜରାଟ ଦଳ**

ଚିନ୍ତନ ଗଜ (ଅଧିନାୟକ), ଉର୍ଭିଲ ପଟେଲ, ଆର୍ଯ୍ୟ ଦେଶାଇ, ଅମିତ ଦେଶାଇ, ସିଦ୍ଧାର୍ଥ ଦେଶାଇ, ଅଭିଷେକ ଦେଶାଇ, ମନନ୍ ହିଙ୍ଗ୍ରାଜିଆ, ପ୍ରିୟଜିତସିଂ ଜାଡେଜା, କ୍ଷୀତିଜ ପଟେଲ, ଆର୍ଜନ ନାଗସୱାଲା, ଜୟମିତ ପଟେଲ, ହର୍ଷିଲ ପଟେଲ, ସରଳ ପ୍ରଜାପତି, ପ୍ରିୟେଶ ପଟେଲ, ବେଦାନ୍ତ ତ୍ରିବେଦୀ, ବିଶାଲ ଜୟସ୍ୱାଲ ।

# ୩୮ ଦଳ; ୧୩୮ ମ୍ୟାଚ୍

**ନୂଆଦିଲ୍ଲୀ, ୧୦।୧୦ (ଏଜେନ୍ସି):** ଭାରତୀୟ ଘରୋଇ କ୍ରିକେଟର ସବୁଠାରୁ ଶ୍ରେଷ୍ଠ ପ୍ରତିଯୋଗିତା ରଣଜୀ ଟ୍ରଫିର ୯୨ତମ ସଂସ୍କରଣ ରବିବାରଠାରୁ ଆରମ୍ଭ ହେବାକୁଯାଉଛି । ଏହି ମେଗା ଟୁର୍ଣ୍ଣାମେଣ୍ଟ ଦୁଇଟି ପର୍ଯ୍ୟାୟରେ ମାର୍ଚ୍ଚ ୩ ତାରିଖ ପର୍ଯ୍ୟନ୍ତ ଖେଳାଯିବ । ଏଥିରେ ସାରା ଭାରତରୁ ୩୮ଟି ଦଳ ଅଂଶଗ୍ରହଣ କରିବେ । ଚଳିତ ସିଜନରେ ଫାଇନାଲକୁ ମିଶାଇ ମୋଟ୍ ୧୩୫ଟି ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି । ରବିବାରଠାରୁ ଦେଶର ବିଭିନ୍ନ ଗ୍ରାଉଣ୍ଡରେ ପ୍ରଥମ ରାଉଣ୍ଡର ୧୯ଟି ମ୍ୟାଚ୍ ଆରମ୍ଭ ହେବ । ଲୋକେଶ ରାହୁଲ, ରବୀନ୍ଦ୍ର ଜାଡେଜା, ମହମ୍ମଦ ସାମି, ମହମ୍ମଦ ସିରାଜଙ୍କ ପରି ବରିଷ୍ଠ ଖେଳାଳି ପ୍ରଥମ ରାଉଣ୍ଡରେ ନଜରରେ ରହିବେ । ଡିଫେଣ୍ଡିଂ ଚାମ୍ପିଅନ ଜମ୍ମୁ-କାଶ୍ମୀର ପ୍ରଥମ ରାଉଣ୍ଡରେ ମଧ୍ୟପ୍ରଦେଶ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ । ଗତ ସଂସ୍କରଣର କର୍ଣ୍ଣାଟକ ବିପକ୍ଷ ଫାଇନାଲରେ ଜମ୍ମୁ-କାଶ୍ମୀର ପ୍ରଥମ ଇନିଂସ ଅଗ୍ରଣୀଭିତ୍ତିରେ ବିଜୟୀ ହୋଇ ଟାଇଟଲ୍ ହାସଲ କରିଥିଲା ।



PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି
EXECUTIVE EDITOR: RANJIT MOHANTY